ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୫/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 25/2026 Page 16 ₹ 7.00 | RAYAGADA

୫୨ଶ ଭାଗ ୬୩ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 52 ISSUE 63 ମୂଲ୍ୟ₹୭/-


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

### ପରମ ପୂଜ୍ୟ
## ସ୍ୱର୍ଗତ ଶ୍ରୀ ଦୁଃଶାସନ ସାହୁ
### ଚେୟାରମ୍ୟାନ୍, ଦ ୱାର୍ଲ୍ଡ ଗ୍ରୁପ୍



(୪ ଫେବୃଆରୀ ୧୯୩୫ – ୧୫ ଜାନୁଆରୀ ୨୦୨୬)

**ଓଁ ଶାନ୍ତି**

ଗଭୀର ଦୁଃଖ ସହିତ ଏହା ଜଣାଇବାକୁ ଚାହୁଁଛୁ ଯେ ଯୋଡ଼ା, କେନ୍ଦୁଝରର ଜଣେ ପ୍ରମୁଖ ସାମାଜିକ ବ୍ୟକ୍ତିତ୍ୱ,
**ଶ୍ରୀ ଦୁଃଶାସନ ସାହୁ ଆମ ଗହଣରେ ଆଉ ନାହାନ୍ତି ।**
ତା୧୫.୦୧.୨୦୨୬ରିଖ ରେ, ସେ ପରଲୋକ ପ୍ରାପ୍ତ କରି ସ୍ୱର୍ଗଧାମକୁ ଗମନ କରିଛନ୍ତି ।

*"ଆପଣ ନିଜ ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ଦ୍ୱାରା ଯେଉଁ ପ୍ରେମ ଓ କରୁଣାର ଶିକ୍ଷା ଦେଇଥିଲେ,
ସେଗୁଡ଼ିକ ସଦା ଆମ ହୃଦୟରେ ସଜୀବ ରହିବ । ଆପଣ ଆମକୁ ଜୀବନର ଭଲ ଦିଗଗୁଡ଼ିକ ଦେଖିବାକୁ
ଶିଖାଇଥିଲେ ଓ ଆମକୁ ଆହୁରି ଭଲ ମଣିଷ ହେବାକୁ ପ୍ରେରିତ କରିଥିଲେ ।
ଆପଣଙ୍କ ସ୍ମିତ ହସ ସଦା ଆମ ଉପରେ ଆଲୋକିତ ରହୁ.."*

**ଶୋକାକୁଳ ପରିବାରବର୍ଗ, ଆତ୍ମୀୟସ୍ୱଜନ, ଏବଂ ଶୁଭେଚ୍ଛୁବୃନ୍ଦ ।**



ରୁଷୀୟ ସୈନ୍ୟଙ୍କ ରାତିଅଧିଆ ଆକ୍ରମଣରେ କିଭ୍‌ରେ ଜଳିଯାଇଥିବା ଏକ ଟ୍ରକ୍ ସମ୍ମୁଖରେ ଜଣେ ୟୁକ୍ରେନୀୟ ଅଗ୍ନିଶମ କର୍ମଚାରୀ। (ଫଟୋ: ରଏଟର୍ସ)

# ବଜେଟ ଅଧିବେଶନ: ୨୭ରେ କେନ୍ଦ୍ରର ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ,୨୪।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ପୂର୍ବରୁ ଆସନ୍ତା ୨୭ରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି। ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାକୁ ମିଳିତ ଭାବେ ସମ୍ବୋଧିତ କରିବା ସହ ବଜେଟ ଅଧିବେଶନ ଆରମ୍ଭ ହେବ। ସଂସଦୀୟ ଇତିହାସରେ ପ୍ରଥମ ଥର ପାଇଁ ରବିବାର ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯିବ। ଏହା ହେବ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ କ୍ରମାଗତ ନବମ ବଜେଟ ଉପସ୍ଥାପନ।

ସରକାରୀ ସୂତ୍ରରୁ ଜଣାପଡ଼ିଛି, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ଉକ୍ତ ବୈଠକ ପାର୍ଲାମେଣ୍ଟ ହାଉସ୍ ଆନେକ୍ସର ମୁଖ୍ୟ କମିଟି ରୁମ୍‌ରେ ଅନୁଷ୍ଠିତ ହେବ। ବଜେଟ ଅଧିବେଶନ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୯ରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ।

କେନ୍ଦ୍ର ସରକାର ଉପା ଅମଳର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆଇଜିଏ) ପରିବର୍ତ୍ତେ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) ଆକ୍ଟ ଆଣିଥିବାରୁ କଂଗ୍ରେସ ଏହା ବିରୋଧରେ ଦେଶବ୍ୟାପୀ ଅଭିଯାନ ଚଳାଇଥିବାବେଳେ ଏହି ଅଧିବେଶନ ଆରମ୍ଭ ହେବାକୁ ଯାଉଛି।

ସୂତ୍ରରୁ ଜଣାପଡ଼ିଛି, ଫେବୃଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ହେବ। ଜାନୁଆରୀ ୨୮ ଓ ଫେବୃଆରୀ ୧ରେ ଶୂନ୍ୟକାଳ ରହିବ ନାହିଁ। ଲୋକ ସଭାରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ସିକ୍ୟୁରିଟିଜ୍ ମାର୍କେଟ୍ସ କୋଡ୍ ଓ ସମ୍ବିଧାନର ୧୨୯ତମ ସଂଶୋଧନ ବିଧେୟକ ସମେତ ୯ଟି ବିଲ୍ ପଡ଼ିରହିଛି। ଉକ୍ତ ବିଧେୟକଗୁଡ଼ିକୁ ସଂସଦର ସ୍ଥାୟୀ କିମ୍ବା ଚୟନ କମିଟି ଦ୍ୱାରା ବର୍ତ୍ତମାନ ଯାଞ୍ଚ କରାଯାଉଛି।

# ଭାରତରେ ୱାଣ୍ଟେଡ୍: ବିଦେଶରେ ଅଛନ୍ତି ୭୧ ପଳାତକ

ନୂଆଦିଲ୍ଲୀ,୨୪।୧

ଭାରତରେ ୱାଣ୍ଟେଡ୍ ଥିବା ୭୦ରୁ ଅଧିକ ପଳାତକ ୨୦୨୪-୨୫ରେ ବିଦେଶରେ ରହିଥିବା ନେଇ ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଅବଧି ମଧ୍ୟରେ ଅନ୍ୟ ଦେଶଗୁଡ଼ିକ ଦ୍ୱାରା ୱାଣ୍ଟେଡ୍ ଥିବା ୨୦୩ ଫ୍ୟୁଜିଟିଭ୍ ଭାରତରେ ରହିଥିଲେ। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ବାର୍ଷିକ ରିପୋର୍ଟ ଅନୁସାରେ ଭାରତରେ ୱାଣ୍ଟେଡ୍ ଥିବା ମୋଟ ୭୧ ପଳାତକ ୨୦୨୪-୨୫ରେ ବିଦେଶରେ ଅବସ୍ଥାନ କରୁଥିଲେ, ଯାହାକି ବିଗତ ୧ ଦଶନ୍ଧିରେ ସର୍ବାଧିକ। ଆଲୋଚ୍ୟ ବର୍ଷରେ ୨୭ ୱାଣ୍ଟେଡ୍ ପଳାତକଙ୍କୁ ପ୍ରତ୍ୟର୍ପିତ କରି ଭାରତକୁ ଅଣାଯାଇଥିଲା। ଇଣ୍ଟରପୋଲ୍‌ର ନୋଡାଲ ପଏଣ୍ଟ ନ୍ୟାଶନାଲ ସେଣ୍ଟ୍ରାଲ ବ୍ୟୁରୋ (ଏନ୍‌ସିବି) ଭୂମିକା ନେଉଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର କାର୍ଯ୍ୟ ପଦ୍ଧତି ସମ୍ପର୍କରେ ମଧ୍ୟ ବିସ୍ତୃତ ବିବରଣୀ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୪ ଏପ୍ରିଲରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ୭୪ଟି ଲେଟର୍ସ ରୋଗାଟୋରି (ଏଲ୍‌ଆର୍) ବିଦେଶକୁ ପଠାଯାଇଥିଲା। ସେଥିରୁ ୫୪ଟି ସିବିଆଇ ମାମଲା ହୋଇଥିବାବେଳେ ୨୦ଟି ରାଜ୍ୟ ଆଇନ ପ୍ରବର୍ତ୍ତନକାରୀ ଓ ଅନ୍ୟ କେନ୍ଦ୍ରୀୟ ଏଜେନ୍ସି ସମ୍ପର୍କିତ ମାମଲା।

# ରୁଷିଆର ରାତିଅଧିଆ ଏୟାର ଷ୍ଟ୍ରାଇକ୍
# ତ୍ରିପାକ୍ଷିକ ଆଲୋଚନା ନିଷ୍ଫଳ

କିଭ୍,୨୪।୧(ରଏଟର୍ସ)

୨୦୨୨ ଫେବୃଆରୀରୁ ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମାସକ ପରେ ପଞ୍ଚମ ବର୍ଷରେ ପହଞ୍ଚିବାକୁ ଥିବାବେଳେ ସଂଘର୍ଷର ଅବସାନ ଘଟାଇବା ପାଇଁ ଆମେରିକା ଚାପରେ ଉଭୟ ପକ୍ଷ ଆଲୋଚନା ଟେବୁଲକୁ ଆସିଥିଲେ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିରେ ଶୁକ୍ରବାର ଓ ଶନିବାର ରୁଷୀୟ ଏବଂ ୟୁକ୍ରେନୀୟ କୂଟନୀତିଜ୍ଞମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କିନ୍ତୁ ଆଲୋଚନା ଜାରି ରହିଥିବାବେଳେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷୀୟ ସୈନ୍ୟ ପୁଣି ଆକ୍ରମଣ କରିଛନ୍ତି। ଏହି ଏୟାର ଷ୍ଟ୍ରାଇକ୍‌ରେ ଅନ୍ୟୂନ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଦ୍ୱିତୀୟ ବଡ଼ ସହର ଖାର୍କିଭ୍‌ରେ ମଧ୍ୟ ଡ୍ରୋନ୍ ଆକ୍ରମଣରେ ୨୭ ଜଣ ଆହତ ହୋଇଥିବା ସେଠାକାର ରିଜିଓନାଲ ହେଡ୍ ଓଲେହ ସିନିଏହୁବୋଭ୍ ସୂଚନା ଦେଇଛନ୍ତି। ରୁଷିଆ ପକ୍ଷରୁ କରାଯାଇଥିବା ଏହି ଆକ୍ରମଣର ପ୍ରତ୍ୟକ୍ଷ ପ୍ରଭାବ ଆବୁଧାବିରେ ଚାଲିଥିବା ତ୍ରିପାକ୍ଷିକ ଆଲୋଚନା ଉପରେ ପଡ଼ିଛି। ଆମେରିକା, ରୁଷିଆ କିମ୍ବା ୟୁକ୍ରେନ୍ ପକ୍ଷରୁ କୌଣସି ଚୁକ୍ତି ସମ୍ପର୍କରେ ଘୋଷଣା କରାଯାଇନାହିଁ। ତେବେ ଉଭୟ ମସ୍କୋ ଓ କିଭ୍ ପରବର୍ତ୍ତୀ ଆଲୋଚନା ପାଇଁ ଆଗ୍ରହୀ ଥିବା କହିଛନ୍ତି।

ଆବୁଧାବିରେ ଆମେରିକା ମଧ୍ୟସ୍ଥତାରେ ଶନିବାର ଅନୁଷ୍ଠିତ ବୈଠକରୁ କୌଣସି ସୁଫଳ ମିଳିନାହିଁ। ୟୁକ୍ରେନୀୟମାନେ ଶୀତରେ ଥରୁଥିବାବେଳେ ରୁଷିଆର ରାତିଅଧିଆ ଆକ୍ରମଣକୁ ଏହାର କାରଣ ବୋଲି ମନେକରାଯାଉଛି। ରୁଷିଆ ପକ୍ଷରୁ ଶୁକ୍ରବାର ରାତିରେ ଘନଘନ ଏୟାର ଷ୍ଟ୍ରାଇକ୍ ଓ ଡ୍ରୋନ୍ ମାଡ଼ କରାଯାଇଥିଲା। ଏଥିଯୋଗୁ କିଭ୍ ସମେତ କେତେକ ଅଞ୍ଚଳର ଶକ୍ତି ପ୍ରକଳ୍ପ କ୍ଷତିଗ୍ରସ୍ତ ହେବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ବୈଠକ ଶେଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି Xରେ କହିଛନ୍ତି, ଆଲୋଚନାର ମୁଖ୍ୟ ବିନ୍ଦୁ ଯୁଦ୍ଧ ବନ୍ଦ ପାଇଁ ସମ୍ଭାବ୍ୟ ମାପଦଣ୍ଡ ସ୍ଥିର କରିବା ଥିଲା। ଆସନ୍ତା ସପ୍ତାହରେ ପରବର୍ତ୍ତୀ ବୈଠକ ହୋଇପାରେ। ୟୁଏଇ ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି, ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ସାମ୍ନାସାମ୍ନି ଆଲୋଚନା ହୋଇଥିଲା, ଯାହାକି ଗତ ୪ ବର୍ଷରେ ବିରଳ। ତେବେ ୱାଶିଂଟନ୍‌ର ଶାନ୍ତି ପ୍ରସ୍ତାବ ଉପରେ ସକାରାତ୍ମକ ପରିଣାମ ଆସିପାରେ। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା କୌଣସି ନିଷ୍କର୍ଷ ବାହାରି ନ ପାରିବା ପଛରେ ପୁଟିନ୍‌ଙ୍କ 'ବର୍ବରତା'କୁ ଦାୟୀ କରିଛନ୍ତି। ଶାନ୍ତି ଆଲୋଚନା ଚାଲିଥିବାବେଳେ ପୁଟିନ୍‌ଙ୍କ ମିଶାଇଲ୍ ଆମ ଲୋକଙ୍କୁ ମାରୁଛି ବୋଲି ସେ ସମାଲୋଚନା କରିଛନ୍ତି।



ଆବୁଧାବିର ଅଲ୍-ଶାନ୍ତି ପ୍ୟାଲେସ୍‌ରେ ଶନିବାର ତ୍ରିପାକ୍ଷିକ ଆଲୋଚନା ବେଳେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍‌ଙ୍କ ସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନେର।

# ୯ ହଜାରରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ରଦ୍ଦ
## ଆମେରିକାରେ ହିମଝଡ଼, ତୁଷାରପାତ

ଡଲାସ୍,୨୪।୧

ଆମେରିକାରେ ୨୫ ଓ ୨୬ ତାରିଖରେ ଏକ ବଡ଼ଧରଣର ହିମଝଡ଼ ହେବାକୁ ଥିବାବେଳେ ଏଥିଯୋଗୁ ଦେଶବ୍ୟାପୀ ୯,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ରଦ୍ଦ କରାଯାଇଛି। ନ୍ୟୁମେକ୍ସିକୋରୁ ନ୍ୟୁ ଇଂଲଣ୍ଡ ପର୍ଯ୍ୟନ୍ତ ପ୍ରାୟ ୧୪୦ ନିୟୁତ ଲୋକ ହିମଝଡ଼ ଯୋଗୁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ନ୍ୟାଶନାଲ ୱେଦର ସର୍ଭିସ୍ ପକ୍ଷରୁ ଟେକ୍ସାସ୍‌ରୁ ନର୍ଥ କାରୋଲିନା ପର୍ଯ୍ୟନ୍ତ ବିପୁଳ ହିମପାତ ହେବା ନେଇ ସତର୍କତା ଜାରି କରାଯାଇଛି। ଏଭଳି ସ୍ଥିତିରେ ରବିବାର ଓ ସୋମବାର ଏୟାର ଇଣ୍ଡିଆ ନ୍ୟୁୟର୍କରୁ ନେୱାର୍କ ଯାଏ ଏହାର ସମସ୍ତ ବିମାନ ଉଡ଼ାଣକୁ ବାତିଲ କରିଦେଇଛି। ଯାତ୍ରୀ ଓ କ୍ରିଉଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ଏୟାର ଇଣ୍ଡିଆ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଏନେଇ +୯୧ ୧୧୬୯୩୨୯୩୩୩ ଏବଂ ୧୧୬୯୩୨୯୯୯୯ ଜାରି କରାଯାଇଛି।

# ଫାସିବାଦୀ ହତ୍ୟାକାରୀ ୟୁନୁସ୍‌ଙ୍କୁ ହଟାଅ: ହାସିନା



ନୂଆଦିଲ୍ଲୀ,୨୪।୧(ପି.ଟି.)

ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଜଣେ ଫାସିବାଦୀ ହତ୍ୟାକାରୀ। ସେ କ୍ଷମତାରେ ଥିବା ପର୍ଯ୍ୟନ୍ତ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ନାହିଁ। ତେଣୁ ୟୁନୁସ ସରକାରଙ୍କୁ ତୁରନ୍ତ ହଟାଇବାକୁ ବାଂଲାଦେଶବାସୀଙ୍କୁ ଶୁକ୍ରବାର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଆହ୍ୱାନ ଦେଇଛନ୍ତି। ୧୭ ମାସ ତଳେ ବାଂଲାଦେଶରୁ ପଳାୟନ କରି ଭାରତରେ ଶରଣ ନେଇଥିବା ଆୱାମି ଲିଗ୍ ନେତ୍ରୀ ହାସିନା ପ୍ରଥମ ଥର ପାଇଁ ସେଠାକାର ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି, ଗତବର୍ଷ ଯାହାକିଛି ଘଟିଲା, ଜାତିସଂଘ ସେସବୁର ନିରପେକ୍ଷ ତଦନ୍ତ କରାଇବା ଉଚିତ। ଏଥିସହ ସମ୍ବିଧାନର ପୁନଃ ଅବସ୍ଥାପନ ଓ ସଂଖ୍ୟାଲଘୁଙ୍କ ସୁରକ୍ଷା ଦେବା ପାଇଁ ଦେଶବାସୀ ଏକଜୁଟ୍ ହୁଅନ୍ତୁ ବୋଲି ହାସିନା କହିଛନ୍ତି। ଫେବୃଆରୀ ୧୨ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପୂର୍ବରୁ ରେକର୍ଡ କରାଯାଇଥିବା ତାଙ୍କର ଏକ ଅଡିଓ କ୍ଲିପ୍‌କୁ ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଜାରି କରାଯାଇଛି। ପ୍ରକାଶ ଯେ, ଆୱାମି ଲିଗ୍‌କୁ ଦେଶରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରାଯାଇଛି।

# ନେତାଜୀ ବଞ୍ଚିଥିଲେ ଏସ୍‌ଆଇଆର୍ ନୋଟିସ ପାଇଥାନ୍ତେ: ମମତା

କୋଲକାତା,୨୪।୧

ଆଜିର ଦିନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯଦି ବଞ୍ଚିଥାଆନ୍ତେ ତେବେ ନିର୍ବାଚନ କମିଶନ (ଇସି) ତାଙ୍କୁ ଛାଡ଼ି ନ ଥାଆନ୍ତେ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଶୁଣାଣି ପାଇଁ ହାଜର ହେବାକୁ ଇସି ନେତାଜୀଙ୍କୁ ମଧ୍ୟ ନୋଟିସ ପଠାଇଥାନ୍ତେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି।

କୋଲକାତାରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମମତା କହିଛନ୍ତି, ଏସ୍‌ଆଇଆର୍ ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନେ ଅତ୍ୟଧିକ କାର୍ଯ୍ୟଚାପ ଓ ଦୁଶ୍ଚିନ୍ତା ଯୋଗୁ ଆତ୍ମହତ୍ୟା କରୁଛନ୍ତି। ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ ହେବା ଦିନଠୁ ଅଦ୍ୟାବଧି ୧୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହି ଅସ୍ୱାଭାବିକ ମୃତ୍ୟୁ ପାଇଁ ଇସି ଏବଂ ଭାଜପା ନେତୃତ୍ୱାଧୀନ କେନ୍ଦ୍ରସରକାର ଉତ୍ତରଦାୟୀ ହେବା ଉଚିତ।

ଏତେ ଘଟଣା ଘଟିଯିବା ପରେ ଆମକୁ ଭାରତୀୟ ନାଗରିକତ୍ୱର ପ୍ରମାଣ ଦେବାକୁ ପଡ଼ୁଛି। ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଉଛି ଏବଂ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ନେତାଜୀ ବଞ୍ଚିଥିଲେ ତାଙ୍କୁ ମଧ୍ୟ ଇସି ଏସ୍‌ଆଇଆର୍ ଶୁଣାଣି ପାଇଁ ନୋଟିସ ପଠାଇଥାନ୍ତେ।

## ଆମେରିକାରେ ଭାରତୀୟଙ୍କ କାଣ୍ଡ
# ସ୍ତ୍ରୀ, ୩ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା

ନ୍ୟୁୟର୍କ,୨୪।୧

ଆମେରିକାର ଜର୍ଜିଆରେ ଜଣେ ଭାରତୀୟ ବଂଶୋଦ୍ଭବଙ୍କ ପାରିବାରିକ ବିବାଦର କରୁଣ ପରିଣତି ଦେଖିବାକୁ ମିଳିଛି। ୫୧ ବର୍ଷୀୟ ବିଜୟ କୁମାର ଅଟଲାଣ୍ଟାର ଲରେନ୍ସଭ୍ୟାଲି ସିଟିସ୍ଥିତ ନିଜ ବାସଭବନରେ ତାଙ୍କ ସ୍ତ୍ରୀ ଓ ୩ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଗ୍ୱିନେଟ୍ଟ କାଉଣ୍ଟି ପୋଲିସ ତାଙ୍କୁ ଗିରଫ କରିଥିବା ଏକ ସୋସିଆଲ ମିଡିଆ ପୋଷ୍ଟରେ ସୂଚନା ଦେଇଛି।

ମୃତକମାନେ ହେଲେ ବିଜୟଙ୍କ ସ୍ତ୍ରୀ ମୀମୁ ଡୋଗ୍ରା(୪୩ ବର୍ଷୀୟା ଭାରତୀୟ ନାଗରିକ), ସମ୍ପର୍କୀୟ ଗୌରବ କୁମାର(୩୩), ନିଧି ଚନ୍ଦେର(୩୭) ଓ ହରିଶ ଚନ୍ଦେର(୩୮)। ଅଟଲାଣ୍ଟାସ୍ଥିତ ଭାରତୀୟ କନ୍‌ସ୍ୟୁଲେଟ ଜେନେରାଲ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରି ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି Xରେ ସୂଚନା ଦେଇଛନ୍ତି।

ଶୁକ୍ରବାର ସ୍ଥାନୀୟ ସମୟ ରାତି ପ୍ରାୟ ୨ଟା ୩୦ରେ ପୋଲିସ ନିକଟକୁ ଫୋନ୍ କଲ୍ ଯାଇଥିଲା। ଅଫିସରମାନେ ସେଠାରେ ପହଞ୍ଚି ୪ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ସମସ୍ତଙ୍କ ଦେହରେ ଗୁଳିମାଡ଼ର କ୍ଷତ ରହିଥିଲା। ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜୟ ସ୍ତ୍ରୀ ଓ ଅନ୍ୟ ୩ ସମ୍ପର୍କୀୟଙ୍କୁ ଗୁଳି କରିଥିବା ପୋଲିସ କହିଛି। ଗୁଳିମାଡ଼ ବେଳେ ୩ ପିଲା ସେଠାରେ ଉପସ୍ଥିତ ଥିଲେ। ତେବେ ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଲୁଚିଯାଇଥିଲେ। ଜଣେ ପିଲା ୯୧୧ ନମ୍ବରକୁ କଲ୍ କରିବାରେ ସକ୍ଷମ ହୋଇଥିଲେ। ସେ ଘଟଣା ସମ୍ପର୍କରେ ପୋଲିସକୁ ସବୁକଥା ଜଣାଇଥିଲେ। ୭ରୁ ୧୦ ବର୍ଷ ବୟସର ଏହି ୩ ପିଲାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ କେଉଁ କାରଣରୁ ଯୁକ୍ତିତର୍କ ହୋଇଥିଲା ଏବଂ ସମ୍ପର୍କୀୟମାନେ ସେମାନଙ୍କ ଘରକୁ କାହିଁକି ଆସିଥିଲେ ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।



ବିଜୟ କୁମାରଙ୍କ ସହ ସ୍ତ୍ରୀ ମୀମୁ ଡୋଗ୍ରା

## ଫୁର୍‌ସତ୍
# ୪୦ କୋଟିକୁ ନା

ମୁମ୍ବାଇ

ଗତ କିଛି ବର୍ଷ ଧରି ଅଭିନେତା ଶାହରୁଖ ଖାନ୍‌ଙ୍କଠାରୁ ଅଜୟ ଦେବଗନଙ୍କ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବଲିଉଡ୍ ସେଲିବ୍ରିଟି ଟଙ୍କା ନେଇ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିଛନ୍ତି। ଏଥିପାଇଁ ସେମାନେ ଟ୍ରୋଲିଂର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଅଭିନେତା ସୁନୀଲ ଶେଟ୍ଟୀ ଟିକେ ନିଆରା। ସେ ମୋଟା ଅଙ୍କର ପ୍ରସ୍ତାବ ପାଇବା ପରେ ମଧ୍ୟ ଏପରି ବିଜ୍ଞାପନ କରିବାକୁ ମନା କରିଦେଇଛନ୍ତି।

ସୁନୀଲ ଥରେ ଏକ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିବା ପାଇଁ ୪୦ କୋଟି ଟଙ୍କାର ପ୍ରସ୍ତାବ ପାଇଥିଲେ, କିନ୍ତୁ ତାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର କାରଣ ସମ୍ପର୍କରେ ସେ କହିଥିଲେ, ମୁଁ ମୋ ସ୍ୱାସ୍ଥ୍ୟ ପାଇଁ ସବୁକିଛି। ମୋ ଶରୀର ମୋତେ ଫିଲ୍ମ ଶିଳ୍ପରେ କ୍ୟାରିୟର କରିବାକୁ ସୁଯୋଗ ଦେଇଥିଲା। ଯଦି ଏହାକୁ ମୋର ପୂଜାସ୍ଥଳ ଭାବରେ ଗ୍ରହଣ ନ କରେ, ତେବେ ମୁଁ ନିଜକୁ ଅନ୍ୟାୟ କରିବି। ମୁଁ ସିନେମା କିମ୍ବା ବକ୍ସ ଅଫିସ ଦୃଷ୍ଟିରୁ ଏତେ ଲୋକପ୍ରିୟ ନ ହୋଇପାରେ, କିନ୍ତୁ ଆଜି ମଧ୍ୟ ୧୭ ରୁ ୨୦ ବର୍ଷ ବୟସର ପିଲାମାନେ ମୋତେ ସମ୍ମାନ ଦିଅନ୍ତି। ଏକଥା ସତ।



ସୁନୀଲ ଶେଟ୍ଟୀ

# ଗ୍ରୀନ୍‌ଲାଣ୍ଡ: ଜମି ନୁହେଁ, ଘର କିଣିହେବ

ଏମିତି ଏକ ସ୍ଥାନ, ଯେଉଁଠି ଏକ ଅଜବ ନିୟମ ରହିଛି। ଉକ୍ତ ସ୍ଥାନରେ ଯେକୌଣସି ବ୍ୟକ୍ତି ଘର କିଣିପାରିବେ, କିନ୍ତୁ ଜମି କିଣିବାକୁ କାହାକୁ ଅନୁମତି ନାହିଁ। ଏପରି ସ୍ଥାନ ହେଉଛି ଗ୍ରୀନ୍‌ଲାଣ୍ଡ। ଏଠାରେ ଜମି କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ ବରଂ ସମଗ୍ର ସମ୍ପ୍ରଦାୟର। ତେଣୁ ସମସ୍ତ ଜମି ସରକାର ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ। ଏହି କାରଣରୁ ଗ୍ରୀନ୍‌ଲାଣ୍ଡରେ ବ୍ୟକ୍ତିଗତ ଜମି ମାଲିକାନା ପ୍ରଦାନ କରାଯାଏ ନାହିଁ। ଯଦି କେହି ଘର ତିଆରି କରିବାକୁ କିମ୍ବା କିଣିବା ପରେ ସେଥିରେ ରହିବାକୁ ଚାହାନ୍ତି, ତେବେ ତାଙ୍କୁ ଜମି ବ୍ୟବହାର ପାଇଁ ଅନୁମତି ନେବାକୁ ପଡ଼ିବ। ଏହାକୁ ସାଇଟ୍ ଆବଣ୍ଟନ କୁହାଯାଏ। ଏହି ଅନୁମତି ପୌରପାଳିକା ଦ୍ୱାରା ପ୍ରଦାନ କରାଯାଏ। ଘର ନିର୍ମାଣ, ପାର୍କିଂ କିମ୍ବା ଡଙ୍ଗା ଚଳାଇବା ସମେତ ସବୁକିଛି ପାଇଁ ଆବେଦନ ଆବଶ୍ୟକ।

ଗ୍ରୀନ୍‌ଲାଣ୍ଡରେ ସମ୍ପତ୍ତି କିଣିବା ପାଇଁ ନିୟମ ମଧ୍ୟ କଠୋର। କେବଳ ଗ୍ରୀନ୍‌ଲାଣ୍ଡ, ଡେନ୍‌ମାର୍କ କିମ୍ବା ଫାରୋ ଦ୍ୱୀପର ନାଗରିକମାନେ ସିଧାସଳଖ ଏଠାରେ ଘର କିଣିପାରିବେ। ବିଦେଶୀମାନେ ଆବେଦନ କରିପାରିବେ, ଯଦି ସେମାନେ ଏଠାରେ ଅତି କମ୍‌ରେ ୨ ବର୍ଷ ରହିଥିବେ ଏବଂ ଟିକସ ଦେଇଥିବେ। ରାଜଧାନୀ ନୁକ୍ ଭଳି ସହରରେ ଘର ପାଇବା ପାଇଁ ୧୦ରୁ ୧୨ ବର୍ଷ ଅପେକ୍ଷା କରିବାକୁ ପଡ଼ିବ।



ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୫/୨୦୨୬ | Bhubaneswar, Sunday, January 25/2026 | ପୃଷ୍ଠା-୧

# ଜୀବନ ବଞ୍ଚାଇବାକୁ ବାଘକୁ ମାରିଦେଲେ



ଶୁଭ୍ରାଂଶୁ ଶେଖର ଭୋଲଙ୍କ ସହ ସଂଘର୍ଷରେ ମୃତ୍ୟୁ ଘଟିଥିବା କଲରାପତରିଆ ବାଘ।

ଜଙ୍ଗଲ ନଷ୍ଟ ହେଉଥିବାରୁ ବଣୁଆ ଜୀବଜନ୍ତୁ ଜନବସତି ମୁହାଁ ହେଉଛନ୍ତି । ବିଭିନ୍ନ ସମୟରେ ମଣିଷ ସହ ସେମାନଙ୍କ ଲଢ଼େଇ ହେଉଥିବା ଖବର ଶୁଣିବାକୁ ମିଳେ। ଅନେକ ସମୟରେ ହିଂସ୍ରଜନ୍ତୁଙ୍କ ଆକ୍ରମଣରେ ମଣିଷର ଜୀବନ ଯାଉଥିବାବେଳେ କଟକ ଜିଲା ନରସିଂହପୁରଠାରେ ଭିନ୍ନ ଏକ ଘଟଣା ଦେଖିବାକୁ ମିଳିଛି । ଅନନ୍ତ ପ୍ରସାଦ ଗ୍ରାମ ନିକଟରେ ନିଜ ଫାର୍ମ ହାଉସରେ ଶୁକ୍ରବାର ବିଳମ୍ବିତ ରାତିରେ ଶୋଇଥିବାବେଳେ ଶୁଭ୍ରାଂଶୁ ଶେଖର ଭୋଲ ଏକ କଲରାପତରିଆ ବାଘର ଅତର୍କିତ ଆକ୍ରମଣର ଶିକାର ହୋଇଥିଲେ । ନିଜ ଜୀବନ ବଞ୍ଚାଇବାକୁ ଯାଇ ଶୁଭ୍ରାଂଶୁଙ୍କ ଛୁରିମାଡ଼ରେ କଲରାପତରିଆର ମୃତ୍ୟୁ ଘଟିଥିବାବେଳେ ସେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏବେ ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

## କଲରାପତରିଆ-ମଣିଷ ଲଢ଼େଇ

## ଗୁରୁତର ଶୁଭ୍ରାଂଶୁ ଏସ୍‌ସିବିରେ ଭର୍ତ୍ତି

ବଡ଼ମ୍ବା/ କଟକ, ୨୪।୧ (ମାୟାଧର ମଲ୍ଲିକ/ ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ପଶ୍ଚିମ ବନାଞ୍ଚଳର ଅନନ୍ତପ୍ରସାଦ ଗ୍ରାମର ଶୁଭ୍ରାଂଶୁ(୨୬)ଙ୍କ ଏକ ଫାର୍ମ ହାଉସ ରହିଛି। ସେ ରାତିରେ ସେଠାରେ ଶୁଅନ୍ତି। ଏପରି କି ତାଙ୍କର ୨ଟି ପୋଷା କୁକୁର ଫାର୍ମ ହାଉସ ପରିସରରେ ମଧ୍ୟ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ☞ପୃଷ୍ଠା-୨



ଶୁଭ୍ରାଂଶୁ ଶେଖର ଭୋଲ

# ବାଂଲାଦେଶ ସ୍ଥାନରେ ଖେଳିବ ସ୍କଟ୍‌ଲାଣ୍ଡ

### ଆଇସିସି ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ, ୨୪।୧(ପି.ଟି.)

ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ୍ ୨୦୨୬ରେ ବାଂଲାଦେଶ ସ୍ଥାନରେ ସ୍କଟ୍‌ଲାଣ୍ଡ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶନିବାର ଏ ବିଷୟରେ ସ୍ପଷ୍ଟ କରିଦିଆଯାଇଛି। ଆସନ୍ତା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ମୁସ୍ତାଫିଜୁର ରହମନଙ୍କୁ ବାଦ୍ ଦେବା ପରେ ସୁରକ୍ଷାଜନିତ କାରଣ ଦର୍ଶାଇ ବାଂଲାଦେଶ ଟୁର୍ନାମେଣ୍ଟ ଖେଳିବା ପାଇଁ ଭାରତ ଗସ୍ତ କରିବାକୁ ମନା କରିଦେଇଥିଲା। ଏହାର ମ୍ୟାଚ୍‌ଗୁଡ଼ିକ ଲାଗି ବିକଳ୍ପ ଭେନ୍ୟୁର ବ୍ୟବସ୍ଥା କରିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଆଇସିସିକୁ ଅନୁରୋଧ କରିଥିଲା। ମାତ୍ର ବିଶ୍ୱକପ୍ ଆଉ ଅଳ୍ପଦିନ ରହିଥିବାରୁ ଏହା ସମ୍ଭବ ନୁହେଁ ବୋଲି ଆଇସିସି ପକ୍ଷରୁ ସୂଚାଇ ଦିଆଯାଇଥିଲ। ଭାରତ ଆସି ଟୁର୍ନାମେଣ୍ଟରେ ଭାଗ ନେବ କି ନା ୨୪ ଘଣ୍ଟା ମଧ୍ୟରେ ତାହାର ଜବାବ ସ୍ପଷ୍ଟ କରିବା ଲାଗି ଆଇସିସି ବାଂଲାଦେଶକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ବାଂଲାଦେଶ କ୍ରିକେଟ ବୋର୍ଡ ତରଫରୁ କୌଣସି ଜବାବ ନ ମିଳି ନ ଥିଲା। ଶୁକ୍ରବାର ଚେୟାରମ୍ୟାନ୍ ଜୟ ଶାହାଙ୍କ ସମେତ ଆଇସିସିର ସିନିୟର ଅଫିସିଆଲମାନେ ଏକ ବୈଠକରେ ଉପନୀତ ହୋଇ ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦେଇ ସ୍କଟ୍‌ଲାଣ୍ଡକୁ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଇସିସିର ଏହି ନିଷ୍ପତ୍ତି ଶୁକ୍ରବାର ସନ୍ଧ୍ୟାରେ ବିସିବିକୁ ଅବଗତ କରାଯାଇଛି। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ବିଭାଜନକାରୀ ଆଇନ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହିନ୍ଦୁ ସମ୍ମିଳନୀ ଓ ତ୍ରିବେଣୀ ବୁଡ଼, ସ୍ଥାନ: ନହରକଣ୍ଟା-ହରିଦାସପୁର କୁଆଖାଇ ନଦୀ ପଠା ପଡ଼ିଆ, ସମୟ: ପ୍ରାତଃ ୫ ଟା ୩୦, ସମ୍ମିଳନୀ (ସକାଳ ୮ ଟା ୩୦)।
- ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୂର୍ଯ୍ୟପୂଜା, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଇଛାଦେଇପାଟଣାସ୍ଥିତ ମୁକ୍ତେଶର ମହାଦେବ ମନ୍ଦିର ପରିସର, ସମୟ: ସକାଳ ୯ ଟା।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିନି ମାରାଥନ୍, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୭ଟା।
- କୁପାରୀ ମଣ୍ଡଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: କୁପାରୀ ଶୂନ୍ୟମଣ୍ଡପ, ସମୟ: ସକାଳ ୯ଟା ୧୫।
- ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ସ୍ଥାନ: ଓଟି ରୋଡ୍, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: ଭଗବାନପୁର ମହାପାତ୍ର ଫାର୍ମ ହାଉସ୍, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ହୋଟେଲ ଫାଣ୍ଟାସି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶତବାର୍ଷିକୀ ମହାସମାରୋହ-୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ବିଞ୍ଝ ସରକାରୀ ଉଚ୍ଚ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ଓ ମାଘ ସପ୍ତମୀ ମହୋତ୍ସବ ଉପଲକ୍ଷେ ନାମ ବିସର୍ଜନ ଓ ପ୍ରସାଦ ସେବନ, ସ୍ଥାନ: ବାଖରାବାଦ, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବଡ଼ି ବିଲ୍ଡିଂ ପ୍ରତିଯୋଗିତା, ସ୍ଥାନ: ଜଳେଶ୍ୱର ହାଇସ୍କୁଲ ନିକଟ, ସମୟ: ଅପରାହ୍ନ ୪ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ରେମୁଣା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡ଼ିଆ, ହାତୀଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଆଧ୍ୟାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: କୁଶଡ଼ିହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବସ୍ତା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଜାତୀୟ ମତଦାତା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜିଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସାତଭଉଣୀ ଖେଳପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାବାମଣି ଶିକ୍ଷକ ସ୍ୱୟଂସହାୟକ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ହୋଟେଲ ରୟାଲ ପ୍ୟାଲେସ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ ବିଜୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ, ବିଦେଇପୁର, ପାଢ଼ୀସାହି, ବାଲିନଗରଯାଦବ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ସେମିଫାଇନାଲ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: କେ ୩ ହୋଟେଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଯଶୋଟିକିରି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ହିମସାରମନା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀର ଉଦ୍‌ଯାପନୀ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶିକ୍ଷାବିତ୍‌ଙ୍କ ସ୍ମୃତିସଭା, ସ୍ଥାନ: ତମ୍ଭାଖଣ୍ଡି, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଭଣ୍ଡାରିପୋଖରୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ରାଧାକୃଷ୍ଣ ମନ୍ଦିରରେ ଦଧିନଉତି ସ୍ଥାପନା ଏବଂ ପୂଜା, ସ୍ଥାନ : ସରଳା, ହାଟଡ଼ିହୀ, ସମୟ : ସକାଳ ୬ ଟା।
- ମା' ତାରିଣୀ ମନ୍ଦିରରେ ବାର୍ଷିକ ଉତ୍ସବ, ସ୍ଥାନ : ମରିଗାଁ, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ମିନି ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ : ସକାଳ ୭ ଟା।
- ଭୋଟର ସଚେତନତା ପଦଯାତ୍ରା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଢେଙ୍କିକୋଟ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା।
- ଜାତୀୟ ଭୋଟର ଡେ ଉତ୍ସବ, ସ୍ଥାନ: ଦରବାର ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ଉପଲକ୍ଷେ ପ୍ରବଚନ ଏବଂ ନାମ ସଙ୍କୀର୍ତ୍ତନ, ସ୍ଥାନ: ରାଧାନଗରପାଟଣା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମାଘ ସପ୍ତମୀ ପୂଜା ଓ ଉତ୍ସବ, ସ୍ଥାନ: ତାରିଣୀ ପୀଠ ମୋରଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ଅପରାହ୍ନ ୨ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଘଟୋତ୍ତଳନ ଓ ନାମ ଆରମ୍ଭ, ସ୍ଥାନ: ଆରପଟା ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ଗୋଷାଣୀନୂଆଗାଁ ଥାନା ଛକ, ସମୟ: ସକାଳ ୯ଟା।

## ଗଞ୍ଜାମ

- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ହରିହର ଭେଟଯାତ୍ରା, ସ୍ଥାନ: ଖଲ୍ଲିକୋଟ ବ୍ଲକ ଚିଲିକା ନିକଟ ଗୁପ୍ତେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୧ଟା।
- ଶାରଦା ସଙ୍ଗୀତାୟନର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା,ସଙ୍ଗମ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଶ୍ରୀବିରିଞ୍ଚିନାରାୟଣଙ୍କ ରଥଯାତ୍ରା,ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ସ୍ୱାଧୀନତା ଦିବସ ଉପଲକ୍ଷେ ମିନି ମାରାଥନ୍, ସ୍ଥାନ: ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧରମପୁର, ବାଲିଗୁଡ଼ା,ସମୟ : ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବାଲିଗୁଡ଼ା ରାମେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ବାରୁଣୀ ବୁଡ଼, ସ୍ଥାନ: ବ୍ରାହ୍ମଣୀ ନଦୀପଠା ବଡନାଗେନା, ସମୟ: ସକାଳ ୮ଟା।
- ହିନ୍ଦୋଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଜନତା କଲେଜ ଖେଳପଡିଆ, ସାତମାଇଲ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଜାତୀୟ ଭୋଟର ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ସକାଳ ୭ଟା।
- ମତଦାତା ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ବ୍ଲକ୍ ସଭାଗୃହ, ସମୟ: ସକାଳ ୯ଟା।
- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଅନୁଗୋଳ ସଭାଗୃହ, ସମୟ: ସକାଳ ୯ଟା।
- ଅନୁଗୋଳ ଡିଷ୍ଟ୍ରିକ୍ଟ ରୁରାଲ ଫୁଟ୍‌ବଲ ଲିଗ୍-୨୦୨୬, ସ୍ଥାନ: ଅନୁଗୋଳ ପିଟିସି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ତତ୍ତ୍ୱାଶ୍ରମର ମାଘ ସପ୍ତମୀ ପାଳନ ଓ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: ଉଦୟବଟ ଧାମ, ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।
- କିଟ ଅନୁଷ୍ଠାନ ପକ୍ଷରୁ ମିନି ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର ଛକ ମଧୁବନ, ପାରାଦୀପ, ସମୟ: ସକାଳ ୭ଟା।
- କାନମାସ୍ ଅନୁଷ୍ଠାନର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ମୁନିଗୋସାଇଁ ମଠ ପରିସର, ତେନ୍ତୁଲିପଦା, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ- ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ସାର୍ବଜନିନ ଗଙ୍ଗା ପୂଜା, ମକର ମେଳା ଓ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତି, ମହାକାଳପଡା, ସମୟ: ସକାଳ ୯ଟା।
- ଅବଦୁଲ କରିମ ଖାଁ ମେମୋରିଅଲ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା।
- ଶ୍ରୀ କୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀ ନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଓ ସତସଙ୍ଗ କେନ୍ଦ୍ରର ପ୍ରତିଷ୍ଠା ସ୍ମୃତି ମହୋତ୍ସବ, ସ୍ଥାନ: ସତସଙ୍ଗ କେନ୍ଦ୍ର, ଭବାନୀପୁର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୬ତମ ଜୟନ୍ତୀ ପାଳନ, ସ୍ଥାନ: ଅଭିମନ୍ୟୁ ଜୟନ୍ତୀ ମଣ୍ଡପ, ବାଲିଆ, ସମୟ: ପୂର୍ବାହ୍ନ ୧୧ଟା୩୦।
- ନବଜ୍ୟୋତି ନାଟ୍ୟ ସଂସଦର ପ୍ରସ୍ତୁତି ବୈଠକ, ସ୍ଥାନ: ତାରିଣୀ ପୀଠ, ବାଲିବିଲ, ସମୟ: ଅପରାହ୍ନ ୪ଟା।
- ରଥଯାତ୍ରା ପାଇଁ ଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମଣ୍ଡପ, ବାଲିବିଲ, ବରୀ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜାମାଲାଗି ବେଶର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସରେ ୨ୟ କ୍ୱାଟର ଫାଇନାଲରେ ବାଣପୁର ବନାମ ମାଧପୁର କ୍ରିକେଟ କ୍ଲବ ପାଟଣା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରୀକେଟର ୧୩ତମ ଦିବସର ଫାଇନାଲ ମ୍ୟାଚରେ ଭୋଗରା ବନାମ ପଦାମାଳ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ହିନ୍ଦୁ ସମିଳନୀ,ସ୍ଥାନ: ଓଡ଼ଗାଁ ବ୍ଲକ କୁମ୍ଭୀଆପଲି ଶାମୁକା ଅତ୍ରି ମୁନି ପୀଠ, ସମୟ: ମଧ୍ୟାହ୍ନ ୧୨ ଟା।।
- ସାମନ୍ତ ମହୋତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା, ବାଇପାସ୍ ନିକଟସ୍ଥ ବାଉରୀ ଠାକୁରାଣୀ ପୀଠ, ସମୟ:ଅପରାହ୍ନ ୪ଟା।

## ରାୟଗଡ଼ା

- ଜାତୀୟ ମତଦାତା ଦିବସ ଉପଲକ୍ଷେ ଶୋଭାଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୮ଟା।
- ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର ରଥ ବଡ଼ଦାଣ୍ଡ ପଡ଼ିଆ, ସମୟ: ସକାଳ ୯ଟା।
- ନିର୍ବାଣ ଟ୍ରଷ୍ଟ, ଶଙ୍କର ଚକ୍ଷୁ ଚିକିତ୍ସାଳୟଙ୍କ ମିଳିତ ଆନୁକୂଲ୍ୟରେ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୁଣପୁର ବାଘୁଆ ଦେଉଳ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରୌପ୍ୟ ଜୟନ୍ତୀ, ସ୍ଥାନ: ଗୁଣପୁରସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍କୁଲ ଗସ୍ତ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ବଂଶଧାରା ବସନ୍ତ ମହୋତ୍ସବ, ସ୍ଥାନ: ଗୁଣପୁର ବାଘୁଆ ଦେଉଳ ପଛପଟ ଉତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ୩୦।

## କୋରାପୁଟ

- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସବ୍‌ଷ୍ଟେଶନ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କୋଟିଆ ପଟ୍ଟାଙ୍ଗି, ସମୟ: ଅପରାହ୍ନ ୪ଟା।
- ତାରିଣୀ ମା'ଙ୍କ ବାର୍ଷିକ ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ହାଲ ବି ଜୋନସ୍ଥିତ ମନ୍ଦିର ପରିସର, ସୁନାବେଡ଼ା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସର୍ବଭାରତୀୟ ୨୩ବର୍ଷରୁ କମ କର୍ଣ୍ଣେଲ ସିକେ ନାଇଡୁ ଓଡ଼ିଶା ଓ ହରିୟାଣା ମଧ୍ୟରେ କ୍ରିକେଟ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଭାରତୀ ସମାଜର ବୈଠକ, ସ୍ଥାନ : ସମ୍ବଲପୁର ଡେରା, ସମୟ : ସକାଳ ୯ଟା।
- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା।
- ଏମ୍‌ବିଟି ଓ ସେତୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲା ଲେଖକ ପରିଷଦର ସାଧାରଣ ସଭା, ସ୍ଥାନ: ଅବସରପ୍ରାପ୍ତ ସୈନିକ ସଂଘ, ଲାଲଟିକ୍ରା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମୁକ୍ତ କଳା ଉତ୍ସବ, ସ୍ଥାନ: ସେକ୍ଟର-୫ ଅରବିନ୍ଦ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜେଏମ୍‌ଓ ପରୀକ୍ଷା ୨୦୨୫, ସ୍ଥାନ: ସେକ୍ଟର-୧୯ ଜ୍ଞାନଜ୍ୟୋତି ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼

- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁମ୍ଭାରୀ, ବରପାଲି, ସମୟ: ସକାଳ ୮ଟା।
- ବେଦ ପ୍ରବଚନ, ସ୍ଥାନ: ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ସୁଭଦ୍ରା ମେଳା, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟିଖଟାଏ ଲାଭ ପାଏ,**
**ତା'ର ଅର୍ଦ୍ଧେକ ଯେ ନୀତି ଧାଏଁ।**
**ଘରେ ବସି କହେ ବାତ୍,**
**ତା' ଘରେ ହା ଭାତ୍।**

ଯିଏ ନିଜେ ଖଟି ଅନ୍ୟକୁ କାମରେ ଲଗାଏ ବା ଖଟାଏ ସିଏ ତା'ର ପରିଶ୍ରମର ଫଳ ନିଶ୍ଚିତ ରୂପେ ପାଇଥାଏ। ନୀତି ଧାଁଧପଡ଼ କରୁଥିବା ବ୍ୟକ୍ତି ଅଧା ବା କିଛି ଲାଭ ପାଇଥାଏ। ପରନ୍ତୁ ଯିଏ ଘରେ ବସି ରହି କେବଳ ବଡ଼ ବଡ଼ କଥା କହିଥାଏ, ତା'ଦ୍ୱାରା କିଛି ବି ହୋଇପାରି ନ ଥାଏ। ଏପରି ନିକମା ପ୍ରକୃତିର ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗ କରିବା ସହ ଖାଇବାକୁ ପାଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**କ୍ଷୌର ନୋହିବ ବାପ ପୁଅରେ**
**କ୍ଷୌର ହୋଇବ ବାପ ପୁଅରେ।**

ରବିଙ୍କ ପୁଅ ଶନି ହୋଇଥିବା କାରଣରୁ ରବିବାର ଓ ଶନିବାର ବାପ ପୁଅ ଉଭୟଙ୍କ କ୍ଷୌର ହେବାରେ ବାରଣ ରହିଥାଏ। ଠିକ୍ ସେହିପରି ଭାବେ ସୋମବାର ଏବଂ ବୁଧବାର ବାପ ପୁଅ ଉଭୟଙ୍କ କ୍ଷୌର ହେବାରେ କୌଣସି ଆପତ୍ତି ନ ଥାଏ କାରଣ ସେମାନଙ୍କର ପୁଅ ହେଉଛନ୍ତି ବୁଧ। ଆଗକାଳରେ ଏପରି ବାର ଅନୁସାରେ କ୍ଷୌର ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଜୀବନ ବଞ୍ଚାଇବାକୁ ...

ଶୁଭ୍ରାଂଶୁ ଫାର୍ମ ହାଉସରେ ଶୋଇଥିବାବେଳେ କୁକୁର ଜୋରରେ ଭୁକିଥିଲା। ଶୁଭ୍ରାଂଶୁ କବାଟ ଫିଟାଇ ବାହାରକୁ ଆସିବା ସମୟରେ ହଠାତ୍ ଏକ କଲରାପତରିଆ ବାଘ ତାଙ୍କ ଉପରକୁ ଲମ୍ଫ ମାରିଥିଲା। ଫଳରେ ସେ ଜୀବନ ବିକଳରେ ଘର ଭିତରକୁ ପଶିଯାଇଥିଲେ। ହେଲେ କଲରାପତରିଆ ମଧ୍ୟ ଘର ଭିତରକୁ ପଶି ଶୁଭ୍ରାଂଶଙ୍କୁ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବାକୁ ଶୁଭ୍ରାଂଶୁ ପାଖରେ ଥିବା ଛୁରିଓ ଅନ୍ୟାନ୍ୟ ଜିନିଷରେ କଲରାପତରିଆକୁ ଆକ୍ରମଣ କରିଥିଲେ। ଏଥିରେ ବାଘର ମୃତ୍ୟୁ ଘଟିଥିବାବେଳେ ଶୁଭ୍ରାଂଶୁ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକଙ୍କୁ ଏବିଷୟରେ ପ୍ରାୟ ୧ଟା ୩୦ ସମୟରେ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଶୁଭ୍ରାଂଶୁଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା।

ଶୁଭ୍ରାଂଶୁ ଏସ୍‌ସିବିର ଟ୍ରମା କାଜୁଆଲିଟିରେ ଭର୍ତ୍ତି ହୋଇଛନ୍ତି। ଶୁଭ୍ରାଂଶୁଙ୍କ ମୁଣ୍ଡ, ଦୁଇ ହାତ, ଗୋଡ଼ ଆଦିରେ ଆଘାତ ଲାଗିଥିବାବେଳେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ମେଡିକାଲର ସର୍ଜରି ବିଭାଗକୁ ପଠାଯାଇଛି। ଅନ୍ୟପଟେ ଶୁଭ୍ରାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଥିବା ନେଇ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି। ଶୁଭ୍ରାଂଶୁଙ୍କ ମା' ପ୍ରତିମା ଭୋଳ କହିଛନ୍ତି, ନରସିଂହପୁର ଅଞ୍ଚଳରେ ହାତୀ ଆସିବା ଆମେ ଦେଖିଛୁ। ହେଲେ ପ୍ରଥମ କରି ଏଭଳି ବାଘ ଘଟଣା ସାମ୍ନାକୁ ଆସିଛି। ବାଘ ଆକ୍ରମଣରେ ପୁଅର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ନିଜ ଜୀବନ ବଞ୍ଚାଇବାକୁ ବାଘ ସହ ପୁଅର ଲଢ଼େଇ ସମୟରେ ବାଘର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ବନ ବିଭାଗ ଖବର ପାଇ ଏହା ଉପରେ ଅଧିକ ତଦନ୍ତ ଜାରି ରଖିଥିବା ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ପଶ୍ଚିମାଞ୍ଚଳ ରେଞ୍ଜର ପ୍ରଦୀପ କୁମାର ନାୟକଙ୍କୁ ପଚରାଯିବାରେ ମୃତ ବାଘକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ସହିତ ତଦନ୍ତ ଜାରି ରହିଛି। ଆହତ ଶୁଭ୍ରାଂଶୁଙ୍କୁ ଚିକିତ୍ସା ପାଇଁ କଟକ ପଠାଇ ଦିଆଯାଇଥିବା କହିଥିଲେ।

### ବାଂଲାଦେଶ ସ୍ଥାନରେ ...

ସୂଚନାଯୋଗ୍ୟ, ବିସିବି ତରଫରୁ ଆଇସିସିକୁ ସଫେଇ ଦିଆଯାଇଥିଲା ଯେ ଆଇସିସି ତରଫରୁ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ସୁରକ୍ଷାଜନିତ କାରଣରୁ ଭାରତ ଗସ୍ତ ନ କରିବା ଲାଗି ବାଂଲାଦେଶ କ୍ରୀଡ଼ା ମନ୍ତ୍ରଣାଳୟ ଉପଦେଷ୍ଟା ଅସିଫ୍ ନଜରୁଲ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ବ୍ୟାପାରରେ ସ୍କଟ୍‌ଲାଣ୍ଡ କହିଛି, ଫେବୃଆରୀ ୭ରୁ ଆରମ୍ଭ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ସେମାନଙ୍କୁ ଏପର୍ଯ୍ୟନ୍ତ ବିଧିବଦ୍ଧ ଚିଠି ମିଳିନାହିଁ। ଚିଠି ହସ୍ତଗତ ହେବାମାତ୍ରେ ସେମାନେ ସେମାନଙ୍କ ପ୍ରତିକ୍ରିୟା ରଖିବେ। ସୂଚନାଯୋଗ୍ୟ, ସ୍କଟ୍‌ଲାଣ୍ଡ ୬ଷ୍ଠ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛି। ବାଂଲାଦେଶ ସ୍ଥାନରେ ଖେଳିବାକୁ ଥିବା ଏହି ଦଳ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ଲିଗ୍ ମ୍ୟାଚ୍ ଖେଳିବ। ଦଳ କୋଲ୍‌କାତାରେ ୱେଷ୍ଟଇଣ୍ଡିଜ(ଫେବୃଆରୀ ୭),ଇଟାଲୀ(ଫେବୃଆରୀ ୯) ଏବଂ ଇଂଲଣ୍ଡ (ଫେବୃଆରୀ ୧୪)କୁ ଭେଟିବାକୁ ଥିବା ବେଳେ ଫେବୃଆରୀ ୧୭ରେ ମୁମ୍ବାଇଠାରେ ନେପାଳ ବିପକ୍ଷରେ ଖେଳିବ।

### ପାକିସ୍ତାନ ଅଂଶଗ୍ରହଣ ନେଇ ନିଷ୍ପତ୍ତି ନେବେ ସରକାର: ପିସିବି

ଲାହୋର, ୨୪।୧(ପି.ଟି.): ଟି୨୦ କ୍ରିକେଟ ବିଶ୍ୱକପ୍‌ରୁ ବାଂଲାଦେଶ ବହିଷ୍କାର ହେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏହାର ପ୍ରତିକ୍ରିୟା ପ୍ରକାଶ କରିଛି। ଏହାର ଚେୟାରମ୍ୟାନ ମହସିନ୍ ନକ୍‌ଭି କହିଛନ୍ତି, ସେମାନଙ୍କ ଜାତୀୟ ଦଳ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ କି ନା ସେ ସମ୍ପର୍କରେ ପାକିସ୍ତାନ ସରକାର ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ୍ ବର୍ତ୍ତମାନ ବିଦେଶ ଗସ୍ତରେ ଅଛନ୍ତି। ସେ ଫେରିବା ମାତ୍ରେ ଏହି ବିଷୟ ତାଙ୍କ ନିକଟରେ ଉପସ୍ଥାପନ କରାଯିବ। ସୂଚନାଯୋଗ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସହ ହୋଇଥିବା ଚୁକ୍ତିନାମା ଅନୁସାରେ ପାକିସ୍ତାନ ଏହାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବ। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ହେଉଛି ଏକମାତ୍ର ସଦସ୍ୟ ରାଷ୍ଟ୍ର, ଯିଏକି ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବା ଲାଗି ବିସିବିର ଦାବିକୁ ସମର୍ଥନ କରୁଛି। ଅନ୍ୟ ୧୪ଟି ଦେଶ କିନ୍ତୁ ଏହାର ବିରୋଧରେ ଭୋଟ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମସ୍ଥାନରେ ଉଚ୍ଚସ୍ଥ ମଙ୍ଗଳ ରାଜଯୋଗ ମଧ୍ୟସ୍ଥ ଯୋଗୁ ଆପଣଙ୍କୁ ମର୍ଯ୍ୟାଦାଜନକ ସ୍ଥିତିରେ ଆସୀନ କରାଇପାରେ। ହସଖୁସିରେ ପାରିବାରିକ ଜୀବନ କଟାଇବେ। ଅର୍ଥନୈତିକ ଅଭିବୃଦ୍ଧି , କଥନଶୈଳୀର ଲାଳିତ୍ୟ, ଲୋକପ୍ରିୟତା ଦ୍ୱାରା ସାମାଜିକ ଜୀବନ ଉନ୍ନତ ରହିବ। ଈର୍ଷାପରାୟଣ ଆତ୍ମୀୟ ସ୍ୱଜନମାନେ ଦୂରେଇଯିବେ।

**ବୃଷ** - ଶୁକ୍ରଙ୍କ ପ୍ରଭାବରେ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ଥିତିରେ ବ୍ୟତିକ୍ରମ ଦେଖାଦେବ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଯଥାସମ୍ଭବ ଚେଷ୍ଟା କରିପାରନ୍ତି। ଘରେ ଦ୍ରବ୍ୟ ନଷ୍ଟ ହେବାର ସୂଚନା ରହିଛି। ନିଜ ପରିସରରେ ଘଟିଯାଉଥିବା ସମ୍ପର୍କବିହୀନ ବ୍ୟକ୍ତିମାନଙ୍କ ଘଟଣାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମିଥୁନ** - ଧନାଧିପ ଶନିଙ୍କ ସହ ରହିଥିବାରୁ ଧନହାନି ଘଟିପାରେ। ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଆନୁଷ୍ଠାନିକ କ୍ଷେତ୍ରର କାମକୁ ସମ୍ପନ୍ନ କରିବେ। ପାରିବାରିକ ଓ ଲୋକ ସମ୍ପର୍କ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଶିଳ୍ପ, ବ୍ୟବସାୟ, ଜମିଜମା କିମ୍ବା ନିର୍ମାଣାଦି କାମରେ ସଫଳତା ପାଇବେ।

**କର୍କଟ** - ଆଜି ଯେକୌଣସି କାମ ଆରମ୍ଭ କରନ୍ତୁନା କାହିଁକି ଚନ୍ଦ୍ରଙ୍କ ଶୁଭ ସଂସ୍ଥିତିରୁ ସଫଳତା ପାଇବେ। ସାମାଜିକ ସ୍ତରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ କିମ୍ବା ନିର୍ମାଣାଧୀନ କାମ ସ୍ଥଗିତ ରହିଯାଇପାରେ। ପାରସ୍ପରିକ ବୁଝାମଣା ଅଭାବରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି।

**ସିଂହ** - ରାଶ୍ୟାଧିପତି ଶତ୍ରୁ କ୍ଷେତ୍ରସ୍ଥ ହୋଇ ଷଷ୍ଠଭାବରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ସମ୍ପର୍କୀୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଅଧ୍ୟାପନାରେ ଉନ୍ନତି କରିବେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ।

**କନ୍ୟା** - ଦଶମ ଭାବରେ ବୃହସ୍ପତି ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆମଦାନୀ କାରବାର, ପରିବହନ, କଚେରି ମାମଲା ବିଶୃଙ୍ଖଳିତ ରହିପାରେ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** - ଆଜି କୌଣସି ବୟସ୍କ ବ୍ୟକ୍ତିଙ୍କ ପ୍ରେରଣା ସ୍ଥଗିତ କାର୍ଯ୍ୟ ସକାଶେ ଅନୁପ୍ରେରିତ କରିବ। ଦୀର୍ଘଦିନରୁ ଅଟକି ରହିଥିବା କଚେରି ମାମଲା ମନ୍ଥର ହେତୁ ଅନୁଶୋଚନା କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ସ୍ଥଗିତ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ମନ ବଳାଇପାରନ୍ତି।

**ବିଛା** - ଆଜି ଭାଗ୍ୟାଧିପ ଚନ୍ଦ୍ର କୋଣଭାବସ୍ଥ ହେତୁ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ପାରିବାରିକ ସ୍ତରରେ ଦୁଶ୍ଚିନ୍ତା ପରିହାର କଲେ ଉପକୃତ ହେବେ। ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଲଘୁ କ୍ରୋଧଜନିତ ପରିସ୍ଥିତିକୁ ବିଗାଡ଼ି ଦେଇପାରନ୍ତି।

**ଧନୁ** - ଅଷ୍ଟମାଧିପତି ପରିବାର ସ୍ଥାନରେ ରହିଥିବାରୁ ପାରିବାରିକ ସମସ୍ୟାରେ ନୟାନ୍ତ ହେବେ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚର ଏକାଧିକ ଦିଗ ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ମକର** - ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି ଆପଣଙ୍କ କୌଣସି କାମ ଅଟକି ରହିବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜ କାମ ହାସଲ କରିପାରିବେ। ସାଂସ୍କୃତିକ କାମରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ କୌଣସି କାମ ଅଟକି ରହିବ ନାହିଁ।

**କୁମ୍ଭ** - ମୁଖଭାବରେ ଶନି ଓ ଚନ୍ଦ୍ରଙ୍କ ସ୍ଥିତିରୁ ପ୍ରତ୍ୟେକ ପରିସ୍ଥିତିରେ ଖାପ ଖାଇଯିବେ। ପାରସ୍ପରିକ ସହଯୋଗ କାରଣରୁ ପାରିବାରିକ କ୍ଷେତ୍ର ଭଲ ରହିବ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ଅର୍ଥାଭାବ ଦୂରେଇବାରେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଆପଣଙ୍କ ଗମ୍ଭୀର ସ୍ୱଭାବ ପାରିବାରିକ ସମ୍ପର୍କରେ ବ୍ୟତିକ୍ରମ ସୃଷ୍ଟି କରିବ।

**ମୀନ** - ଲାଭ ଭାବରେ ଏକାଧିକ ଗ୍ରହ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବେ। ତରବରିଆ କାମ ହେତୁ ସମସ୍ୟାର ସମ୍ମୁଖୀନ ହେବେ। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ ଆପଣଙ୍କ ପ୍ରତିଷ୍ଠା ନ୍ୟୂନ ହେବ ନାହିଁ। ଅଧ୍ୟୟନ, ଲେଖାପଢ଼ା, ଆନୁଷ୍ଠାନିକ କାମ ଓ ଆଲୋଚନାରେ ନିର୍ଯ୍ୟାସ ସ୍ତରକୁ ଉପନୀତ ହୋଇପାରିବେ ନାହିଁ।

ଆଜି ଜାନୁଆରୀ ୨୫, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, ମାଘ ଶୁକ୍ଳପକ୍ଷର ତିଳ ସପ୍ତମୀ ରବିବାର। ଚନ୍ଦ୍ରଭାଗା ସ୍ନାନ ଓ ଯାତ୍ରା, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ଅତିବଡ଼ି ଜଗନ୍ନାଥ ଦାସଙ୍କ ବ୍ରହ୍ମଲୀନ ଦିବସ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ସାରଳା ଦାସଙ୍କ ଶ୍ରାଦ୍ଧ ଦିବସ। ରାଶିନକ୍ଷତ୍ର- ଦିବା ଘ.୦୧।୩୫ମି. ପର୍ଯ୍ୟନ୍ତ ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୪୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୭ ଗତେ ଘ.୦୫।୩୦ ମଧ୍ୟେ ରାହୁକାଳ।

# ନଦୀଜଳ ପ୍ରଦୂଷଣ କରୁଛି ନାଲ୍‌କୋ

- ପାଉଁଶପାଣି ନନ୍ଦିରା ନାଳ ଦେଇ ମିଶୁଛି ବ୍ରାହ୍ମଣୀରେ
- ଲୋକଙ୍କ ଦେହରେ ବଢ଼ୁଛି ଚର୍ମରୋଗ, ମରୁଛନ୍ତି ଗୋରୁ
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବଦ୍ରଷ୍ଟା

ଅନୁଗୋଳ,୨୪।୧ (ମାନସ ବିଶ୍ୱାଳ)


ନାଲ୍‌କୋରୁ ଛଡ଼ାଯାଇଥିବା ପାଉଁଶମିଶା ପାଣି ଲିକେଜ ହୋଇ ନନ୍ଦିରା ନାଳରେ ପଡ଼ୁଛି।

ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋକୁ ନେଇ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ଅଭିଯୋଗ ବଢ଼ିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ହେଉଥିବା ଦାବି ପ୍ରତି ନାଲ୍‌କୋ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାବେଳେ ବାୟୁ ପରି ଅନୁଗୋଳରେ ଜଳ ପ୍ରଦୂଷଣ ମଧ୍ୟ ନାଲ୍‌କୋ ବଢ଼ାଇ ଚାଲିଛି। କାରଖାନାରୁ ବାହାରୁଥିବା ପାଉଁଶମିଶା ପାଣି ଆଶ୍‌ପଣ୍ଡକୁ ଯିବାବେଳେ ଅନେକ ସମୟରେ ଲିକେଜ୍ ହୋଇ ନନ୍ଦିରା ନାଳ ଦେଇ ବ୍ରାହ୍ମଣୀରେ ମିଶୁଥିବାରୁ ଉଭୟ ନାଳ ଓ ନଦୀ ପାଣି ପ୍ରଦୂଷିତ ହେଉଥିବା ବଗଚର ଗ୍ରାମର ରାମଚନ୍ଦ୍ର ନାଏକ, ଲିଙ୍ଗରାକଟା ଗାଁର ଦିଲୀପ ନାଏକ ଅଭିଯୋଗ କରିଛନ୍ତି। ଏହି ପାଉଁଶ ମିଶା ନଦୀ ଓ ନାଳ ପାଣି ବ୍ୟବହାର କରୁଥିବା ଅନେକ ଲୋକ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ବିଭିନ୍ନ ସମୟରେ ଗୃହପାଳିତ ପ୍ରାଣୀ ପ୍ରଦୂଷିତ ପାଣି ପିଇ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ଏ ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ନିଜସ୍ୱ ବିଦ୍ୟୁତ୍ କାରଖାନା (ସିପିପି)ରୁ ବାହାରୁଥିବା ପାଉଁଶ ଓ କେମିକାଲ ମିଶା ବିଷାକ୍ତ ବର୍ଜ୍ୟ ପାଣିକୁ ପାଇପ୍ ଯୋଗେ ଆଶ୍‌ପଣ୍ଡକୁ ପଠାଯାଉଛି। ହେଲେ ଅନେକ ସମୟରେ ଏହି ପାଇପ୍‌ରୁ ପାଉଁଶମିଶା ପାଣି ଗୋତମରା, ଲିଙ୍ଗରାକଟା, ଦାସନାଳୀ ଗାଁ ନିକଟରେ ଲିକେଜ୍ ହୋଇ ନନ୍ଦିରା ନାଳରେ ମିଶୁଛି। ଫଳରେ ନନ୍ଦିରା ପାଣି ବିଷାକ୍ତ ହେଉଛି। ଏହି ବିଷାକ୍ତ ନାଳ ପାଣି ବୁଢ଼ାପଙ୍କ, ବଗଚର, କମଳାଙ୍ଗ ନିକଟ ବ୍ରାହ୍ମଣୀ ନଦୀରେ ମିଶିବା ପରେ ନଦୀ ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ସେହିପରି ନନ୍ଦିରା ପାଣିକୁ ଲୋକେ ଗାଁ ପୋଖରୀରେ ପୂରାଉ ଥିବାରୁ ଉକ୍ତ ଜଳଉତ୍ସଗୁଡ଼ିକ ମଧ୍ୟ ପ୍ରଦୂଷିତ ହେଉଛି। ଏହି ନଦୀ, ନାଳ ଓ ପୋଖରୀ ପାଣିକୁ ଲୋକମାନେ ବ୍ୟବହାର କରି ନାନା ପ୍ରକାର ଚର୍ମରୋଗ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପାଣି ପିଇବା ଦ୍ୱାରା ଗୋରୁଙ୍କ ଠାରେ ବଜବଜିଆ ରୋଗର ଲକ୍ଷଣ ଦେଖିବାକୁ ମିଳୁଛି। ଚିକିତ୍ସା ଅଭାବରୁ ଏହି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହେଉଛି। ଗୋତମରା ଗ୍ରାମର ସୁବାସ ନାୟକ କହିଛନ୍ତି, ନାଲ୍‌କୋ କାରଖାନା ପ୍ରତିଷ୍ଠା ପରେ ଅଞ୍ଚଳରୁ ବେକାରି ହଟିବ, ବିକାଶ ହେବ ଓ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ବୋଲି ଭାବିଥିଲୁ। ହେଲେ ସେମିତି କିଛି ହେଉନାହିଁ। ଲୋକଙ୍କ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦିଆଯାଉଥିଲେ ବି କାର୍ଯ୍ୟକାରୀ କରାଯାଉନାହିଁ। ବିଶୁଦ୍ଧ ପିଇବା ପାଣି ଲୋକଙ୍କୁ ମିଳୁନାହିଁ। ବଗଚର ଗ୍ରାମର ରାମଚନ୍ଦ୍ର କହିଛନ୍ତି, ନଦୀ, ନାଳର ପାଉଁଶ ମିଶା ଦୂଷିତ ପାଣି ବ୍ୟବହାର ଯୋଗୁ ଲୋକଙ୍କ ଦେହ କୁଣ୍ଡେଇ ହୋଇ ଫୁଲି ଯାଉଛି। ନନ୍ଦିରା ନାଳରେ ଗାଧୋଇ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଲିଙ୍ଗରାକଟା ଗାଁର ଦିଲୀପ କହିଛନ୍ତି, ନାଲ୍‌କୋର ପାଉଁଶ ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ବିଭିନ୍ନ ସ୍ଥାନରେ ଏହା ଲିକ୍ ହୋଇ ନନ୍ଦିରା ନାଳରେ ମିଶୁଛି। ଏହି ପାଣି ପିଇ ଗୋରୁଙ୍କ ଜୀବନ ଚାଲିଯାଉଛି। ଏ ନେଇ ଅଭିଯୋଗ କଲେ ବି ପ୍ରତିକାର କରାଯାଉ ନାହିଁ।

ନନ୍ଦିରା ପାଣି ବ୍ରାହ୍ମଣୀ ନଦୀରେ ମିଶିବା ଫଳରେ ନଦୀ ପ୍ରଦୂଷିତ ହେଉଛି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ କାର୍ଯ୍ୟାଳୟ ମୁଖ୍ୟ ରମେଶ ଚନ୍ଦ୍ର ଏକାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଜଳ ପ୍ରଦୂଷଣ ରୋକିବାକୁ ନାଲ୍‌କୋ ପକ୍ଷରୁ କେଉଁ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇଛି ବୋଲି ପଚରାଯାଇଥିଲେ ହେଁ ନାଲ୍‌କୋ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

## ଟୁରିଷ୍ଟ ବସ୍-ହାଇୱା ଧକ୍କା, ୪ ଆହତ

ବୋଲଗଡ଼/କଳାପଥର,୨୪।୧(ଦେବବ୍ରତ ହୋତା/ଗଙ୍ଗାଧର ସାହୁ): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନ ଅଧୀନ ଗେଡିଆପଲ୍ଲୀ-ଗୋବିନ୍ଦପୁର ରାସ୍ତାରେ ଶନିବାର ଟୁରିଷ୍ଟ ବସ୍ ଏବଂ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବସ୍ ଡ୍ରାଇଭରଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଳାପଥର ମେଡିକାଲକୁ ପଠାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ହାଇୱା ଜବତ କରି ତଦନ୍ତ ଚଳାଇଛି।




## ଆଗୁଆ ହୋଇପାରେ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର,୨୪।୧(ସୁନିତ୍ ମିଶ୍ର)


ମନମୋହନ ସାମଲ

ରାଜ୍ୟରେ ହେବାକୁ ଥିବା ଜନଗଣନା ପାଇଁ ପଞ୍ଚାୟତ ନିର୍ବାଚନ ଆଗୁଆ ହୋଇପାରେ। ନିର୍ଦ୍ଧାରିତ ସମୟର ୨/୩ ମାସ ପୂର୍ବରୁ ଏହି ନିର୍ବାଚନ ହେବା ସମ୍ଭାବନା ରହିଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ସୂଚନା ଦେଇଛନ୍ତି। ଏକ କାର୍ଯ୍ୟକ୍ରମ ଅବସରରେ ମନମୋହନ ତାଙ୍କ ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଟାସ୍କ ଦେଇ କହିଛନ୍ତି, ୬ମାସ ଭିତରେ ନିଜର ସବୁ ଅଧୁରା କାମ ଶେଷକର। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସବୁ ବ୍ଲକ୍, ପଞ୍ଚାୟତ, ଜିଲା ପରିଷଦ ଜୋନ୍, ୱାର୍ଡସ୍ତରରେ ଦଳକୁ ଜିତିବାକୁ ହେବ ବୋଲି ସେ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ଆଗକୁ ଦଳର ମିଶ୍ରଣ ପର୍ବ ପଞ୍ଚାୟତସ୍ତରରେ ଅନୁଷ୍ଠିତ ହେବ। ଯେଉଁମାନେ ପଞ୍ଚାୟତ ସ୍ତରରେ ମିଶିବେ ସେମାନଙ୍କୁ ଦଳ ଗ୍ରାମ ପଞ୍ଚାୟତରେ ମିଶ୍ରଣ ପର୍ବ କରି ସ୍ୱାଗତକରିବ। ବିଧାନସଭା ସ୍ତରରେ ମିଶିବାକୁ ଥିବା ନେତାମାନଙ୍କ ପାଇଁ ସେହି ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ସେହିପରି ଜିଲାସ୍ତର ପାଇଁ ଜିଲାରେ ଓ ରାଜ୍ୟସ୍ତର ଲାଗି ରାଜ୍ୟ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ଚାଲିବ। ପଞ୍ଚାୟତରୁ ଆରମ୍ଭକରି ଭୁବନେଶ୍ୱର ପର୍ଯ୍ୟନ୍ତ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ପଞ୍ଚାୟତ ଭୋଟକୁ ଆଉ ୬ ମାସ ରହିଲା। ଏଣିକି ଦିନରାତି ଏକକରି ପରିଶ୍ରମ କରିବା। ସରପଞ୍ଚ ଓ ପଞ୍ଚାୟତ ସମିତି ମେମ୍ବର ଯେଉଁ କାମ ସାରିନାହାନ୍ତି, ସେମାନେ ୬ମାସ ଭିତରେ କରିଦିଅନ୍ତୁ ବୋଲି ମନମୋହନ କହିଛନ୍ତି।

ପଞ୍ଚାୟତ ନିର୍ବାଚନ ୨୦୨୭ ଜାନୁଆରୀ-ଫେବୃଆରୀରେ ହେବା ନେଇ କିଛିଦିନ ତଳେ ରାଜ୍ୟ ନିର୍ବାଚନ କମିଶନରଙ୍କ ଇଙ୍ଗିତ ଏବଂ ମନମୋହନଙ୍କ ପ୍ରତିକ୍ରିୟାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି। ଦୀର୍ଘଦିନ ହେଲା ଭାଜପା ସରକାର ରାଜ୍ୟରେ ପଞ୍ଚାୟତ ଭୋଟ କରିବ ନାହିଁ ବୋଲି ବିରୋଧୀ ଯେଉଁ ଡିଣ୍ଡିମ ପିଟୁଥିଲେ, ତାହା ଏବେ ମିଛ ପ୍ରମାଣିତ ହେବାକୁ ଯାଉଛି। ଅନେକ ବିଜେଡି ନେତା ଭିନ୍ନ ଭିନ୍ନ ସ୍ଥାନରେ ପ୍ରତିକ୍ରିୟା ଦେଇ କହିଆସୁଥିଲେ ଯେ, ଭାଜପା କେବେ ହେଲେ ପଞ୍ଚାୟତ ଭୋଟ କରିବ ନାହିଁ। ଯଦି ସେମାନେ ପଞ୍ଚାୟତ ଭୋଟ କରନ୍ତି, ତେବେ ସେମାନେ ଜିତିପାରିବେ ନାହିଁ। ଏଭଳି ସ୍ଥିତିରେ ମନମୋହନ ଆଗୁଆ ଭୋଟ ହେବ ବୋଲି ପ୍ରତିକ୍ରିୟା ଦେବା ପରେ ବିଜେଡି କ'ଣ କହୁଛି ଜାଣିବାକୁ ଚାହିଁଥିଲୁ।

ଏନେଇ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ରାଜ୍ୟରେ ପଞ୍ଚାୟତ ଭୋଟ ହେବ ନା ନାହିଁ ସେ କଥା ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଦେଖିବା ପରେ ନିର୍ବାଚନ କମିଶନର ଘୋଷଣା କରିଥାନ୍ତି। ଶାସକ ଦଳ ନିଜ ରାଜ୍ୟ କାର୍ଯ୍ୟାଳୟରେ ବସି ଏଭଳି ତଥ୍ୟ ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛି। ଏହାଦ୍ୱାରା ସରକାର ଗଣତାନ୍ତ୍ରିକ ପଦ୍ଧତିର ଧଜିଆ ଉଡ଼େଇ ଦେଇଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ ସାମ୍ନାକୁ ଆସି ସ୍ପଷ୍ଟ ସୂଚନା ଦିଅନ୍ତୁ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ପଞ୍ଚାୟତ ଭୋଟ ହେବା ସମ୍ପର୍କିତ ଘୋଷଣା ଏକ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ହୋଇଥାଏ। ଜଣେ ଦଳର ସଭାପତି ଏହି ଘୋଷଣାକରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ତୃଣମୂଳସ୍ତରରେ ଭାଜପା ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବାବେଳେ ଏଭଳି ଅସମ୍ବିଧାନିକ ଘୋଷଣାକରି ଦଳର ଭୋଟ ବଢ଼ାଇବା ପାଇଁ ଶାସକ ଦଳର ଏହା ଏକ ଅପଚେଷ୍ଟା। ଅନେକ ସମୟରେ ଭାଜପା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସେମାନେ ଆଗୁଆ ପଞ୍ଚାୟତ ଭୋଟ ହେବ କହି ଯେଉଁ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି, ଆଗାମୀ ଦିନରେ କଂଗ୍ରେସ ତା'ର ଜବାବ ଦେବ ବୋଲି କାଡାମ କହିଛନ୍ତି।

ଆଗୁଆ ପଞ୍ଚାୟତ ଭୋଟ ସମ୍ପର୍କିତ ଏହି ଘୋଷଣା ବିଜେଡି ଓ କଂଗ୍ରେସକୁ ପରୋକ୍ଷ ଟାର୍ଗେଟ ବୋଲି କୁହାଯାଇପାରେ। ଏଭଳି ଏକ ଘୋଷଣା ଜରିଆରେ ତୃଣମୂଳସ୍ତରରୁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ଶାସକ ଦଳରେ ମିଶାଇବାକୁ ଏହା ଏକ ରାଜନୈତିକ ଗୋଟିଚାଳନା ବୋଲି ଚର୍ଚ୍ଚା ଜୋର୍ ଧରିଛି।

## ନିଶାସକ୍ତ ଅବସ୍ଥାରେ ଗଡ଼ିଲେ ୨ ଛାତ୍ର

ଫୁଲବାଣୀ, ୨୪।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟକୁ ବିବାଦ ପିଛା ଛାଡୁନି। ଛାତ୍ରାବାସରେ ରହି ପଢୁଥିବା ଛାତ୍ରୀମାନେ ଗର୍ଭବତୀ ହେବା ଘଟଣାକୁ ନେଇ ପୂର୍ବରୁ କେତୋଟି ବିଦ୍ୟାଳୟ ଚର୍ଚ୍ଚାକୁ ଆସିଥିବାବେଳେ ଏବେ ଟିକାବାଲିର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଏକ ବିଦ୍ୟାଳୟ ଚର୍ଚ୍ଚାକୁ ଆସିଛି। ଶୁକ୍ରବାର ସରସ୍ୱତୀ ପୂଜା ଦିନ ଏହି ବିଦ୍ୟାଳୟର ୨ଜଣ ଛାତ୍ର ବଜାରକୁ ଆସି ମଦ ପିଇ ନିଶାସକ୍ତ ହୋଇ ପଡିରହିବା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଟିକାବାଲି ବ୍ଲକ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମଶ୍ରେଣୀରେ ପଢୁଥିବା ଏହି ଦୁଇ ଛାତ୍ର ସ୍କୁଲ ୟୁନିଫର୍ମ ପିନ୍ଧି ଛାତ୍ରାବାସରୁ ସରସ୍ୱତୀ ପୂଜାରେ ଯୋଗଦେବାକୁ ଆସିଥିଲେ। ପରେ ସେମାନେ ସେପରି ସ୍କୁଲ ୟୁନିଫର୍ମ ପିନ୍ଧି ବଜାରକୁ ଯାଇ ମଦ୍ୟପାନ କରିଥିଲେ। ଉଭୟେ ନିଶାସକ୍ତ ଅବସ୍ଥାରେ ଆଉ ଛାତ୍ରାବାସକୁ ଫେରି ନ ପାରି ଟିକାବାଲି ପୋଷ୍ଟ ଅଫିସ ନିକଟରେ ଥିବା ବିଏସ୍‌ଏନ୍‌ଏଲ ଟାୱାର ତଳେ ଅଚେତ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ଏବଂ କିଛି ବୁଦ୍ଧିଜୀବୀ ଏହି ଦୁଇ ଛାତ୍ରଙ୍କୁ ଦେଖି ପ୍ରଧାନଶିକ୍ଷକ କାମରାଜ କହଁରଙ୍କୁ ଖବର ଦେଇଥିଲେ। ପରେ ଦୁଇ ଛାତ୍ରଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ସେମାନେ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡିଥିଲା। ଶୁକ୍ରବାର ପୂଜା ଥିଲା। ଏହାର ସୁଯୋଗ ନେଇ ଦୁଇ ଛାତ୍ର ବାହାରକୁ ଯାଇ ଏଭଳି କାମ କରିଛନ୍ତି। ଆମେ ସେମାନଙ୍କ ଅଭିଭାବକଙ୍କୁ ଖବର ଦେବାରୁ ସେମାନେ ଆସି ପିଲାଙ୍କୁ ଘରକୁ ନେଇଛନ୍ତି। ପିଲାମାନେ ଶୃଙ୍ଖଳାରେ ରହିବା ପାଇଁ ଆମେ ଚେଷ୍ଟା କରୁଛୁ। ବିଦ୍ୟାଳୟଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ହେବା ପରେ ଆମେ କଠୋର ପଦକ୍ଷେପ ନେଇପାରୁନୁ। ଏହାର ଫାଇଦା ନେଇ କିଛି ଅମାନିଆ ପିଲା ଏଭଳି ବିଶୃଙ୍ଖଳିତ ହେଉଛନ୍ତି ବୋଲି ପ୍ରଧାନ ଶିକ୍ଷକ କହଁର କହିଛନ୍ତି।




## ୨୧.୧ କି.ମି. ଦୌଡ଼ି ପଦକ ଜିତିଲେ ଝାରସୁଗୁଡ଼ା ଏସ୍‌ପି

ରାଉରକେଲା,୨୪।୧(ସଙ୍ଗୀତା ଦାଶ)

ରାଉରକେଲା ହାଫ୍ ମାରାଥନ


ପଦକ ସହ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର।

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ସ୍ଥାପନା ଦିବସ ପାଳନ ଅବସରରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଶନିବାର ଆୟୋଜିତ ହାଫ୍ ମାରାଥନ୍‌ରେ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସାମିଲ ହୋଇଥିଲେ। ସେ ୨୧.୧ କି.ମି. ଦୂରତା ଦୌଡ଼କୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିବାରୁ ତାଙ୍କୁ ଆର୍‌ଏସ୍‌ପି ପକ୍ଷରୁ ପଦକ ପ୍ରଦାନ କରାଯାଇଥିଲା। ଏହି ମାରାଥନ୍‌ରେ ବିଭିନ୍ନ ରାଜ୍ୟର ୧୨୫୧ ଜାତୀୟ ଦୌଡାଳିଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ କରିବା ସହ ଅଂଶଗ୍ରହଣ କରିଥିଲେ। ଉକ୍ତ ଦୌଡ଼ ପ୍ରତିଯୋଗିତା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍‌ରୁ ପ୍ରାତଃ ୫ଟା ୩୦ରେ ଆରମ୍ଭ ହୋଇ ସହରର ବିଭିନ୍ନ ଛକ ଅତିକ୍ରମ କରିବା ପରେ ପୁନଃ ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା। ଏହି ବୃହତ୍ତମ ଗଣଦୌଡରେ ସୁନ୍ଦରଗଡ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ସାମିଲ ହୋଇ ସୁରକ୍ଷିତ ସ୍ୱାସ୍ଥ୍ୟ ପାଇଁ ନିୟମିତ ଦୌଡ଼ର ଉପକାରିତା ବିଷୟରେ ବାର୍ତ୍ତା ପ୍ରଦାନ ଦେଇଥିଲେ।

## ନବଗ୍ରହ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟଙ୍କୁ ଆକ୍ରମଣ ଅଭିଯୋଗ

ତିହିଡ଼ି,୨୪।୧(ସଞ୍ଜିତ ବଳ):ତିହିଡ଼ି ଥାନା ଅଧୀନ କୋହ୍ଲ ବଜାରସ୍ଥିତ ନବଗ୍ରହ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ ପ୍ରଭାତ କୁମାର ରାଉଳଙ୍କୁ କେତେଜଣ ପୂଜକ ଶନିବାର ପୂର୍ବାହ୍ନରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତିହିଡ଼ି ଗ୍ରାମର ପ୍ରଭାତ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭/୨୬) ରୁଜୁ କରିଛି। ପୋଲିସ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିବା ସହ ନୋଟିସ ଦେଇ ତାଙ୍କୁ ଛାଡ଼ିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଗତବର୍ଷ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ହେବା ପରେ କେତେକ ପୂଜକ ଏହାକୁ ବିରୋଧ କରିଆସୁଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ ତଥା ଖବରଦାତା ପ୍ରଭାତ ମନ୍ଦିରକୁ ଭୋଗ କରିବାକୁ ଯାଇଥିବା ବେଳେ ଆକ୍ରମଣକାରୀ ପୂଜକମାନେ ତାଙ୍କୁ କାହିଁକି ଆସିଛ ବୋଲି ପଚାରିବା ସହ ଗାଳିଗୁଲଜ କରିଥିଲେ। ପ୍ରଭାତ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହ ବିଭିନ୍ନ ମାରଣାସ୍ତ୍ରରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ପ୍ରଭାତଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ୍ୟ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ

ମାଘସପ୍ତମୀ, ଚନ୍ଦ୍ରଭାଗାତୀର୍ଥେ ସ୍ନାନ



# ବିଭାଜନକାରୀ ଆଇନ



**ଆକାର ପଟେଲ**

ଚଳିତ ସପ୍ତାହରେ ଗୁଜରାଟ ଭଳି ରାଜସ୍ଥାନ ଏକ ପୃଥକୀକରଣ ବା ବିଭାଜନକାରୀ ଆଇନ ପାସ୍ କରିବାକୁ ଯାଉଛି। ଅଧିକାଂଶ ଭାରତୀୟ ଏହାର ଅସ୍ତିତ୍ୱ ବିଷୟରେ ଜାଣିପାରିବେ ନାହିଁ, କାରଣ ଗଣମାଧ୍ୟମ ଏହାକୁ ରିପୋର୍ଟ କରିବାର ସମ୍ଭାବନା କମ୍। ଆସନ୍ତୁ ଦେଖିବା ଏହା କ'ଣ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଗରିବ ଲୋକଙ୍କୁ ଯେଉଁଠି ଏକାଠି ରହିବାକୁ ବାଧ୍ୟ କରାଯାଏ ତାହାକୁ ଆମେ ବସ୍ତି ବୋଲି କହୁ। ଏକ ଜାତିଗତ ଗୋଷ୍ଠୀକୁ ଜୋରଜବରଦସ୍ତ ସହର ସମୀପବର୍ତ୍ତୀ ଏକ ଅନୁନ୍ନତ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଏ। ବସ୍ତି ଲୋକଙ୍କର ଅନ୍ୟତ୍ର ଯିବାର କୌଣସି ବାଟ ନାହିଁ। ଜାତିଗତ ଗୋଷ୍ଠୀର ଲୋକଙ୍କ ପାଖରେ ସାଧନ ଥିଲେ ମଧ୍ୟ ସେମାନଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ବର୍ଣ୍ଣବୈଷମ୍ୟ ଅର୍ଥ ପୃଥକତା ଏବଂ ଏହି ନୀତି ଦକ୍ଷିଣ ଆଫ୍ରିକାର କଳା ଆଫ୍ରିକୀୟଙ୍କୁ ଅଲଗା କରି ସ୍ୱତନ୍ତ୍ର ଅଞ୍ଚଳରେ ଗୋଷ୍ଠୀଗତ ଭାବେ ରହିବା ପାଇଁ ବାଧ୍ୟ କରେ। ଯେତେବେଳେ ୧୯୬୦ ଦଶକରେ ଆମେରିକାରେ କଳା-ଗୋରା ପୃଥକୀକରଣ ଆଇନଗତ ଭାବରେ ଶେଷ ହୋଇଥିଲା, ସେତେବେଳେ ସରକାର ଜାତିଗୁଡ଼ିକୁ ଏକାଠି କରିବା ପାଇଁ ଫେୟାର ହାଉସିଂ ଆକ୍ଟ ଭଳି ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ସମ୍ପତ୍ତିର କିଣାବିକାରେ ଥିବା ଜାତିଗତ ଭେଦଭାବକୁ ରୋକିଥିଲା। ସମଗ୍ର ଗୁଜରାଟରେ, ସବୁପ୍ରମୁଖ ସହର ଏବଂ ଅନେକ ଛୋଟବଡ଼ ସହରରେ ଭାଜପା ସରକାର ଏହାର ବିପରୀତ କାର୍ଯ୍ୟ କରିଛି। ଗୁଜରାଟ ପ୍ରୋହିବିଶନ ଅଫ୍ ଟ୍ରାନ୍ସଫର ଅଫ୍ ଇମୋଭେବଲ ପ୍ରପର୍ଟି ଆଣ୍ଡ୍ ପ୍ରୋଭିଜନ ଫର୍ ପ୍ରୋଟେକ୍ସନ ଅଫ୍ ଟେନାଣ୍ଟସ୍ ଫ୍ରମ୍ ଏଭିକ୍ସନ ଆଇନ ମାଧ୍ୟମରେ ମୁସଲମାନମାନଙ୍କୁ ଜାଣିଶୁଣି ସହର ନିକଟବର୍ତ୍ତୀ ଅଞ୍ଚଳରେ ରହିବାକୁ ବାଧ୍ୟ କରାଯାଇଛି। ଏହି ଆଇନ ଅନୁଯାୟୀ ସହରଗୁଡ଼ିକର ନିର୍ଦ୍ଦିଷ୍ଟ ଭାଗରେ ଥିବା ନାଗରିକଙ୍କୁ ସେମାନଙ୍କର ସମ୍ପତ୍ତି ବିକ୍ରୟ କରିବା କିମ୍ବା ଭଡାଟିଆ ପରିବର୍ତ୍ତନ କରିବା ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ଆବେଦନପତ୍ରରେ କ୍ରେତା ଏବଂ ବିକ୍ରେତାଙ୍କ ନାମ ତାଲିକାଭୁକ୍ତ କରାଯିବା ଉଚିତ ଏବଂ ଜୋରଜବରଦସ୍ତ ବିକ୍ରୟ କରାଯାଇ ନାହିଁ ଓ ବଜାର ମୂଲ୍ୟରେ ହୋଇଛି ବୋଲି ଏକ ଶପଥପାଠ ଦେବା ଆବଶ୍ୟକ।

ଏହି ଆଇନ ୨୦୦୯ରେ ପ୍ରଥମେ କଂଗ୍ରେସ ଦ୍ୱାରା ଗୃହୀତ ହୋଇଥିଲା ଏବଂ ମୋଦି ସରକାର ଆଇନରେ ସଂଶୋଧନ କରି କଲେକ୍ଟରଙ୍କୁ ତଦନ୍ତ ଏବଂ ଆଇନ ଅନୁଯାୟୀ ସମ୍ପତ୍ତି ଦଖଲ କରିବା ପାଇଁ ଅତିରିକ୍ତ କ୍ଷମତା ଦେଇଥିଲେ। ଜୁଲାଇ ୨୦୧୯ ରେ ଆଉ ଏକ ପରିବର୍ତ୍ତନ କରାଯାଇଥିଲା। ପୂର୍ବରୁ ସମ୍ପତ୍ତି ବିକ୍ରେତାଙ୍କୁ ସେମାନଙ୍କର ସମ୍ପତ୍ତି ହସ୍ତାନ୍ତର ପାଇଁ ଅନୁମତି ଲାଗି ଆବେଦନ କରିବାକୁ ଏବଂ ସତ୍ୟପାଠରେ ସେମାନଙ୍କ ସମ୍ମତି ପଞ୍ଜୀକୃତ କରିବାକୁ ପଡୁଥିଲା। ବର୍ତ୍ତମାନ ବିକ୍ରୟ ସ୍ୱଷ୍ଟ ସମ୍ମତିରେ ହେଉଥିଲେ ଏବଂ ମାଲିକଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରାଯାଉଥିଲେ ମଧ୍ୟ ତାହା ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ। ଯଦି ଜିଲାପାଳ ଜନସଂଖ୍ୟାଗତ ସନ୍ତୁଳନରେ କୌଣସି ବିଭ୍ରାଟ କିମ୍ବା ସମ୍ପ୍ରଦାୟର ବ୍ୟକ୍ତିଙ୍କ ବେଆଇନ ଗୋଷ୍ଠୀକରଣ କିମ୍ବା ଧ୍ରୁବୀକରଣର ସମ୍ଭାବନା ଥିବା ଅନୁଭବ କରନ୍ତି, ତେବେ ହସ୍ତାନ୍ତର ହୋଇଥିଲେ ମଧ୍ୟ ସେ ସମ୍ପତ୍ତିର ବିକ୍ରୟ ବନ୍ଦ କରିପାରିବେ। ଏହି ଆଧାରରେ ମୂଲ୍ୟାଙ୍କନ କରିବା ପରେ କଲେକ୍ଟର ସମ୍ପତ୍ତିର ଆଇନଗତ ହସ୍ତାନ୍ତର ପାଇଁ ଆବେଦନକୁ ରଦ୍ଦ ବି କରିପାରିବେ। ବିନା ସ୍ୱୀକୃତିରେ ସମ୍ପତ୍ତି ହସ୍ତାନ୍ତର ପାଇଁ ଜେଲଦଣ୍ଡକୁ ୬ ବର୍ଷ ବୃଦ୍ଧି କରାଯାଇଛି (ଆଇନ ପ୍ରଥମେ ଲାଗୁହେବା ସମୟରେ ଦଣ୍ଡ ୬ ମାସ ଥିଲା)। ଏହି ଆଇନ ବର୍ତ୍ତମାନ ରାଜ୍ୟ ସରକାରଙ୍କୁ ସହର ନିକଟରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳ ଜନସଂଖ୍ୟା ଉପରେ ନଜର ରଖିବା ପାଇଁ ଏକ 'ନିରୀକ୍ଷଣ ଏବଂ ପରାମର୍ଶଦାତା କମିଟି' ଗଠନ କରିବାକୁ ଅନୁମତି ଦେଇଥିଲା। ବିକ୍ରୟକୁ ଅନୁମତି ଦିଆଯାଇପାରିବ କି ନାହିଁ ସେ ବିଷୟରେ ଏହି କମିଟି ଜିଲାପାଳଙ୍କୁ ପରାମର୍ଶ ଦେବ। ଏହି ଆଇନ ବର୍ତ୍ତମାନ ଗୁଜରାଟର ତିନୋଟି ବୃହତ୍ତମ ସହର ଅହମଦାବାଦ, ଭଦୋଦରା ଓ ସୁରଟର ବଡ଼ ଅଂଶ ଏବଂ ଭରୁଚ, କପାଡ଼ଭଞ୍ଜ, ଆନନ୍ଦ ଏବଂ ଗୋଧ୍ରାରେ ବଳବତ୍ତର ରହିଛି। ଅବଶ୍ୟ ବିଦେଶୀମାନେ ଗୁଜରାଟରେ ସମ୍ପତ୍ତି ଲିଜ୍ ଏବଂ କିଣିପାରିବେ ଯାହା ଭାରତୀୟ ମୁସଲମାନ କରିପାରିବେ ନାହିଁ। ଗତ ସପ୍ତାହରେ ରାଜସ୍ଥାନ କ୍ୟାବିନେଟ ଗୁଜରାଟ ଭଳି ସମାନ କାର୍ଯ୍ୟ କରୁଥିବା ଏକ ଆଇନକୁ ମଞ୍ଜୁରୀ ଦେଇଛି। ଆଇନ ମନ୍ତ୍ରୀ ଯୋଗରାମ ପଟେଲ କହିଛନ୍ତି ଯେ ଅବୈଧଭାବେ ଗୋଷ୍ଠୀକରି ରହିଥିବା ପଡ଼ୋଶୀଙ୍କୁ ଟାର୍ଗେଟ୍ କରାଯିବ। ସରକାରଙ୍କ ଅନୁମତି ବିନା ଏହି ଅଞ୍ଚଳଗୁଡ଼ିକରେ ସ୍ଥାବର ସମ୍ପତ୍ତିର ହସ୍ତାନ୍ତର ଅବୈଧ ହେବ।

ସଂଖ୍ୟାଲଘୁଙ୍କୁ ନିର୍ଯ୍ୟାତନା ଦେଉଥିବା ଅନ୍ୟ ଆଇନ ପରି, ଏହାର ମଧ୍ୟ ଏକ ନାମ ଦିଆଯାଇଛି: ରାଜସ୍ଥାନ ପ୍ରୋହିବିଶନ ଅଫ୍ ଟ୍ରାନ୍ସଫର ଅଫ୍ ଇମୋଭେବଲ ପ୍ରପର୍ଟି ଆଣ୍ଡ୍ ପ୍ରୋଭିଜନ ଫର୍ ପ୍ରୋଟେକ୍ସନ ଅଫ୍ ଟେନାଣ୍ଟସ୍ ଫ୍ରମ୍ ଏଭିକ୍ସନ ଫ୍ରମ୍ ଦି ପ୍ରେମିସେସ୍ ଇନ୍ ଡିଷ୍ଟର୍ବ ଏରିୟାଜ୍ ବିଲ୍, ୨୦୨୬। ଏହାର ପ୍ରଭାବ ନିଶ୍ଚିତ ଭାବରେ ଗୁଜରାଟ ଭଳି ହେବ। ରାଜସ୍ଥାନ ଆଇନରେ ଥିବା ପ୍ରାବଧାନର ଉଲ୍ଲଂଘନ ଜାମିନଯୋଗ୍ୟ ନୁହେଁ; ଏହା ବିଚାରଯୋଗ୍ୟ ଓ ୫ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ତଥା ଜରିମାନା ସହିତ ଦଣ୍ଡନୀୟ। ରାଜ୍ୟରେ ଆଇନ ପାସ୍‌କୁ କଂଗ୍ରେସ ବିରୋଧ କରେ କିନ୍ତୁ ତାହା ପାଖରେ ଆବଶ୍ୟକ ସଂଖ୍ୟକ ବିଧାୟକ ନଥିବାରୁ ଏହାକୁ ବନ୍ଦ କରିପାରିବ ନାହିଁ। ଏହାର ରାଜ୍ୟ ମୁଖ୍ୟ କହିଛନ୍ତି, ଭାଜପା ଗୁଜରାଟ ମଡେଲକୁ ଅନୁସରଣ କରି କ୍ଷମତାରେ ରହିବାକୁ ଚାହେଁ। ଏହା ସତ୍ୟ। ଭାରତ ଅନେକ ଆଇନ ମାଧ୍ୟମରେ ସମ୍ବିଧାନର ଧର୍ମନିରପେକ୍ଷତାର ଅଧୋଗତି ଘଟାଇଛି, ଯାହା ବିରୋଧରେ କୌଣସି ପ୍ରତିରୋଧ ହୋଇନାହିଁ। ନ୍ୟାୟାଳୟଗୁଡ଼ିକ ମଧ୍ୟ ଏଗୁଡ଼ିକୁ ଅଣଦେଖା କରିଛନ୍ତି, ବିରୋଧୀ ଦଳ ପ୍ରତିବାଦ କରିବାରେ ବହୁତ ଦୁର୍ବଳ ଏବଂ ଗଣମାଧ୍ୟମ ମଧ୍ୟ ଏଥିରେ ସାମିଲ। ଗୋମାଂସ ରଖିବାର ଅପରାଧୀକରଣ ୨୦୧୫ରେ ମହାରାଷ୍ଟ୍ର ଏବଂ ହରିୟାଣାରୁ ଆରମ୍ଭ ହୋଇଥିଲା। ଆନ୍ତଃଧର୍ମ ବିବାହର ଅପରାଧୀକରଣ ୨୦୧୮ରେ ଉତ୍ତରାଖଣ୍ଡରୁ ଆରମ୍ଭ ହେବାସହ ମୁସଲିମ ଛାଡ଼ପତ୍ରର ଅପରାଧୀକରଣ ୨୦୧୯ରେ ହୋଇଥିଲା, ଯେପରି ନାଗରିକତା ସଂଶୋଧନ ଆଇନରୁ ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କୁ ବାଦ୍ ଦିଆଯାଇଥିଲା। ଏବେ ରାଜସ୍ଥାନ ଆଇନ ଏହି ଧାରାକୁ ଆଗକୁ ବଢ଼ାଉଛି। ପର୍ଯ୍ୟାୟକ୍ରମେ, ଆଇନ ପରେ ଆଇନ ଗଢ଼ି ଆମେ ସଂଖ୍ୟାବହୁଳ ଦେଶ ନୂତନ ଭାରତରେ ପ୍ରବେଶ କରିଛୁ, ଯାହା ଧର୍ମନିରପେକ୍ଷତାର ଆବରଣକୁ ହଟାଇଦେବା ପାଇଁ ଚେଷ୍ଟା କରୁଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | 5 |
| 9 | 5 | | 4 | | 7 | | | |
| 1 | 2 | | | | | | 4 | 7 |
| | | | | 6 | 8 | | | 2 |
| 4 | | | 3 | | | | | 9 |
| | | | | | | | | |
| | 7 | 8 | | | | | | |
| 2 | | | 8 | | 1 | | 7 | 4 |
| | | | 2 | | 6 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 3 | 8 | 4 | 2 | 7 | 9 |
| 8 | 7 | 9 | 6 | 2 | 5 | 3 | 1 | 4 |
| 4 | 3 | 2 | 1 | 7 | 9 | 5 | 8 | 6 |
| 1 | 8 | 7 | 2 | 4 | 6 | 9 | 3 | 5 |
| 6 | 5 | 3 | 9 | 1 | 7 | 4 | 2 | 8 |
| 2 | 9 | 4 | 8 | 5 | 3 | 7 | 6 | 1 |
| 3 | 2 | 6 | 5 | 9 | 1 | 8 | 4 | 7 |
| 9 | 4 | 8 | 7 | 6 | 2 | 1 | 5 | 3 |
| 7 | 1 | 5 | 4 | 3 | 8 | 6 | 9 | 2 |

ଗତକାଲିର ଉତ୍ତର

# ନଜର ଲାଗିଗଲା କି



**ରଞ୍ଜନ କୁମାର ଦାସ**

ନିକଟରେ ଓଡ଼ିଶା ବିଧାନସଭାରେ ସଭ୍ୟମାନଙ୍କର ମାସିକ ଦରମା, ଭତ୍ତା ଓ ପେନ୍‌ସନ୍ ଆଦି ବୃଦ୍ଧି କରି ଏକ ବିଲ୍ ସର୍ବସମ୍ମତି କ୍ରମେ ପାସ୍ ହୋଇଗଲା। ବିଧାୟକମାନେ ଜନମତ ନିର୍ବିଶେଷରେ ତା' ସପକ୍ଷରେ ନାନାଦି ଯୁକ୍ତି ଉପସ୍ଥାପନ କରି ତାକୁ ଯଥାର୍ଥ ବୋଲି ମଧ୍ୟ କହିଲେ। ମାତ୍ର ଦିନ କେଇଟା ନ ଯାଉଣୁ ତାଙ୍କ ଭିତରୁ କେତେଜଣଙ୍କର ବିବେକ ହଠାତ୍ ଜାଗ୍ରତ ହୋଇଉଠିଲା ଓ ଲୋକଲଜ୍ଜା ତଥା ସମାଲୋଚନା ଭୟରେ ସେମାନେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି କହିଲେ। ଇତ୍ୟବସରରେ ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ମଧ୍ୟ ହେଲା। କେହି ପଚାରିଲେ ନାହିଁ ଯେ ଯେଉଁ ବିଧାନସଭାର ୭୦ଭାଗ ବିଧାୟକ କୋଟିପତି ସେମାନେ କ'ଣ ଏତେ ଅଭାବରେ ଥିଲେ ଯେ ଅତିଥି ଅଭ୍ୟାଗତଙ୍କୁ ଚା' ଟିକେ ଦେଇ ପାରୁ ନ ଥିଲେ ଓ ସେଥିପାଇଁ ନିଜ ଦରମା ତାଙ୍କୁ ନିଜେ ବଢ଼ାଇବାକୁ ପଡ଼ିଲା ଭଳି ସ୍ଥିତି ଆସିଲା ? କେହି କେହି ମଧ୍ୟ କହିଲେ ଯେଉଁମାନଙ୍କର ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଯେ ସେମାନେ ପରିବାର ଚଳେଇବାକୁ ଅସମର୍ଥ, ସେମାନେ ନିଜ ପରିବାରର ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ନ ଦେଇ, ନିଜ ଚାଷବାସ, ବଣିଜ ଉପରେ ଧ୍ୟାନ ନ ଦେଇ ନିଜ ପାଇଁ ଚାକିରିଟିଏ ନ ଖୋଜି କାହିଁକି ସେମାନେ ହାତରୁ ଖାଇ ସେବା ନାମକ ଘୋଡ଼ା ପଛରେ ଧାଆଁନ୍ତି ? କିଏ ତାଙ୍କୁ ବାଧ୍ୟକରେ ଏଥିପାଇଁ ? ସେମାନେ ସମସ୍ତେ ତ ସମସ୍ୱରରେ କୁହନ୍ତି ଯେ ସେବା ତାଙ୍କ ଜୀବନର ମୂଳମନ୍ତ୍ର। ତେବେ ସେଇ ସେବା ପାଇଁ ଯାହାର ଜୀବନ ସମର୍ପିତ ସେମାନେ ପୁଣି ସେଥିପାଇଁ ଦରମା କାହିଁକି ଖୋଜନ୍ତି ଓ ତାକୁ ବଢ଼ାଇବା ପ୍ରୟାସରେ କାହିଁକି ଏମିତି ଲୋକହସା ହୁଅନ୍ତି ? ବାସ୍ତବରେ ଆଗରୁ ଦରମା ଓ ଅନ୍ୟାନ୍ୟ ସୁବିଧା ସବୁ ତାଙ୍କର ଚିରାଚରିତ ଭାବେ ମଝିରେ ମଝିରେ ବଢୁଥିଲା। କେହି କିଛି କହୁ ନ ଥିଲେ। ମାତ୍ର ଏଥର ଏକାଥରକେ ଏତେ ବଢ଼ିଗଲା ଯେ ଆଖିଦୃଷ୍ଟିଆ ହୋଇଗଲା ଓ କିଛି ଲୋକଙ୍କ ଖରାପ ନଜର ଲାଗିଗଲା ତା' ଉପରେ।

ଓଡ଼ିଶାରେ ଯେତେବେଳେ ବିଧାୟକଙ୍କ ଦରମା ବୃଦ୍ଧି ହେଲା କେତେକ ଖବରକାଗଜରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟର ବିଧାୟକମାନଙ୍କ ଦରମାର ଏକ ତୁଳନାତ୍ମକ ସାରଣୀ ପ୍ରକାଶ ପାଇଥିଲା। ଏଥିରେ କେଉଁ ରାଜ୍ୟର ବିଧାୟକଙ୍କ ଦରମା ଲକ୍ଷେ ଥିଲା କାହାର ଥିଲା ତିନି ଲକ୍ଷରୁ ଊର୍ଦ୍ଧ୍ୱ। ତେବେ ପ୍ରଶ୍ନ ଉଠୁଛି ଅରୁଣାଚଳ, ମେଘାଳୟର ବିଧାୟକମାନେ ଯେଉଁ କାମ କରନ୍ତି ଏଠି ଓଡ଼ିଶାର ବିଧାୟକମାନେ ମଧ୍ୟ ସେଇ କାମ କରନ୍ତି। ଯଦି ମହଙ୍ଗା ସହ ଏହାକୁ ଜଡ଼ିତ କରାଯାଏ ସବୁ ରାଜ୍ୟର ବିଧାୟକ ମହଙ୍ଗା ଦ୍ୱାରା ସମାନଭାବେ ଜଡ଼ିତ। ତେବେ ତାଙ୍କ ଦରମାରେ ପୁଣି ତାରତମ୍ୟ କାହିଁକି? ସରକାରୀ କର୍ମଚାରୀମାନେ ଦରମା ନିଅନ୍ତି, କାମ କରନ୍ତି। ବିଧାୟକ ଯଦି କାମ କରିବା ପାଇଁ ଦରମା ନେଉଛନ୍ତି ତେବେ ସେମାନେ ମଧ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି ସମାନ କାମ ପାଇଁ ''ସମାନ ଦରମା ନୀତି'' ଦ୍ୱାରା ପରିଚାଳିତ ହେବା କଥା। ମାତ୍ର ତାହା ହେଲାନାହିଁ। ତା'ଛଡ଼ା ସେମାନେ ନିଜ ଦରମା ନିଜେ ଧାର୍ଯ୍ୟ କରନ୍ତି। ଏହା ''କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ କ୍ଲଜ୍'' ଦ୍ୱାରା ପରିଚାଳିତ ହେବା ଉଚିତ ନା ନାହିଁ ସେ କଥା ବୁଦ୍ଧିଜୀବୀମାନେ ଚିନ୍ତା କରିବା କଥା। ସାଧାରଣତଃ ଜଜ୍‌ମାନେ ନିଜ ସମ୍ପର୍କୀୟ ବା ନିଜ ବିଷୟରେ କେସ୍ ଉଠିଲେ ତା'ର ଶୁଣାଣିରୁ ନିଜକୁ ଦୂରେଇ ରଖନ୍ତି। ପରୀକ୍ଷା ବେଳେ ଯେଉଁ ପରୀକ୍ଷା ନିୟନ୍ତ୍ରକଙ୍କ ପିଲା ପରୀକ୍ଷା ଦେଇଥାନ୍ତି ସେମାନେ ଏକ ଘୋଷଣାନାମା ନେଇ ନିଜକୁ ଦୂରେଇ ରଖନ୍ତି।



ମାତ୍ର ଏ କ୍ଷେତ୍ରରେ ନିଜ ଦରମା ନିଜେ ବୃଦ୍ଧି କରିବାଟା ନ୍ୟାୟସଙ୍ଗତ ହେଲା ନାହିଁ ବୋଲି ଲୋକେ ଅନୁଭବ କଲେ। ଏ ସମସ୍ୟାର ଦୂରୀକରଣ ପାଇଁ ଯଦି କେନ୍ଦ୍ର ସରକାର ଚାହାନ୍ତି ଯେମିତି ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରତି ଦଶବର୍ଷରେ ଥରେ ବେତନ କମିଶନ ବସୁଛି ସେମିତି ଲୋକପ୍ରତିନିଧିମାନଙ୍କ ଦରମା ସଂଶୋଧନ ପାଇଁ ଏକ କମିଶନ ବସାଇ ପାରିବେ ବା ସେହି ବେତନ କମିଶନ ଯେଉଁ ଫିଟ୍‌ମେଣ୍ଟ ଫ୍ୟାକ୍ଟର ସରକାରୀ କର୍ମଚାରୀମାନଙ୍କ ପାଇଁ ଧାର୍ଯ୍ୟ କରନ୍ତି ତାହା ହିଁ ଲୋକ ପ୍ରତିନିଧିମାନଙ୍କ ପାଇଁ ଲାଗୁ କଲେ କାହାର ଅସୁବିଧା ହୁଅନ୍ତା ନାହିଁ। ଏହା ଦ୍ୱାରା ସବୁ ରାଜ୍ୟର ବିଧାୟକ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ମ୍ୟୁନିସିପାଲିଟିର କାଉନସିଲର ସମସ୍ତଙ୍କ ପାଇଁ ଏକୀକୃତ ଦରମା ବ୍ୟବସ୍ଥା ଲାଗୁ କରାଯାଇ ପାରନ୍ତା। ବର୍ତ୍ତମାନ ସ୍ଥିତିରେ ଗୋଟିଏ ରାଜ୍ୟର ବିଧାୟକ ଉଚ୍ଚବେତନଧାରୀ ହେଲା ବେଳେ ଅନ୍ୟ ରାଜ୍ୟର ବିଧାୟକ ସ୍ୱଳ୍ପ ବେତନଧାରୀ ହେଉଛନ୍ତି। ପରସ୍ପରକୁ ଭେଟିଲାବେଳେ ଅଳ୍ପ ଦରମା ପାଉଥିବା ରାଜ୍ୟର ବିଧାୟକମାନଙ୍କୁ ନିଶ୍ଚୟ ହୀନମନ୍ୟତାର ଅନୁଭବ ଆସୁଥିବ। କେବଳ ବିଧାୟକ ନୁହେଁ ଅନ୍ୟ ସ୍ତରର ଲୋକପ୍ରତିନିଧିମାନେ ମଧ୍ୟ ସମାନ ଭାବେ ଏହି ନିୟମ ଦ୍ୱାରା ପରିଚାଳିତ ହୋଇପାରନ୍ତେ, ତେବେ ଆନ୍ତଃରାଜ୍ୟ ଦରମାରେ ତାରତମ୍ୟ ରୁହନ୍ତା ନାହିଁ।

ଏତଦ୍‌ବ୍ୟତୀତ ସାଧାରଣ ଲୋକଙ୍କ ମନରେ ସବୁବେଳେ ଗୋଟେ କ୍ଷୋଭ ଥାଏ, ତାହା ହେଲା ବେତନ କମିଶନ ବସିଲେ ଖାଲି ସରକାରୀ କର୍ମଚାରୀଙ୍କ ଦରମା ବଢ଼େ। ତେବେ ମହଙ୍ଗା କ'ଣ ସାଧାରଣ ଲୋକଙ୍କୁ ସମାନ ପୀଡ଼ା ଦିଏ ନାହିଁ? ଶ୍ରମିକମାନଙ୍କ ଦରମା, ବେସରକାରୀ ସଂଘରେ କାମ କରୁଥିବା ଲୋକଙ୍କ ଦରମା ସେତେବେଳେ ବଢ଼ି ନ ଥାଏ। ସରକାରୀ କର୍ମଚାରୀଙ୍କ ଦରମା ବଢ଼ିଲା ମାତ୍ରେ ସବୁ ଜିନିଷର ବଜାର ରେଟ୍ ବଢ଼ିଯାଏ। ମାତ୍ର ଏଇ ବେସରକାରୀ କର୍ମଚାରୀ, ଅଣସଂଗଠିତ କର୍ମଚାରୀ, ଶ୍ରମିକଙ୍କ ଦରମା ବଢ଼ି ନ ଥିବାରୁ ସେମାନେ ମହଙ୍ଗାର ମାଡ଼ ଦୁଇଗୁଣା ଭୋଗିଥାନ୍ତି। ଏହିସବୁ କାରଣ ଯୋଗୁ ଆଗରୁ ସରକାରୀ କର୍ମଚାରୀମାନଙ୍କ ଉପରେ ଜନତାଙ୍କର ଯେଉଁ ରୋଷ ଥିଲା, ଏଥର ତାହା ବିଧାୟକମାନଙ୍କ ଆଡ଼କୁ ମାଡ଼ିଗଲା। ଲୋକେ ଭାବିଲେ ଏମାନଙ୍କ ହାତରେ ସରକାର ବା ସରକାରୀ କଳ ଅଛି ବୋଲି ସିନା ସେମାନେ ନିଜ ଦରମାକୁ ଯେମିତି ଚାହୁଁଛନ୍ତି ସେମିତି ଓ ଯେତେ ଚାହୁଁଛନ୍ତି ସେତେ ବଢ଼ାଇ ଦେଉଛନ୍ତି। ତେଣୁ ସେମାନେ ତାଙ୍କ ଅସନ୍ତୋଷକୁ ଆଉ ଚାପି ନ ରଖି ବ୍ୟକ୍ତ କରିଦେଲେ। ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ଭଳି ଜନପ୍ରତିନିଧି ଯେଉଁମାନେ ପ୍ରକୃତରେ ଗରିବ ସେମାନେ ଏଥିରେ ଘିଅ ଢାଳି ତାଙ୍କ ଅସନ୍ତୋଷ ବ୍ୟକ୍ତ କଲେ।

ଯାହାହେଉ ଜନଆକ୍ରୋଶ ତୀବ୍ର ହେବା ଆଗରୁ କିଛି ବିଧାୟକ ନିଜ ତରଫରୁ ନିବେଦନ କଲେଣି ଯେ ଆମେ ଯାକୁ ଗ୍ରହଣ କରିବୁ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଚାପଯୋଗୁ ହେଉ ବା ଲୋକଙ୍କ ରୋଷକୁ ସାମ୍ନା ନ କରିପାରିବାର ଭୟରେ ହେଉ, କେହି କେହି ମଧ୍ୟ କହିଲେଣି ଆମେ ରେଡକ୍ରସ୍‌କୁ ବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବର୍ଦ୍ଧିତ ଦରମା ଦାନ କରିଦେବୁ। କଥା ହେଉଛି ନବ କାହିଁକି ପୁଣି ଦବ କାହିଁକି ? ମୂଳରୁ ନେବୁ ନାହିଁ ବୋଲି କହିଥିଲେ ହୋଇ ନ ଥାନ୍ତା ? ଏ କଥାଟି ଠିକ୍ ନିଆଁ ଗିଳି ଅଙ୍ଗାର ହଗିଲା ଭଳି କଥା। ଯାହା ହଜମ କରିହେବ ନାହିଁ ସେଭଳି ଖାଦ୍ୟକୁ ଲୋଭାତୁର ହୋଇ ଖାଇଦେବାଟା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ।

ମୋ-୯୪୩୭୨୮୬୫୧୨

# ଭୂଗର୍ଭ ଫଙ୍ଗାଇ ବିଶ୍ଳେଷିକା

**ବ୍ୟକ୍ତିତ୍ୱ**



ଟୋବି କିଏର୍ସ

ଜଳବାୟୁ ପରିବର୍ତ୍ତନଜନିତ ବିପଦକୁ ବିଶ୍ୱବାସୀ ଭଲ ଭାବେ ଅନୁଭବ କଲେଣି। ସେଥିରୁ ରକ୍ଷା ପାଇବା ପାଇଁ ସଚେତନ ମଣିଷ ପଦକ୍ଷେପ ମଧ୍ୟ ନେଉଛି। ପ୍ରକୃତିକୁ ବିଗାଡ଼ି ଦେଉଥିବାରୁ ତା'ର କୁପ୍ରଭାବ ପ୍ରାଣୀ ଓ ଉଦ୍ଭିଦଜଗତ ଉପରେ ପଡୁଛି। ଏହା ସତ୍ତ୍ୱେ ପ୍ରକୃତି ନିଜକୁ ରକ୍ଷା କରିବା ସହ ପୃଥିବୀକୁ ବଞ୍ଚାଇ ରଖିବାର ଏକ ନୀରବ ଯାତ୍ରା ଜାରି ରଖିଛି। ଭୂପୃଷ୍ଠ ଉପରେ ଗବେଷଣା ଭଳି ଭୂଗର୍ଭସ୍ଥ ରହସ୍ୟ ଜାଣିବା ପାଇଁ ବୈଜ୍ଞାନିକ ଅନୁଧ୍ୟାନ ଅନବରତ ଚାଲିଛି। ବିଶ୍ୱବ୍ୟାପୀ ଜଙ୍ଗଲ, ଘାସଭୂମି ଓ ଚାଷଜମି ତଳେ ବିଶାଳ ଫଙ୍ଗାଲ ଜାଲ (ମାଇକୋରାଇଜାଲ ନେଟ୍‌ୱର୍କ) ବା ଶିଉଳି ସମ୍ବନ୍ଧୀୟ ଜାଲ ରହିଛି। ଉଦ୍ଭିଦ ମୂଳ ସହିତ ପୁଷ୍ଟିକର ବିନିମୟ କରି ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ନିୟନ୍ତ୍ରକ ଭାବେ ଏହି ଜାଲ କାମ କରେ। ପ୍ରତିବର୍ଷ ଏହା ୧୩.୧୨ ବିଲିୟନ ଟନ୍ ଅଙ୍ଗାରକାମ୍ଳ ଶୋଷଣ କରିଥାଏ, ସମଗ୍ର ଜୀବାଶ୍ମ ଇନ୍ଧନରୁ ନିର୍ଗତ ମୋଟ ନିର୍ଗମନର ପ୍ରାୟ ଏକ ତୃତୀୟାଂଶ ବୋଲି କୁହାଯାଉଛି। ବର୍ତ୍ତମାନ ଯାଏ ଏହି ଛତୁଭଳି ଫଙ୍ଗାଲ ଜାଲକୁ ପୃଥିବୀର ଏକ ଗୁରୁତ୍ୱପୂର୍ଣ୍ଣ ସଞ୍ଚାଳନ ତନ୍ତ୍ର ଭାବରେ ନୁହେଁ, କେବଳ ଉଦ୍ଭିଦର ସହାୟକ ସାଥୀ ଭାବରେ ଦେଖାଯାଉଥିଲା। ଆମେରିକୀୟ ଜୀବବିଜ୍ଞାନୀ ଟୋବି କିଏର୍ସ ଏହା ଉପରେ ଗବେଷଣା କରି ଲୁକ୍କାୟିତ ଫଙ୍ଗାଲ ନେଟ୍‌ୱର୍କ ଉପରେ ଦେଇଥିବା ତଥ୍ୟ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ସେଥିପାଇଁ ସେ ପରିବେଶ ନୋବେଲ ଭାବେ ଜଣାଶୁଣା ଟାୟଲର ପ୍ରାଇଜ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଆଚିଭ୍‌ମେଣ୍ଟସ ପାଇଛନ୍ତି। ଟୋବି କହିଛନ୍ତି, 'ମାଟି ପାଇଁ ଡାର୍ଟବ୍ୟାଗ୍ ଭଳି ଶବ୍ଦ ବ୍ୟବହାର ହୋଇଥାଏ, ଯାହା ଫଙ୍ଗସ୍‌ଗୁଡ଼ିକର ଗୁଣାବଳୀ ଓ ସଂଖ୍ୟାବୃଦ୍ଧି ସୂଚାଇଥାଏ।' ଗତବର୍ଷ ଆରମ୍ଭ ହୋଇଥିବା ବିଶ୍ୱବ୍ୟାପୀ ଅଣ୍ଡରଗ୍ରାଉଣ୍ଡ୍ ଆଟ୍‌ଲାସ ମାଧ୍ୟମରେ ସେ ମାଇକୋରାଇଜାଲ ଫଙ୍ଗାଇର ବିତରଣ ମ୍ୟାପ୍ କରିଛନ୍ତି। ଏହା ଭୂଗର୍ଭସ୍ଥିତ ଜୈବ ବିବିଧତାକୁ ଆଲୋକିତ କରିଛି। ଉଦ୍ଭିଦଗୁଡ଼ିକ ଅଧିକ କାର୍ବନ୍‌କୁ ଭିତରକୁ ପଠାନ୍ତି, ଯେଉଁଠାରେ ମାଇକୋରାଇଜାଲ ଫଙ୍ଗାଇ ଅଙ୍ଗାରକାମ୍ଳକୁ ଶୋଷଣ କରନ୍ତି। କଥାରେ ଅଛି 'ଉଭା ଯେତେ ପୋତା ସେତେ'। ଅର୍ଥାତ୍ ବାୟୁମଣ୍ଡଳରେ ଉଭା ହେଉଥିବା ଅଙ୍ଗାରକାମ୍ଳ ସମପରିମାଣରେ ଭୂଗର୍ଭରେ ଥିବାକୁ ସୂଚାଇଥାଏ। ଏଭଳି ଏକ ବିଷୟ ଉପରେ ଟୋବିଙ୍କ ଗଭୀର ଅନ୍ୱେଷଣ ତାଙ୍କୁ ବିଜ୍ଞାନଜଗତରେ ଚର୍ଚ୍ଚିତ କରିଛି।

ଟୋବି ଆମେରିକୀୟ ବିବର୍ତ୍ତନଶୀଳ ଜୀବବିଜ୍ଞାନୀ। ୪୯ ବର୍ଷୀୟା ଏହି ଗବେଷିକା ବର୍ତ୍ତମାନ ଭ୍ରିଜେ ୟୁନିଭର୍ସିଟି ଆମ୍‌ଷ୍ଟରଡାମ୍‌ରେ ୟୁନିଭର୍ସିଟି ରିସର୍ଚ୍ଚ ଚେୟାର ତଥା ପ୍ରଫେସର ଭାବେ କାର୍ଯ୍ୟରତ। ସେ ମାଇକୋରାଇଜାଲ ନେଟ୍‌ୱର୍କରେ ଉଦ୍ଭିଦ, ଶିଉଳି ଏବଂ ସୂକ୍ଷ୍ମ ବୀଜାଣୁଗୁଡ଼ିକ ମଧ୍ୟରେ ହେଉଥିବା ଆଦାନପ୍ରଦାନ ଓ ବିନିମୟକୁ ଆର୍ଥିକ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିବାରେ ପ୍ରଥମ ପ୍ରୟାସ କରିଥିଲେ। ସେ ସୋସାଇଟି ଫର୍ ଦ ପ୍ରୋଟେକ୍ସନ ଅଫ୍ ଅଣ୍ଡରଗ୍ରାଉଣ୍ଡ୍ ନେଟ୍‌ୱର୍କ (ଏସ୍‌ପିୟୁଏନ୍)ର ସହ-ପ୍ରତିଷ୍ଠାତା। ଟୋବି ୨୦୨୩ ସ୍ପିନୋଜା ପୁରସ୍କାର ଓ ମ୍ୟାକ୍‌ଆର୍ଥର ଫାଉଣ୍ଡେଶନ ଫେଲୋଶିପ୍ ମଧ୍ୟ ପାଇଛନ୍ତି। ତେବେ ଟାୟଲର ପ୍ରାଇଜ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଆଚିଭମେଣ୍ଟସ ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ବ୍ୟାପ୍ତ କରିଛି। ତାଙ୍କ ପ୍ରାରମ୍ଭିକ ଜୀବନ ଓ ଶିକ୍ଷାକୁ ଦେଖିଲେ ସେ ୧୯୯୨ରେ ଭର୍ମଣ୍ଟସ୍ଥିତ ଦ ମାଉଣ୍ଟେନ୍ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୯୯ରେ ବୋଇଡିନ୍ କଲେଜରୁ ସ୍ନାତକ କରିଥିଲେ। ୧୯୯୭ରେ ସେ ସ୍ମିଥ୍‌ସୋନିଆନ୍ ଟ୍ରପିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରେ ଛାତ୍ରୀ ଭାବେ ବକ୍ତବ୍ୟ ରଖି ବରିଷ୍ଠ ବୈଜ୍ଞାନିକଙ୍କ ନଜରକୁ ଆସିଥିଲେ। ସେ ୟୁସି ଡେଭିସ୍‌ରୁ ପିଏଚ୍.ଡି. କରିଥିଲେ ଓ ୨୦୦୫ରେ 'ଇଭାଲ୍ୟୁଶନ ଅଫ୍ କୋଅପେରେଶନ ଇନ୍ ଦ ଲେଗୁମେ-ରିଜୋମିୟମ୍ ସିମ୍ବିଓସିସ୍' ଶୀର୍ଷକରେ ସନ୍ଦର୍ଭ ଲେଖିଥିଲେ ଏବଂ ସେତେବେଳେ ତାଙ୍କ ଗାଇଡ୍ ଥିଲେ ରବର୍ଟ ଫର୍ଡ ଡେନିସନ୍। ଏହି ଡିଗ୍ରୀ ପରେ ସେ ପାନାମା ଓ ଜାପାନରେ ଗବେଷଣା କରିଥିଲେ। ପରବର୍ତ୍ତୀ ସମୟରେ ସେ ଭ୍ରିଜେ ୟୁନିଭର୍ସିଟି ଆମ୍‌ଷ୍ଟରଡାମ୍‌ରେ ପ୍ରଫେସର ହୋଇଥିଲେ। ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ସିନିୟର ରିସର୍ଚ୍ଚ ଆସୋସିଏଟ୍ ମଧ୍ୟ ଥିଲେ। ଟୋବି ମାଇକୋରାଇଜାଲ ନେଟ୍‌ୱର୍କ ଉପରେ ନିଜ ସନ୍ଦର୍ଭରେ ଦୃଷ୍ଟି ନିବଦ୍ଧ କରି ପ୍ରସିଦ୍ଧି ଅର୍ଜନ କରିଛନ୍ତି। ତାଙ୍କ ଅନୁଧ୍ୟାନ ଅନୁଯାୟୀ ମାଟିରେ ଥିବା ଛତୁଗୁଡ଼ିକ ଏକ ମୁକ୍ତ ବଜାର ବ୍ୟବସ୍ଥାରେ ଆର୍ଥିକ ଏଜେଣ୍ଟ ଭଳି ବ୍ୟବହାର କରନ୍ତି, ଯେଉଁ ଉଦ୍ଭିଦ ଅଧିକ ଚିନି ଯୋଗାଇ ଦେଇପାରେ ତାହାକୁ ଅଧିକ ଫଙ୍ଗାଇ ଫସ୍‌ଫରସ୍ ଯୋଗାଇ ଦିଅନ୍ତି। ଏହି ହାଇପୋଥେସିସ୍ ଆଧାରରେ ଟୋବି ଛତୁଗୁଡ଼ିକୁ 'ପରୋପକାରୀ' ଭାବେ ବିକଶିତ କରିବାରେ ଆଗ୍ରହୀ, ଯଦ୍ୱାରା ଉଦ୍ଭିଦ ବଢ଼ିବାରେ ଅଧିକ ସହାୟକ ହେବ ଓ ସାର ବ୍ୟବହାର କମିବ। ସେ ଏଭଳି ପୁଷ୍ଟିକର ବିନିମୟକୁ ବର୍ଣ୍ଣନା କରିବା ପାଇଁ କ୍ୱାଣ୍ଟମ୍ ଡଟ୍ସ (ଟିଭି ପରଦାରେ ଝିଲମିଲ ହେଉଥିବା ଆଲୋକ ଭଳି) ବ୍ୟବହାର କରି ଅଣୁଗୁଡ଼ିକୁ ଟ୍ୟାଗ୍ କରିବାରେ ପ୍ରଥମ ପ୍ରୟାସ କରିଛନ୍ତି, ଯଦ୍ୱାରା ସେମାନେ ପ୍ରତିଦୀପ୍ତ ହୋଇ ସହଜରେ ପୃଥକ୍ ହୋଇପାରନ୍ତି। ପାଠିକାପାଠକଙ୍କୁ ଜଣାଇ ଦିଆଯାଇପାରେ ଯେ, ଟୋବିଙ୍କୁ ଯେତେବେଳେ ୧୯ ବର୍ଷ ବୟସ ସେ ଫଙ୍ଗାଇ ଉପରେ ଅଧ୍ୟୟନ ଆରମ୍ଭ କରିଥିଲେ। ପାନାମାର ଘନବର୍ଷଣ ବନାଞ୍ଚଳରେ ଏକ ବୈଜ୍ଞାନିକ ଅଭିଯାନରେ ସେ ଯାଇଥିଲେ। ସେଠାରେ ବିଶାଳ ଗଛଗୁଡ଼ିକ ତଳେ କ'ଣ ଘଟୁଛି ତାହା ଅନୁଧ୍ୟାନ କରିଥିଲେ। ୨୦୧୧ରେ ସାଇନ୍ସ ଜର୍ନାଲରେ ତାଙ୍କର ଏକ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଥିଲା। ସେଥିରେ ସେ ମାଇକୋରାଇଜାଲ ଫଙ୍ଗାଇକୁ ଏକ ଜୈବିକ ବଜାରରେ ସିଆଣିଆ ବ୍ୟବସାୟୀ ବୋଲି ଅଭିହିତ କରିଥିଲେ। ସେମାନେ ଯୋଗାଣ ଓ ଚାହିଦା ଅନୁଯାୟୀ ନିଷ୍ପତ୍ତି ନିଅନ୍ତି ବୋଲି ସେ ଦର୍ଶାଇଥିଲେ। କେଶତନ୍ତୁ ପତଳା ଫିଲାମେଣ୍ଟ ମାଧ୍ୟମରେ ଫଙ୍ଗାଇ ଉଦ୍ଭିଦକୁ ଫସ୍‌ଫରସ୍ ଓ ନାଇଟ୍ରୋଜେନ ଯୋଗାଏ। ଏହା ବିନିମୟରେ ଅଙ୍ଗାରକାମ୍ଳରୁ ପ୍ରାପ୍ତ ଶର୍କରା ଓ ଚର୍ବି ଅଂଶ ନେଇଯାଏ। ଲାବରେଟୋରି ପରୀକ୍ଷଣରେ ଟୋବିଙ୍କ ଟିମ୍ ଦର୍ଶାଇଛି ଯେ, ଫଙ୍ଗାଇ ପ୍ରଚୁର ଅଞ୍ଚଳରୁ ଫସ୍‌ଫରସ୍ ଅଭାବୀ ଅଞ୍ଚଳକୁ ସ୍ଥାନାନ୍ତର କରେ ଓ ଏହି ଅସନ୍ତୁଳନକୁ ବ୍ୟବହାର କରି ଅଧିକ କାର୍ବନ ପାଇଥାଏ। ଭୂଗର୍ଭସ୍ଥ ସନ୍ତୁଳନ ସମ୍ପର୍କରେ ଟୋବିଙ୍କ ଏହି ଅନୁଧ୍ୟାନଭିତ୍ତିକ ତଥ୍ୟ ଯୁବ ଗବେଷକମାନଙ୍କୁ ଅଧିକ କିଛି ଅନୁଧ୍ୟାନ କରିବା ଲାଗି ପ୍ରେରଣା ଯୋଗାଇବ।

ଟୋବିଙ୍କ ସଂସାର ବୋଇଲେ କବି କ୍ଲାଲାନ୍ କେଲ୍‌ଡେର୍‌ଙ୍କୁ ସେ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇ ସନ୍ତାନ ଅଛନ୍ତି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ତାମିଲନାଡୁର କୋଏମ୍ବାଟୁରରେ ଜଳସଙ୍କଟ ଦୂର କରିବାରେ ମଣିକନ୍ଦନ ଆର୍‌ଙ୍କ ପଦକ୍ଷେପ ପ୍ରଶଂସନୀୟ। ସେଠାରେ ଥିବା ହ୍ରଦ ଓ ଅନ୍ୟ ଜଳଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇବା ସହ ଅତ୍ୟଧିକ ପ୍ରଦୂଷଣ ଯୋଗୁ ଜଳ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିଲା। ଏହାର ସମାଧାନ ପାଇଁ ମଣିକନ୍ଦନ ହ୍ରଦ, ପୋଖରୀ ଓ କେନାଲର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ସ୍କୁଲ୍‌ରେ ପଢୁଥିବା ସମୟରେ ଅଧାରୁ ପାଠ ଛାଡ଼ି ଏହି କାର୍ଯ୍ୟରେ ଲାଗିଥିଲେ ଏବଂ ଏବେସୁଦ୍ଧା ସେ କୋଏମ୍ବାଟୁର ସମେତ ସାରା ଭାରତରେ ୧୫ଟି ଜଳାଶୟର ପୁନରୁଦ୍ଧାର କରି ମୋଟ୍‌ରେ ୨୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିଛନ୍ତି। ଏଥିପାଇଁ ସେ ଆରମ୍ଭ କରିଛନ୍ତି 'କୋଭାଇ କୁଲାଙ୍ଗାଲ ଆମାଇପୁ' ନାମକ ଏକ ନାଗରିକ ଅଭିଯାନ। ଏଥିରେ ସେ ୩୩,୦୦୦ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିସାରିଲେଣି। ମଣିକନ୍ଦନ କୋଏମ୍ବାଟୁର୍‌ରେ ୨୦କି.ମି. କେନାଲକୁ ପ୍ରଦୂଷଣମୁକ୍ତ କରିବା ସହ କେନାଲ ଓ ହ୍ରଦ କଡ଼ରେ ସେ ୫୦ହଜାର ଗଛ ଲଗାଇଛନ୍ତି। ହ୍ରଦ, କେନାଲ ଓ ଅନ୍ୟସବୁ ଜଳଉତ୍ସ କିଭଳି ପୁନର୍ବାର ପ୍ରଦୂଷିତ ନ ହେବ ସେଥିପାଇଁ ସମସ୍ତ ସ୍ୱେଚ୍ଛାସେବୀ ଧ୍ୟାନ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଜାନୁଆରୀ ୧୯୭୭**

- ପୂର୍ବତନ ଉପପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଜନତା ପାର୍ଟିର ୨୭ ଜଣିଆ ଜାତୀୟ କମିଟି ଗଠିତ।
- କଂଗ୍ରେସ ସଭାପତି ଶ୍ରୀ ଦେବକାନ୍ତ ବରୁଆ, ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର ନୂଆ ସଭାପତି ରୂପେ ଶ୍ରୀ କାନ୍ତିଲାଲ ଘିଆଙ୍କୁ ନିଯୁକ୍ତ କରିଛନ୍ତି।
- ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ୱାଇଏସ୍ ପରମାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ନିଷ୍ପତ୍ତି ନେବାରେ ସମିତି ସଭ୍ୟ ଅଲୋଡ଼ା

ମହାଶୟ,

ଓଡ଼ିଶାରେ ନିର୍ବାଚିତ ସମିତି ସଭ୍ୟା/ସଭ୍ୟ କ୍ଷମତାଶୂନ୍ୟ ବୋଲି ମନେହେଉଛି। ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ନିଷ୍ପତ୍ତିରେ ସବୁ କିଛି ଚାଲୁଥିବାରୁ ସାଧାରଣ ସଭ୍ୟ ଜଣକ ନିଜକୁ ଅସହାୟ ମନେକରୁଛନ୍ତି। ସରପଞ୍ଚଙ୍କ ପାଖରେ ଚେକ୍ ସାଇନ୍ କରିବା କ୍ଷମତା ଅଛି, ଜିଲା ପରିଷଦଙ୍କ ପାଖରେ ବଡ଼ ପାଣ୍ଠି ଅଛି, କିନ୍ତୁ ସମିତି ସଭ୍ୟଙ୍କ ପାଖରେ କେବଳ 'ଅନୁରୋଧ' କରିବା ଛଡ଼ା କିଛି କ୍ଷମତା ନାହିଁ। ୯,୫୦୦ ଟଙ୍କା ଭତ୍ତା ଦେଇ ସରକାର ସମିତି ସଭ୍ୟଙ୍କ ସେବାକୁ ଯେମିତି କିଣି ନେଇଛନ୍ତି। ଯଦି ପାଣ୍ଠି ବିନିଯୋଗରେ ସେମାନଙ୍କ ଭୂମିକା ଶୂନ୍ୟ ରହିବ, ତେବେ ଏହି ପଦବୀ ପାଇଁ ନିର୍ବାଚନର ଆବଶ୍ୟକତା କ'ଣ ? ପଞ୍ଚାୟତିରାଜ ବ୍ୟବସ୍ଥାରେ ଏହି ମଧ୍ୟବର୍ତ୍ତୀ ସ୍ତରକୁ ଦୁର୍ବଳ କରିବା ଗଣତନ୍ତ୍ର ପାଇଁ ବିପଦ। ସରକାର ତୁରନ୍ତ ସମିତି ବୈଠକକୁ ବାଧ୍ୟତାମୂଳକ କରିବା ସହ ସମିତି ସଭ୍ୟମାନଙ୍କୁ ସ୍ୱତନ୍ତ୍ର ପାଣ୍ଠିରୁ କିଛି ନିଶ୍ଚିତ ଅଂଶ ପ୍ରଦାନ କରିବା ଆବଶ୍ୟକ। ନଚେତ୍, 'ସମିତି ସଭ୍ୟ' କେବଳ ଏକ ନାମମାତ୍ର ଅଳଙ୍କାର ହୋଇ ରହିଯିବେ।

**- ସମରେନ୍ଦ୍ର ଦୀକ୍ଷିତ, କାକଟପୁର, ପୁରୀ**

## ଚିରନ୍ତନୀ

ବିଶ୍ୱର ତପତ ଶ୍ୱାସ
ଜାଳଇ ଅନଳ,
ଜାଗଇ ବିରାଟ ତୃଷା
ଭୁବନେ କେବଳ ।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଇଶାନ
ପରିବାରବର୍ଗ


ରୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରୋଜଗାର ମେଳାରେ ୬୧ ହଜାର ନିଯୁକ୍ତିପତ୍ର ବଣ୍ଟନ

## ଓଡ଼ିଶାରୁ ନିଯୁକ୍ତି ପାଇଲେ ୩୪୯

ଭୁବନେଶ୍ୱର,୨୪।୧(ସୁଚିସ୍ମିତା ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶବ୍ୟାପୀ ଆୟୋଜିତ ରୋଜଗାର ମେଳା କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ସମ୍ବୋଧିତକରିବା ସହ ୬୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ସି ଏସ୍ ଆ ଇ ଆ ର୍ - ଆ ଇ ଏ ମ୍ ଏ ମ୍ ଟି ପରିସରରେ ରାଜ୍ୟସ୍ତରୀୟ ରୋଜଗାର ମେଳା କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩୪୯ ଜଣ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ନବନିଯୁକ୍ତଙ୍କୁ କହିଛନ୍ତି, ଉକ୍ତ ମେଳାରେ ଓଡ଼ିଶାର ଅନେକ ଯୁବତୀଯୁବକ ନିଜର ସ୍ୱପ୍ନ ସାକାର କରିବାର ସୁଯୋଗ ପାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଦେଶର ଯୁବପିଢ଼ିଙ୍କୁ ରୋଜଗାରକ୍ଷମ ଏବଂ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପ୍ରଦାନ କରାଯାଉଛି। ନବନିଯୁକ୍ତମାନେ ଦେଶ ପ୍ରଗତିର ମେରୁଦଣ୍ଡ ଭାବେ କାର୍ଯ୍ୟ କରନ୍ତୁ। ସେମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ସହିତ ଦେଶର ପ୍ରଗତିରେ ସହଯୋଗ କରିବାକୁ କହିଛନ୍ତି। ନବନିଯୁକ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଏଫ୍‌ସିଆଇରେ ଜଣେ, ହେଲ୍‌ଥ/ଏମ୍ସରେ ୨ଜଣ, ଡିଏଫ୍‌ଏସ୍/ଏସ୍‌ବିଆଇରେ ୮, ଇଏସ୍‌ଆଇସିରେ ୯, ବିଏସ୍‌ଏଫ୍‌ରେ ୧୦, ଏସ୍‌ଏସ୍‌ବିରେ ୧୭, ଆଇଟିବିପିରେ ୨୭, ସିଆଇଏସ୍‌ଏଫ୍‌ରେ ୩୧, ଏଆର୍‌ରେ ୪୨ ଏବଂ ପିଆର୍‌ପିଏଫ୍‌ରେ ୨୦୨ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ଆଭାସି ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏସ୍‌ଏଲ୍‌ବିସି କନ୍‌ଭେନରର ମୁଖ୍ୟ ଜିଏମ୍ ଗୌତମ ପାତ୍ର, ଇଏସଆଇସି ଯୁଗ୍ମ ନିର୍ଦ୍ଦେଶକ ମହେନ୍ଦ୍ର ଭୋଇ, ଏମ୍‌ସ ଭୁବନେଶ୍ୱରର ଡିନ୍ (ରିସର୍ଚ୍ଚ) ପ୍ରଫେସର ଡ. ସତ୍ୟଜିତ ମିଶ୍ର, ଏଫ୍‌ସିଏଲ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଅଙ୍କୁର ଭାଟସ, ସିଆରପିଏଫର ଡେପୁଟି ଇନ୍ସପେକ୍ଟର ଜେନେରାଲ ଭାରତ ଭୂଷଣ ସେଠୀ, ଆଇଟିବିପି ୪୧ ବିଏନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ବିଏସଏଫ ଅଧିକାରୀ ସୁମନ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।




# ରେଡିଂଟନ ଫାଉଣ୍ଡେଶନର 'ଏଆଇ ଲର୍ନିଂ ସେଣ୍ଟର' ଉଦ୍‌ଘାଟିତ



ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

'ରେଡିଂଟନ ଫାଉଣ୍ଡେଶନ' ପକ୍ଷରୁ ଶୁକ୍ରବାର ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି (ଗିଫ୍ଟ) ପରିସରରେ ଏକ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମାଇକ୍ରୋସଫ୍ଟ ଏବଂ ହାଇଦ୍ରାବାଦର 'ନିର୍ମାଣ ସଂଗଠନ'ର ସହଯୋଗରେ ଏହି ଐତିହାସିକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଆସନ୍ତା ବର୍ଷ ମଧ୍ୟରେ ଏହା ୪୦ ହଜାର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିବା ସହ ୨,୦୦୦ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ସେମାନଙ୍କ ବ୍ୟବସାୟରେ ଏଆଇ ବ୍ୟବହାର କରିବା ପାଇଁ ସହାୟତା ପ୍ରଦାନ କରିବ। ଛାତ୍ରୀଛାତ୍ରମାନେ ଏଠାରେ ଜେନେରେଟିଭ ଏଆଇ, ପାଇଥନ ଏବଂ ମେଶିନ ଲର୍ନିଂ ଭଳି ବିଷୟରେ ୧୫୦ ଘଣ୍ଟାରୁ ଅଧିକ ବ୍ୟବହାରିକ ତାଲିମ ପାଇବେ। ଉଦ୍‌ଘାଟନୀ ଉତ୍ସବରେ ରେଡିଂଟନ ଫାଉଣ୍ଡେଶନର ଗ୍ଲୋବାଲ ଚିଫ୍ ସଷ୍ଟେନେବିଲିଟି ଅଫିସର ଭେଙ୍କଟେଶ ରାଜେଶ୍ୱରନ, ସିଏସ୍‌ଆର୍ ମୁଖ୍ୟ ହେମନ୍ତ ଲୋହିଆ ଏବଂ ପ୍ରକଳ୍ପ ମୁଖ୍ୟ ମଣିକନ୍ଦନ ରେଙ୍ଗାରାଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲାବ୍ ଛାତ୍ରୀଛାତ୍ରମାନଙ୍କୁ ଏଆଇ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବାସ୍ତବ ଅଭିଜ୍ଞତା ପ୍ରଦାନ କରିବ, ଯାହା ସେମାନଙ୍କର ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବ ବୋଲି ଗିଫ୍ଟ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ପତିତପାବନ ପଣ୍ଡା କହିଛନ୍ତି । ଭେଙ୍କଟେଶ କହିଛନ୍ତି, ଏହି ପଦକ୍ଷେପ ଅବହେଳିତ ଯୁବ ପ୍ରତିଭାମାନଙ୍କୁ ଆଧୁନିକ ବଜାର ପାଇଁ ପ୍ରସ୍ତୁତ କରିବ। ନିର୍ମାଣ ସଂଗଠନର ସିଇଓ ମୟୂର ପାଟନାଲା ଏହାକୁ ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ପ୍ରଥମ ବ୍ୟାଚ୍ ପାଇଁ ନାମଲେଖା ଆସନ୍ତା ମାସରୁ ଆରମ୍ଭ ହେବ। ଏହି କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିଷ୍ଠାତାମାନଙ୍କୁ ସେମାନଙ୍କର ବ୍ୟବସାୟକୁ ଉନ୍ନତ କରିବା ପାଇଁ ଏଆଇର ବ୍ୟବହାର କରିବାରେ ସାହାଯ୍ୟ କରିବ। କାରଣ ଏହିପରି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ମଧ୍ୟରେ ପ୍ରଯୁକ୍ତିବିଦ୍ୟାର ଗ୍ରହଣୀୟତା ବହୁତ କମ୍ ରହିଛି। ଆମେ ଏହାକୁ ପରିବର୍ତ୍ତନ କରିବାକୁ ଆଶା କରୁଛୁ ବୋଲି ରେଙ୍ଗାରାଜନ କହିଛନ୍ତି।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ଆର୍ଟିଷ୍ଟ୍ରି ଶୋ'



## ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ହୋଇଛି। ଶନିବାର ଶହୀଦନଗରସ୍ଥିତ ଷ୍ଟୋରରେ ଅଭିନେତ୍ରୀ ପୁନମ ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଫେବୃଆରୀ ୧ ପର୍ଯ୍ୟନ୍ତ ଏହି ଶୋ' ଚାଲିବ। ପାରମ୍ପରିକ ଏବଂ ଆଧୁନିକ ଶୈଳୀର ହସ୍ତକଳାଯୁକ୍ତ ସ୍ୱତନ୍ତ୍ର ଗହଣା ଉପଲବ୍ଧ କରାଯାଇଛି। ଏହି ଅବସରରେ ପ୍ରଦର୍ଶିତ ହୋଇଥିବା ପ୍ରତ୍ୟେକଟି ଗହଣାରେ ଭାରତୀୟ କଳାର ଝଲକ ଦେଖିବାକୁ ମିଳୁଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାଇନ୍ ଡାଇମଣ୍ଡ ଜୁଏଲେରି, ଏଥନିକ୍ସ ହ୍ୟାଣ୍ଡିକ୍ରାଫ୍ଟେଡ୍ ଜୁଏଲେରି, ଏରା ଅନ୍‌କଟ୍ ଡାଇମଣ୍ଡ୍ସ, ପ୍ରସିଆ ଜେମ୍‌ଷ୍ଟୋନ୍ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଆଦି ରହିଛି। ଏହି ଅଭିଯାନ ଅଧୀନରେ ସୁନା ଓ ଷ୍ଟଡେଡ୍ ଉତ୍ପାଦର ଗଢ଼ା ମଜୁରି ଉପରେ ଗ୍ରାହକ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହାସହ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମଦ କହିଛନ୍ତି, ଭୁବନେଶ୍ୱର ଶୋ'ରୁମ୍‌ରେ ଆର୍ଟିଷ୍ଟ୍ରି ଶୋ' ମାଧ୍ୟମରେ ଗ୍ରାହକଙ୍କୁ ଚାହିଦା ମୁତାବକ ଶୁଦ୍ଧ ଏବଂ ଉତ୍ତମ ଗୁଣବତ୍ତାଯୁକ୍ତ ଗହଣା ଉଚିତ ଦାମରେ ଯୋଗାଇଦେବା ଲକ୍ଷ୍ୟ ରହିଛି।

## ମହିଳା ଦୃଷ୍ଟିବାଧିତ ଦଳକୁ ଶୁଭେଚ୍ଛା ଜଣାଇଲେ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଖେଳ ପଡ଼ିଆଠାରେ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟି-୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଓଡ଼ିଶା ଚାମ୍ପିୟନ ଟ୍ରଫି ହାସଲ କରିଛି। ଫାଇନାଲରେ ଓଡ଼ିଶା ୩୨ ରନ୍‌ରେ ମଧ୍ୟପ୍ରଦେଶକୁ ହରାଇ ବିଜେତା ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱଜିତ୍ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର ମୁଖ୍ୟ ରିଷି ପଠାନିଆ, ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ବୁମେ ଗୌଡ, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ବିକାଶ ଅଧ୍ୟକ୍ଷା ମେଜର ଡ. କଳ୍ପନା ଦାସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପଶାସନ ସଚିବ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ମହମ୍ମଦ ଜାଫର ଇକ୍‌ବାଲ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘଦିନରୁ ମହିଳା କ୍ରିକେଟ ପ୍ରତିଯୋଗୀମାନଙ୍କୁ ହାଇଟେକ୍ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହ ଆଗାମୀ ଦିନରେ ଏହା ଜାରି ରଖିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପାଣିଗ୍ରାହୀ କହିଛନ୍ତି।

### ଶତାୟୁ ଭବ
### ୧୬ତମ ଜନ୍ମଦିନ ଶୁଭେଚ୍ଛା



ସୁୟାଂଶୁ ସ୍ୱତିକ (ରୋହନ)
ଜାଲଶୁଖା, ଜାରକା, ଧର୍ମଶାଳା
ଆଜି ତୁମର ୧୬ତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥ ସୁଖ, ଶାନ୍ତି ଓ ଶତାୟୁ ଭରି ଦିଅନ୍ତୁ ଏତିକି ଆମର ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବଡ଼ବାପା- ସୁଶାନ୍ତ ସାହୁ, ଶ୍ରୀକାନ୍ତ, ବାପା- ଶଶିକାନ୍ତ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୧୯୨

### ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



ଦେବାଂଶ ଦାଶ (ଇଶାନ)
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ତୋ ଜୀବନର ଚଲାପଥ ଖୁସିରେ ଭରିଯାଉ, ତୋ ମୁହଁରେ ସବୁବେଳେ ହସ ଥାଉ। ହୃଦୟରୁ ଆମେ ଏହି ପ୍ରାର୍ଥନା କରୁ ଯେ ଜୀବନର ପ୍ରତ୍ୟେକ ଦିନ ତୋର ଖୁସିରେ ଭରିରହୁ। ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମା', ଆଈ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଈଁ, ମଉସା, ମାଉସୀ, ଇଭାନ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ଯାଶିକା, ଯେଶିଲ, ସାୟାନ।
ଧ-୭୬୦୯୦

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



ମୟଙ୍କ କେଶବ ବେହେରା
ମହଲା ସାହି, ବାଲକାଟି
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତୋର ଚଲାପଥ କୁସୁମିତ କରନ୍ତୁ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ, ଏତିକି ଆମମାନଙ୍କ ପ୍ରାର୍ଥନା ।
ଶୁଭେଚ୍ଛା ଓ ଆଶୀର୍ବାଦ ସହ
ବନ୍ଧୁ ଓ ପରିବାରବର୍ଗ ।
ଧ-୩୧୯୩

## Classified Everyday
0674-2580101, 9692975378


MATRIMONIAL

GROOM WANTED

45 ବର୍ଷ Govt. Hospitalରେ Head ନର୍ସ ଭାବେ କାର୍ଯ୍ୟରତ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 8455853154. D-3196


REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

Own Gharabari Residential Plot 3100sqft. with Compoundwall & Electricity at Brahmanjharilo, 7km from Phulnakhara, Cuttack & 12km from Bhubaneswar. Total Rs.41Lakhs (Including Registr ation charges). 7809525452. D-208


CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059 / 7656969134. D-3166

Wellness relax body massage & jointpain treatment by trend therapist. 6372110065. D-76951

AFFIDAVIT

By virtue of an affidavit sworn before Notary Public, Chikiti, dated 20.01.2026, I, G. KUTULI, Address: Village- Dalapalanka, P.O.- Ramachandrapur, P.S.- K Nuagam, District- Ganjam (Odisha), PIN- 761010 declare that I have changed my name from GHUSURI DURYODHAN to G. KUTULI. Henceforth, I shall be known as G. KUTULI for all purposes. D-3195

By virtue of an affidavit sworn before Executive Magistrate, Bargarh, dated 22.01.2026, I, Samiksha Nayak, Address: House No. 1, Balaji City, Bargarh, PIN- 768028 declare that I have changed the name of my son from Baby one of Samiksha Nayak to Sayujya Baral. Henceforth, he shall be known as Sayujya Baral for all purposes.
Samiksha Nayak
D-3188

By virtue of an affidavit sworn before Notary Public, Bhubaneswar, dated 20.01.2026, I, Soubhagya Jena, Address: Plot- 706, GGP Colony, Rasulgarh, Bhubaneswar, Khordha declare that I have changed the name of my daughter from Vaishnavi Chandrika to Vaishnavi Jena. Henceforth, she shall be known as Vaishnavi Jena for all purposes.
Soubhagya Jena
D-3189

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ ପ୍ରଭାତୀ ରାଣୀ ଗିରି, ସ୍ୱର୍ଗତ ଗୋପେନ୍ଦ୍ର ନନ୍ଦନ ଭଞ୍ଜଙ୍କ ପତ୍ନୀ, ଗ୍ରାମ- ହରିପୁର-୧, ପୋଷ୍ଟ- ଗୁଣାଇବସାଣ, ଥାନା- ଭୋଗରାଇ, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା, ପିନ୍- ୭୫୬୦୩୬ର ବାସିନ୍ଦା ଅଟେ। ମୁଁ ଆଗାମୀ ସମସ୍ତ କାର୍ଯ୍ୟ ପାଇଁ ନିଜର ନାମ ପରିବର୍ତ୍ତନ କରି ପ୍ରଭାତୀ ରାଣୀ ଭଞ୍ଜ ରଖିଅଛି। ଏଥିପାଇଁ ମୁଁ ତା୨୦।୦୧।୨୦୨୬ ରିଖରେ ଭୋଗରାଇର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଶପଥପାଠ (Affidavit) ଦାଖଲ କରିଛି । ଧ-୩୧୯୮

DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ସିଜିୟୁ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ୨ଦିନିଆ କର୍ମଶାଳା



ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ନୂଆଦିଲ୍ଲୀର ଅଖିଳ ଭାରତ ପ୍ରାଯୌକ୍ତିକ ଶିକ୍ଷା ପରିଷଦ(ଏଆଇସିଟିଇ) ପକ୍ଷରୁ ଭିଏଏନ୍‌ଆଇ ଯୋଜନା ଅଧୀନରେ ସି.ଭି.ରମଣ ଗ୍ଲୋବାଲ୍ ୟୁନିଭର୍ସିଟି(ସିଜିୟୁ)ର ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ 'ରେଫ୍ରିଜେରେଶନ, ଏୟାରକଣ୍ଡିଂଶନିଂ ଓ ଭେଣ୍ଟିଲେଶନ କଣ୍ଟ୍ରୋଲ' ଶୀର୍ଷକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ଦାମୋଦର ଆଚାର୍ଯ୍ୟ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଗୁଡ଼ା ଦେବୀ, ବରିଷ୍ଠ ପରାମର୍ଶଦାତା ପ୍ରଫେସର ଗଣପତି ପଣ୍ଡା, ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ ଓ ପ୍ରଫେସର ନିତାଇ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ମନୋଜ କୁମାର ମହାରଣା, ସିଜିୟୁର ଅଧ୍ୟାପକ ଡ. ଶଚିନ୍ଦ୍ର କୁମାର ରାଉତ, ପାପୁଆ ନ୍ୟୁଗିନି ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର କମଳାକାନ୍ତ ମୁଦୁଲି ଏବଂ ଜ୍ୟୋତିରଞ୍ଜନ ମିଶ୍ର ଓ ସଞ୍ଜିତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଯନ୍ତ୍ରବିଜ୍ଞାନ ଅଭିଯନ୍ତ୍ରଣ ବିଭାଗର ମୁଖ୍ୟ ପ୍ରଫେସର ତାରାପ୍ରସାଦ ମହାପାତ୍ର କାର୍ଯ୍ୟଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିକାଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଭିକାରୀ ଚରଣ ଜେନା
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ଉଦୟରାଗ : ୦୧.୦୧.୧୯୩୬
ଅସ୍ତରାଗ : ୦୪.୦୨.୨୦୨୫
ଏକ ବର୍ଷର ଶୂନ୍ୟତା ଆମ ସ୍ମୃତିକୁ ଝାପସା କରି ପାରିନି । ଏବେ ବି ଆମ ହୃଦୟରେ ବାସ କରୁଛ ତୁମେ; ଏକ ଲେଲିହାନ ଦୀପଶିଖା ହୋଇ.....
ଶୋକସନ୍ତପ୍ତ: ସୁବାସ-ନମିତା, ପ୍ରକାଶ-ଜଟି, ସନ୍ତୋଷ-ମାମି (ପୁତ୍ର-ପୁତ୍ରବଧୂ), ଚୁଟି-ଗୌର, ଦିବ୍ୟନ-ନିର, କୁଇନା-ଦିଲ୍ଲୀପ, ସିଲୁ-ସନ୍ତୋଷ (କନ୍ୟା-ଜାମାତା), ଦାରା-ବନୀ (ନାତି-ନାତୁଣୀ ବୋହୂ), ଚୁମକି-ରାଜା, ସୋନା-ସତ୍ପିତ (ନାତୁଣୀ-ନାତୁଣୀ ଜ୍ୱାଇଁ), କୁନୁ, ଚିଣ୍ଟୁ, ପାପୁଲୁ, ବାବୁ (ନାତି), ପାପୁନା, କିଟୁ (ନାତୁଣୀ), ବୈଭବୀ, ସମୀକ୍ଷା (ଅଣନାତୁଣୀ) ଓ ଆୟାଂଶ (ଅଣନାତି)
ଧ-୨୩୯

# ଆଜି ରାଞ୍ଚି ବନାମ ହାଇଦ୍ରାବାଦ


ରାଞ୍ଚି ରୟାଲ୍ସ ଅଧିନାୟକ ଟମ୍ ବୁନ୍।

## ହକି ଇଣ୍ଡିଆ ଲିଗ୍ କ୍ୱାଲିଫାୟର-୨

**ଭୁବନେଶ୍ୱର, ୨୪।୧(ତପନ ସ୍ୱାଇଁ)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର କ୍ୱାଲିଫାୟର-୨ ମ୍ୟାଚ୍ ରବିବାର ଅନୁଷ୍ଠିତ ହେବ। ଏଥିରେ ସାମ୍ନାସାମ୍ନି ହେବେ ରାଞ୍ଚି ରୟାଲ୍ସ ଓ ହାଇଦ୍ରାବାଦ ତୋଫାନ୍ସ। ସଂଘର୍ଷପୂର୍ଣ୍ଣ କ୍ୱାଲିଫାୟର-୧ରେ ରାଞ୍ଚି ରୟାଲ୍ସ ୧-୨ ଗୋଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ନିକଟରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ ତୋଫାନ୍ସ ଏଲିମିନେଟର ମ୍ୟାଚ୍‌ରେ ଏଚ୍ଆଇଏଲ୍ ଜିସି(ଗଭର୍ନିଂ କାଉନ୍ସିଲ)କୁ ୨-୦ରେ ହରାଇ ଆଗକୁ ବଢ଼ିଛି। କ୍ୱାଲିଫାୟର-୨ର ବିଜେତା ସୋମବାର ହେବାକୁଥିବା ଫାଇନାଲରେ କଳିଙ୍ଗ ଲାନ୍ସର୍ସକୁ ଭେଟିବ। ପରାଜିତ ଦଳ ଏଚ୍ଆଇଏଲ୍ ଜିସି ସହ ତୃତୀୟ-ଚତୁର୍ଥ ସ୍ଥାନ ଲାଗି ମ୍ୟାଚ୍ ଖେଳିବ।

ଫାଇନାଲରେ ପ୍ରବେଶ ଲାଗି ଅନ୍ତିମ ସୁଯୋଗ ହୋଇଥିବାରୁ ଉଭୟ ରାଞ୍ଚି ଓ ହାଇଦ୍ରାବାଦ ଦଳ ପାଇଁ ଆଗାମୀ ମ୍ୟାଚ୍ କର ଅବା ମର ସ୍ଥିତି ସୃଷ୍ଟି କରିବ। ହାଇଦ୍ରାବାଦ ଦଳ ଏଲିମିନେଟରରେ ପାଇଥିବା ମୋମେଣ୍ଟମ୍‌କୁ ବଜାୟ ରଖିବାକୁ ଚାହିଁବ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଆସିଥିବା ରାଞ୍ଚି ରୟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ ଆଶାରେ ରହିବ। ‘‘ଆମେ ଆକ୍ରମଣାତ୍ମକ ହକିରେ ବିଶ୍ୱାସ କରୁ ଏବଂ ଏଲିମିନେଟରରେ ତାହା ହିଁ କରିଥିଲୁ। କ୍ୱାଲିଫାୟର-୨ରେ ମଧ୍ୟ ସେହି ରଣନୀତି ବଜାୟ ରଖିବୁ। ଗତ କିଛି ମ୍ୟାଚ୍‌କୁ ଦେଖିଲେ କର ଅବା ମର ସ୍ଥିତିରେ କିପରି ଖେଳିବାକୁ ହୁଏ ସେଥିସହ ଆମେ ଅଭ୍ୟସ୍ତ ହୋଇଯାଇଛୁ। ତେଣୁ ଚାପକୁ ଆମେ ହାତେଇବାକୁ ପ୍ରସ୍ତୁତ। ଭଲ ଆରମ୍ଭ ସହ ରଣନୀତି ଅନୁସାରେ ଖେଳିବା ଆମ ଲକ୍ଷ୍ୟ ରହିବ। ଯଥାଶୀଘ୍ର ଗୋଲ ସ୍କୋର କରି ଆତ୍ମବିଶ୍ୱାସ ଦୃଢ଼ କରିବାକୁ ଆମେ ଚେଷ୍ଟା କରିବୁ’’ ବୋଲି ତୋଫାନ୍ସ ଅଧିନାୟକ ସୁମିତ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ରୟାଲ୍ସ ଅଧିନାୟକ ଟମ୍ ବୁନ୍ କହିଛନ୍ତି, ‘‘ଲାନ୍ସର୍ସ ବିପକ୍ଷ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଏହାକୁ ପଛରେ ଛାଡ଼ି ଆମେ ଏବେ ଆଗାମୀ ମ୍ୟାଚ୍ ଉପରେ ଫୋକସ କରୁଛୁ। ଆମ ନିକଟରେ ଆଉ ଏକ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବାକୁ ଚାହିଁବୁ। ହାଇଦ୍ରାବାଦ ତୋଫାନ୍ସ ଏକ ଭଲ ଦଳ। ତେବେ ଆମେ ନିଜ ରଣନୀତି ଏବଂ କ୍ୱାଲିଟି ଉପରେ ବିଶ୍ୱାସ କରୁ।’’

## ଓଡ଼ିଶା-ସର୍ଭିସେସ୍ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୨୪।୧(ତପନ ସ୍ୱାଇଁ):** ଆସାମର ଧାକୁଆଖାନା ଫୁଟ୍‌ବଲ ଷ୍ଟାଡିୟମରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡରେ ଶନିବାର ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଭାବେ ଡ୍ର ରହିଛି। ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୭ ତାରିଖରେ କେରଳ ବିପକ୍ଷରେ ଖେଳିବ।

# ଆଇପିଏଲ୍ ପାଇଁ ଟ୍ରେନିଂ ଆରମ୍ଭ କଲେ ଧୋନୀ

**ରାଞ୍ଚି, ୨୪।୧(ପି.ଟି.)** ପୂର୍ବତନ ଭାରତ ଓ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏଠାରେ ତାଙ୍କର ଟ୍ରେନିଂ ଆରମ୍ଭ କରିଛନ୍ତି। ସେ ଆଇପିଏଲ୍ ୨୦୨୬ ପାଇଁ ତାଙ୍କ ପ୍ରସ୍ତୁତି ଆରମ୍ଭ କରିଥିବା ଅନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ ତରଫରୁ ସୋସିଆଲ ମିଡିଆରେ ଧୋନୀଙ୍କ ଏକ ଶର୍ଟ କ୍ଲିପ୍ ଶେୟାର କରାଯାଇଛି। ଏଥିରେ ଧୋନୀ ଏକ ନେଟ୍ ସେସନ ପାଇଁ ପ୍ୟାଡ୍‌ଅପ୍ ହେଉଥିବାର ଏକ ଦୃଶ୍ୟ ରହିଛି, ଯାହାର କ୍ୟାପ୍‌ଶନ ରହିଛି ‘ଲୁକ୍ ହୁ ଇଜ୍ ବ୍ୟାକ୍।’ ପୋଷ୍ଟ କରାଯାଇଥିବା ଭିଡିଓଟିର ଏକ କ୍ୟାପ୍‌ଶନ ରହିଛି, ଯାହା ‘‘ପ୍ରାଇଡ୍ ଅଫ୍ ଜେଏସ୍‌ସିଏ ମହେନ୍ଦ୍ର ସିଂ ଧୋନୀ।’’ ଆଇପିଏଲ୍ ୨୦୨୬ ପାଇଁ ସମୟ ମାର୍ଚ୍ଚ ୨୬ରୁ ମେ’ ୩୧ ରଖାଯାଇଛି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବା ପରେ ମଧ୍ୟ ଧୋନୀ ନିୟମିତ ଆଇପିଏଲ୍‌ରେ ଖେଳିଆସୁଛନ୍ତି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୫/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 25/2026 | Page 16 | ₹ 7.00 | RAYAGADA
୫୨ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 63 | ମୂଲ୍ୟ ₹୭/-




# ରୁଷିଆ ତେଲ କମାଇଲା ଭାରତ, ଆମେରିକା ଦେଇପାରେ ରିହାତି

**ୟୁକ୍ରେନ୍ ଯୁଦ୍ଧ ପରଠୁ ଭାରତ ରୁଷିଆଠାରୁ ଅଶୋଧିତ ତୈଳ କ୍ରୟ କରିଚାଲିଥିଲା, ଯାହାକୁ ନେଇ ଆମେରିକା ନୂଆଦିଲ୍ଲୀ ଉପରେ କ୍ଷୁବ୍ଧ ହୋଇଥିଲା। ଏବେ ରୁଷିଆଠାରୁ ଭାରତ ତୈଳ ହ୍ରାସ କରିଥିବାରୁ ଭାରତକୁ ଆମେରିକା ରିହାତି ଦେଇପାରେ ବୋଲି ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଥିବା ସୂଚନା ମିଳିଛି।**

ନ୍ୟୁୟର୍କ,୨୪।୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୫ ଅଗଷ୍ଟରେ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ ଲଗାଇବା ପରେ ରୁଷୀୟ ତୈଳ କ୍ରୟ ବାବଦକୁ ୨୫% ଅତିରିକ୍ତ ଦଣ୍ଡାତ୍ମକ ଟିକସ କଷିଥିଲେ। ଫଳରେ ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଶୁଳ୍କ କଷାଯାଉଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ତେବେ କିଛିମାସ ହେଲା ଭାରତ ରୁଷିଆଠାରୁ କ୍ରୁଡ୍ ଅଏଲ୍ କିଣିବା ପରିମାଣ ହ୍ରାସ କରିଦେଇଛି। ଏଥିଯୋଗୁ ଟ୍ରମ୍ପ ପ୍ରଶାସନ ୨୫% ଦଣ୍ଡାତ୍ମକ ଟାରିଫ୍ ହଟାଇବା ନେଇ ବିଚାର କରୁଛି। ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ଶୁକ୍ରବାର ଗଣମାଧ୍ୟମକୁ ଏହି ସଙ୍କେତ ଦେଇଛନ୍ତି।

ଆମେରିକୀୟ ନ୍ୟୁଜ୍ ଆଉଟ୍‌ଲେଟ୍ ପଲିଟିକୋକୁ ସାକ୍ଷାତ୍‌କାର ଦେଇ ବେସେଣ୍ଟ କହିଛନ୍ତି, ରୁଷୀୟ ତୈଳ କ୍ରୟ ହ୍ରାସ ନେଇ ଭାରତର ପଦକ୍ଷେପ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଏହାଦ୍ୱାରା ଭାରତୀୟ ସାମଗ୍ରୀଗୁଡ଼ିକ ଉପରୁ ଅନ୍ୟୁନ ୨୫% ଟାରିଫ୍ ହ୍ରାସ କରାଯାଇପାରେ। ବେସେଣ୍ଟ ଆହୁରି କହିଛନ୍ତି, ଭାରତ ଉପରେ ଆମର ୨୫% ଟାରିଫ୍ ଏକ ବଡ଼ ସଫଳତା। ଏହି ଟାରିଫ୍ ଯୋଗୁ ଭାରତ ରୁଷିଆଠାରୁ ତୈଳ କିଣିବା କମ୍ କରିଦେଇଛି। ଉକ୍ତ ଟାରିଫ୍ ଏବେ ମଧ୍ୟ ଜାରି ରହିଛି। ତେବେ ଏହାକୁ ହଟାଇବା ନେଇ ଏକ ପଥ ଉନ୍ମୁକ୍ତ ହୋଇଛି।

ୟୁରୋପୀୟ ସଂଘ (ଇୟୁ) ଭାରତ ଉପରେ ଉଚ୍ଚ ଟାରିଫ୍ କଷିବାରୁ ନିବୃତ୍ତ ରହିଛି। କାରଣ ନୂଆଦିଲ୍ଲୀ ସହ ଇୟୁ ଏକ ବଡ଼ ବାଣିଜ୍ୟିକ ଡିଲ୍ କରିବାକୁ ଚାହୁଁଛି। ଭାରତରୁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ରିଫାଇନ୍‌ଡ ଏନର୍ଜି କିଣିବା ବୋକାମି ବୋଲି ସେ କହିଛନ୍ତି। ବେସେଣ୍ଟ ଗତ ସପ୍ତାହରେ ଡାଭୋସ୍‌ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲୁଇଏଫ୍) ବାର୍ଷିକ ସମ୍ମିଳନୀ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ କହିଥିଲେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ରୁଷୀୟ ତୈଳ ପରିମାଣ ଆଖିଦୃଶିଆ ଭାବେ ହ୍ରାସ କରିଦେଇଛି। ୟୁକ୍ରେନ୍ ସଂଘର୍ଷ ଆରମ୍ଭ ହେବା ପରେ ଭାରତ ରୁଷିଆଠାରୁ ତୈଳ କିଣିବା ଆରମ୍ଭ କରିଥିଲା। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ଭାରତ ଉପରେ ☞ପୃଷ୍ଠା–୬

# ଭିତ୍ତିଭୂମିରେ ଓଡ଼ିଶାର ପ୍ରଗତି ଘଟିଛି

## ନୀତି ଆୟୋଗ ଉପାଧ୍ୟକ୍ଷଙ୍କୁ ଭେଟିବା ଅବସରରେ କହିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ରାଜ୍ୟରେ ଭିତ୍ତିଭୂମି ଓ ଯୋଗାଯୋଗ କ୍ଷେତ୍ରରେ ବିଶେଷ କରି ସଡ଼କ, ଜଳସେଚନ, ବିଦ୍ୟୁତ୍ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଲୋକସେବା ଭବନରେ ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ଏବଂ ସଦସ୍ୟ ଡ. ଅରବିନ୍ଦ ଭିର୍‌ମାନୀଙ୍କ ସହ ଅନୁଷ୍ଠିତ ବୈଠକ ବେଳେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ପ୍ରଗତି ଶିଳ୍ପ ବିସ୍ତାର ଓ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଏମଏସଏମଇଙ୍କୁ ସଶକ୍ତ କରିବା, ଉତ୍ପାଦନ କ୍ଲଷ୍ଟର ଗଠନ, ନିବେଶ ଆକର୍ଷଣ ଏବଂ ସ୍ଥାନୀୟ ଅର୍ଥନୀତି ସହ ଜଡ଼ିତ ଦକ୍ଷତା ବିକାଶ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିସିପିପିଇଆର) ବିକାଶ ପାଇଁ ନୀତି ଆୟୋଗଙ୍କ ସହଯୋଗ ଲୋଡ଼ିଛନ୍ତି। ☞ପୃଷ୍ଠା–୬


ଲୋକସେବା ଭବନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ

## ୨୭ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ଆସନ୍ତା ୨୭ ତାରିଖରେ ସାରା ଦେଶରେ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଛି ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ। ଏହି ଆନ୍ଦୋଳନରେ ସରକାରୀ, ବେସରକାରୀ, ବିଦେଶୀ, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କର ପ୍ରାୟ ୮ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସାମିଲ ହେବାକୁ ଥିବାରୁ ବ୍ୟାଙ୍କିଂ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ବ୍ୟାଙ୍କ କର୍ମଚାରୀମାନେ ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଦାବି କରି ଆସୁଛନ୍ତି। ଭାରତୀୟ ବ୍ୟାଙ୍କ ସଂଘର ଏହି ପ୍ରସ୍ତାବ ଗତ ଦୁଇବର୍ଷ ଧରି ସରକାରଙ୍କ ନିକଟରେ ବିଚାରାଧୀନ ଥିଲେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବାରୁ ଧର୍ମଘଟ ଡାକରା ଦିଆଯାଇଛି।

୨୦୨୩ରେ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ ଓ ଭାରତୀୟ ବ୍ୟାଙ୍କ ସଂଘ ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ନେଇ ଦାବି ଉଠାଇଥିଲା। ପରେ ୮ ମାର୍ଚ୍ଚ ୨୦୨୪ ସରକାରଙ୍କ ନିକଟରେ ଉକ୍ତ ଦାବି ପୂରଣ ପାଇଁ ପ୍ରସ୍ତାବର ପୁନରାବୃତ୍ତି କରାଯାଇଥିଲା। ଏହି ପ୍ରସ୍ତାବରେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ସମୟର ୪୦ ମିନିଟ ବୃଦ୍ଧି ଏବଂ ସମସ୍ତ ଶନିବାରକୁ ଛୁଟି ଘୋଷଣା କରିବାକୁ କୁହାଯାଇଛି। ଏହି ଦାବି ପୂରଣ ହୋଇ ନ ଥିବାରୁ ଜାନୁଆରୀ ୨୭ରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ହୋଇଛି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ ନେତୃତ୍ୱରେ ହେବାକୁ ଥିବା ☞ପୃଷ୍ଠା–୬






## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ, ୨୪।୧(ପ୍ରସନ୍ନ କୁମାର ପଣ୍ଡା)

୨୦୨୪ ଅକ୍ଟୋବର ୧ରେ ବିଷମକଟକ ଥାନା ଅଧୀନ ଚାଟିକୋଣା ମାଳି ସାହିରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ଲକିନାଥ ପ୍ରାସ୍କାଙ୍କୁ ବିଷମକଟକ ଅତିରିକ୍ତ ଜିଲା ଜଜ୍ ଶନିବାର ଆଜୀବନ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଅର୍ଥ ଅନାଦେୟ ସ୍ଥଳେ ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବା ନେଇ ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ଚାଟିକୋଣା ମାଳି ସାହିରେ ୨୦୨୪ ଅକ୍ଟୋବର ୧ରେ ଘାସିରାମ ଜିଲାକାରା ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାହି ଭିତରକୁ ଦୌଡି ଆସି ସାହିର ମଧ୍ୟଭାଗରେ ପଡ଼ି ମୃତ୍ୟୁବରଣ କରିଥିଲେ। ପରଦିନ ସକାଳେ ବିଷମ କଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ବିଷମକଟକ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା। ୨ ଦିନ ପରେ ଅଭିଯୁକ୍ତ ଲକିନାଥଙ୍କୁ କଲ୍ୟାଣସିଂହପୁର ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା। ପୂର୍ବ ଶତ୍ରୁତା ଯୋଗୁ ଘାସିରାମଙ୍କୁ ଗୋଡ଼ାଇ ଗୋଡାଇ ଟାଙ୍ଗିଆରେ ହାଣି ଦେଇଥିବା ଲକିନାଥ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ହତ୍ୟା ଘଟଣାର ତଦନ୍ତ ଭାର ନେଇଥିଲେ। ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରୁଥିଲେ।

### 'ଶିଶୁ କନ୍ୟାଙ୍କ ସୁରକ୍ଷା ଆମ ଦାୟିତ୍ୱ'

ଗୁଣପୁର, ୨୪।୧( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଉମ୍ମସରାସ୍ଥିତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲୁକ୍ ଆଇନ ସେବା ସଂସ୍ଥା ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଗୁଣପୁର ଏଡିଜେ ତଥା ତାଲୁକ୍ ଆଇନ ସେବା ଅଧ୍ୟକ୍ଷ ଦେବଦତ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ରେ ହୋଇଥିବା କାର୍ଯ୍ୟକ୍ରମରେ ଏସ୍ଡିଜେଏମ୍ ବିଜୟ ଲକ୍ଷ୍ମୀ ମହାପାତ୍ର, ଓକିଲ ସଂଘ ସଭାପତି ଗୌରୀ ଶଙ୍କର ଦାସ, ଉପସଭାପତି ରମେଶ ଚନ୍ଦ୍ର ଲିମା, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କନ୍ୟା ଭ୍ରୂଣ ହତ୍ୟା ଏକ ଅପରାଧ ଏବଂ ଶିଶୁ କନ୍ୟାକୁ ସୁରକ୍ଷା ଦେବା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ। କନ୍ୟା ରତ୍ନ ପାଇଁ ରହିଥିବା ବିଭିନ୍ନ ଆଇନ ଗତ ସୁରକ୍ଷା, ଅଧିକାର ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇ ସଚେତନ ହେବା ଉପରେ ଆଲୋକପାତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁନିଲ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୃତ୍ୟ ସଙ୍ଗୀତରେ ଦୁଲୁକିଲା ମଞ୍ଚ



କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଗୁଣପୁର,୨୪।୧ (ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବଘୁଆ ଦେଉଳ ପଛପଟ ପଡ଼ିଆରେ ଚାଲିଥିବା ବଂଶଧାରା ବସନ୍ତ ମୋହତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ଗଙ୍ଗା ଆରତୀରେ ଆରମ୍ଭ ହୋଇଥିଲା। ଅଦ୍ୱୈତ ବେଦାନ୍ତ ଆଶ୍ରମ ନଳିନୀ ମହାନ୍ତି, କାଳିଆ ମହାନ୍ତି, ଚନ୍ଦନ ବ୍ରହ୍ମଚାରୀ, ଯୋଗେଶ ମହାପାତ୍ର, ଗୋପାଳକୃଷ୍ଣ ମହାପାତ୍ର ପ୍ରମୁଖଙ୍କ ଦ୍ୱାରା ବଂଶଧାରା ନଦୀ କୂଳରେ ହେଉଥିବା କାର୍ଯ୍ୟକ୍ରମକୁ ମଞ୍ଚ ଉପରେ ଗଙ୍ଗା ଆରତୀ ଦର୍ଶନ କରାଯାଇଥିଲା। ପରେ କଟକସ୍ଥିତ ନୃତ୍ୟମ୍ବଦା ଗୃପ୍‌ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କୁନୀ କଳାକାର ରାଣୀଙ୍କ କଲିକତା ରୋସଗଲା, ଅଭିମନ୍ୟୁ ଓ ଆରେ ପରଦେଶୀଆ ସଙ୍ଗୀତରେ ମସଗୁଲ ହୋଇଥିଲେ ଲୋକେ। ସଙ୍ଗୀତ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ସ୍ନେହାଶୃତି ପାଢିଙ୍କ ସଙ୍ଗୀତ ମଧ୍ୟ ସମସ୍ତଙ୍କ ମନକୁ ଛୁଇଁଥିଲା। ରାୟଗଡ଼ାରୁ ଆସିଥିବା ପିଏମ୍‌ଶ୍ରୀ ନୃତ୍ୟ ଦଳଙ୍କ ଓଡ଼ିଶୀ ଆକର୍ଷଣୀୟ ଥିଲା। ମଞ୍ଚରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ ରେଫେରୀ ପଦ୍ମ ଚରଣ ପଣ୍ଡା ଓ ବିଟିବି ରାବଣା ମୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

- ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ମଜା ଉଠାଇଲେ ଦର୍ଶକ



ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ୫ ଦୋରାଗୁଡ଼ାରୁ, ଜଣେ ପୁରୀରୁ ଗିରଫ

ରାୟଗଡ଼ା/ଟିକିରି,୨୪।୧
(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

**ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ା ଥାନା ଅଧୀନ ହାଡ଼ିଗୁଡ଼ା ପଞ୍ଚାୟତରେ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରାଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ହତ୍ୟା କରାଯାଇଛି। ଏହି ଘଟଣାରେ ଦୋରାଗୁଡ଼ା ପୋଲିସ ୫ଜଣଙ୍କୁ ଦୋରାଗୁଡ଼ାରୁ ଓ ଜଣଙ୍କୁ ପୁରୀରୁ ଗିରଫ କରିଥିବା ରାୟଗଡ଼ା ଏସ୍ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଈଶ୍ୱର ଦୋରା, ଇନୋ ଦୋରା, ରାମାରାଓ ଦୋରା, ନାଚି ଦୋରା, ରାଜୁ ଦୋରା, ମୋହନରାଓ ଦୋରା। ଈଶ୍ୱରଙ୍କୁ ପୁରୀରୁ ଗିରଫ କରାଯାଇଛି। ହତ୍ୟାକାଣ୍ଡ ପରେ ଈଶ୍ୱର ତାଙ୍କ ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ପୁରୀ ଯାଇଥିଲେ। ଗୋପାଳଙ୍କ ମୃତଦେହ ମିଳିବା ଖବର ପାଇବା ପରେ ପୁରୀରୁ ଆଉ ରାୟଗଡ଼ା ନ ଫେରି ସେଠାରୁ ଫେରାରହେବା ପାଇଁ ଯୋଜନା କରୁଥିବା ଏସ୍ଡିପିଓ ସାହୁ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଇଉକାଲିପଟାସ କାଠ ଖଣ୍ଡ, ପ୍ଲାଷ୍ଟିକ୍ ବ୍ୟାଗ୍ ଓ ଦଉଡ଼ି ପୋଲିସ ଜବତ କରିଛି। ଡାକ୍ତରୀ ମାଇନା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ମୁତାବକ ଜାନୁଆରୀ ୨୧ରେ ଦୋରାଗୁଡ଼ା ଗ୍ରାମର ଗଙ୍ଗାମା ଦୋରା ତାଙ୍କ ବାପା ଗୋପାଳ ଦୋରା (୬୫) ନିଖୋଜ ଥିବା ନେଇ ଥାନାରେ ଏତଲା ଦେଇଥିଲେ। । ଗଙ୍ଗାମାଙ୍କ ଏତଲା ପ୍ରକାରେ ଗୋପାଳ ଗାଁଠାରୁ ୩୦୦ ମିଟର ଦୂରରେ ଏକ କୁଡ଼ିଆର ରହି ଗାଈ ଜଗୁଥିଲେ । ବେଳେବେଳେ ଘରୁ ଯାଇ ୩ ରୁ ୪ ଦିନ ପରେ ଫେରନ୍ତି। ହେଲେ ଗୋପାଳ ୨୫ ଦିନ ହେବ ଘରକୁ ଫେରି ନ ଥିବା ନେଇ ୨୧ ତାରିଖରେ ଗମାଙ୍ଗ ଏତଲାରେ ଉଲ୍ଲେଖ କରିଥିଲେ। ଏହାପରେ ଗତ ଗୁରୁବାର ଦୋରାଗୁଡ଼ା ନିକଟସ୍ଥ ନଦୀରୁ ଗୋପାଳଙ୍କ ହାତଗୋଡ଼ ବନ୍ଧା ଓ ଅଣ୍ଟାରେ ପଥର ବନ୍ଧା ମୃତଦେହ ଗାଁ ଲୋକେ ଦେଖିଥିଲେ। ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଗଙ୍ଗାମା ପୋଲିସରେ ପୁଣି ଥରେ ଆଉ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାଧିକାରୀ କିରଣବାଳା ସାମଲ କେସ୍ ନଂ. ୮/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏହା ଏକ ହତ୍ୟାକାଣ୍ଡ ଏବଂ ଏଥିରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ସମସ୍ତଙ୍କୁ ଗିରଫ କରାଯାଇଥିଲା। ଗୋପାଳ ଗୁଣିଗାରେଡ଼ିକରି ତାଙ୍କ ପରିବାରବର୍ଗଙ୍କୁ ଆଘାତ ପହଞ୍ଚାଉଥିବା ସନ୍ଦେହକରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି।

# ଜୟପୁରରେ ଗୁଣପୁର ଓକିଲ ସଂଘ କର୍ମକର୍ତ୍ତା ସମ୍ବର୍ଦ୍ଧିତ




ଗୁଣପୁର ଓକିଲ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗୁଣପୁର, ୨୪।୧(ସଙ୍କେତ ପାତ୍ର)

ଜୟପୁର ଜିଲା କୋର୍ଟ ନବନିର୍ମିତ ବାର ଆସୋସିଏଶନର କୋଠା ଓ ଟ୍ରାଞ୍ଜିଟ୍ ହାଉସ୍‌କୁ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ଗୁଣପୁର ଓକିଲ ସଂଘ ସଭାପତି ଗୌରୀ ଦାଶ ଓ ସମ୍ପାଦକ ପ୍ରବୀଣ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଓକିଲ ସଂଘର କର୍ମକର୍ତ୍ତା ସମେତ ଗୁଣପୁରର ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଗୁଣପୁର ଓକିଲ ସଂଘର ସମ୍ମାନ ବୃଦ୍ଧି ହୋଇଥିବାରୁ ଗୁଣପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ, ଏସ୍. ଗଣପତି , ବ୍ରହ୍ମାନନ୍ଦ ପଟ୍ଟନାୟକ, ଫନି ଭୂଷଣ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପଞ୍ଚାୟତ ନିର୍ବାଚନ ବିଗୁଲ ବଜାଇଲା ଭାଜପା

ରାୟଗଡ଼ା,୨୪।୧(ଆଶିଷ ରଞ୍ଜନ ପଣ୍ଡା)

- ଭାଜପାରେ ଯୋଗଦେଲେ ୭ ସମିତିସଭ୍ୟ ଓ ୨ ସରପଞ୍ଚ
- ସଙ୍ଗଠନ ମଜଭୁତ ପାଇଁ ରଣନୀତି ପ୍ରସ୍ତୁତ କଲା ଭାଜପା

କିଛି ଦିନ ତଳେ ୨୦୨୭ ପ୍ରଥାମର୍ଦ୍ଧରେ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ଘୋଷଣା କରିବା ପରେ ଆକ୍ସନ ମୁଡ୍‌ରେ ଜିଲାରେ ମୈଦାନକୁ ଓହ୍ଲାଇଛି ଭାଜପା। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଶନିବାର ଭୁବନେଶ୍ୱର ସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ। ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଓ ଜିଲା ସାଧାରଣ ସମ୍ପାଦକ ଭିକାରୀ ନାହାକଙ୍କ ନେତୃତ୍ୱରେ ବିଷମକଟକ ପଞ୍ଚାୟତ ସମିତିର ୭ ସମିତି ସଭ୍ୟ ଓ ୨ ସରପଞ୍ଚ ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଦଳରେ ବିଧିବଦ୍ଧ ଭାବେ ମିଶିଛନ୍ତି। ବିଭିନ୍ନ ପଞ୍ଚାୟତରୁ ୩୦ରୁ ଊର୍ଦ୍ଧ୍ୱ ଆଗଧାଡ଼ିର ନେତା ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମୀମାନଙ୍କୁ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ସମିତି ସଭ୍ୟ ହେଲେ କାଙ୍କୁବାଡ଼ି ପଞ୍ଚାୟତର ଅକ୍ଷୟ କୁମାର ହିକକା, ହାଟମୁନିଗୁଡ଼ାର ଦୁର୍ଯ୍ୟୋଧନ ପିରିବାକା, ଡୁମୁରିନେଲିର ବୋଇଦ ଉର୍ଲ୍ଲାକା, ହଜାରିଡ଼ାଙ୍ଗର ସୁକାନ୍ତ ବେନିଆ, ଡାଲଆକୁଜିର କରୁଣାକର ସୁନା, ସାହାଡ଼ାର ଜୟନ୍ତି କଲକା ଏବଂ କୁର୍ଲିର ତେଲାଡ଼ି ହୁଇକା। ସେହିଭଳି ସପପଞ୍ଚ ହେଲେ ହାଟମୁନିଗୁଡ଼ାର ନାରାୟଣ ହୁଇକା ଓ ସାହାଡ଼ାର ଚନ୍ଦ୍ର କୁମ୍ଭୁରୁକା ।

୨୦୨୪ ସାଧାରଣ ନିର୍ବାଚନରେ ଜିଲାରେ ବର୍ତ୍ତମାନ ୩ ବିଧାନସଭା ଆସନ ବିଷମକଟକ, ରାୟଗଡ଼ା ଓ ଗୁଣପୁର ବିଜେଡି ହାତରୁ ଛଡ଼ାଇ ନେଇ ପୁନଶ୍ଚ କଂଗ୍ରେସ ଏହାକୁ ଦଖଲ କରିଥିଲା। ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଓ ବିଜେଡିର ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିଜ ନିର୍ବାଚନମଣ୍ଡଳୀର ସଦର ପଞ୍ଚାୟତରୁ ଏହିଭଳି କର୍ମୀମାନେ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ମିଶିବା ରାଜନୀତି ମହଲରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ରାୟଗଡ଼ା ଜିଲାରେ ବିଜେଡି ଓ କଂଗ୍ରେସ ଜିଲା ପରିଷଦ ସମେତ ବିଭିନ୍ନ ପଞ୍ଚାୟତ ସମିତି ଦଖଲ କରିଥିବାବେଳେ ଭାଜପା ଜିଲାରେ ନୈରାଶ୍ୟଜନକ ରହିଥିଲା। ତେବେ ଭାଜପା ବରିଷ୍ଠ ନେତା ତଥା ପୂର୍ବଜନ ଜିଲା ସଭାପତି ଶିବଶଙ୍କର ଉଲାକାଙ୍କ କାର୍ଯ୍ୟକାଳ ସମୟରେ ଭାଜପା ୪ଟି ଜିଲା ପରିଷଦ ଦଖଲ କରିଥିଲା। ତେବେ ଏହାପରେ ଗୋଟିଏ ମଧ୍ୟ ଜିଲା ପରିଷଦ ଭାଜପା ହାତେଇବାରେ ସକ୍ଷମ ହୋଇନଥିଲା। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଗଠନ ପରେ ଜିଲାର ବହୁ ବିଜେଡ଼ି ଓ କଂଗ୍ରେସ ସମର୍ଥିତ ନିର୍ବାଚିତ ପ୍ରତିନିଧି ଓ ଆଗଧାଡ଼ିର କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗଦେଉଥିବା ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପାକୁ ସୁହାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧାଙ୍କ ମୃତ୍ୟୁ

ଗୁଣପୁର,୨୪।୧ (ସଙ୍କେତ ପାତ୍ର)

ଗୁଣପୁର ଶାନ୍ତିନଗର ନିବାସୀ ଅନ୍ନପୂର୍ଣ୍ଣା ହୋଟେଲ ମାଲିକ ସ୍ୱର୍ଗତ ଜଗା ପଡିହାରୀଙ୍କ ମା' ରାଧାରାଣୀ ପଡ଼ିଆରୀଙ୍କ ଶୁକ୍ରବାର ରାତିରେ ୮୫ ବର୍ଷ ବୟସରେ ପରଲୋକ ଘଟିଛି। ଶନିବାର ସକାଳେ ବଂଶଧାରା ନଦୀ କୂଳରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ନାତି ସନାତନ ପାଢ଼ୀ ମୁଖାଗ୍ନି ଦେଇଥିଲେ। ୨ ଦିନ ପୂର୍ବେ ତାଙ୍କ ପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ବ୍ରହ୍ମପୁର ମେଡିକାଲକୁ ନେଇ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶେଷ ସମୟରେ ପ୍ରଦୀପ, ବୋହୁ ସୁଦେଷ୍ଣା, ନାତି ସନାତନ, ଶିବ ପ୍ରସାଦ, ସୂର୍ଯ୍ୟ ନାରାୟଣ, ପ୍ରଦୀପ ପାଢ଼ୀ, ସୁଶାନ୍ତ ପାଢ଼ୀ, ନାତୁଣୀ ସନ୍ଧ୍ୟା ପାଢ଼ୀ, ପଣ ନାତି ଆଦିତ୍ୟ ରଞ୍ଜନ, ନାତୁଣୀ ବୋହୁ ଶାନ୍ତିଲତା, ନାତୁଣୀ ଜ୍ୱାଇଁ ଅଶୋକ କର ଉପସ୍ଥିତ ଥିଲେ।

# କନ୍ୟା ସନ୍ତାନ ବଞ୍ଚାଅ ଦିବସ ପାଳିତ

ଗୁଣପୁର,୨୪।୧(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପଗଡବିଲି ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଜିଲାସ୍ତରୀୟ କନ୍ୟା ସନ୍ତାନ ବଞ୍ଚାଅ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯଥା କିଶୋର କୁମାର ବରେଇ, ଅମ୍ବିକା ପ୍ରସାଦ ପତି, ଲକ୍ଷ୍ମୀ ନାରାୟଣ ଦାସ, ସୁଶାନ୍ତ ନାୟକ ଏବଂ ବ୍ଲକ ସ୍ତରରୁ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ .ଅମରେଶ ଜେନା, ଡ .କାଳୀ ପ୍ରସାଦ ପଣ୍ଡା, ସଞ୍ଜୟ କୁମାର ପାତ୍ର, ବିପିଏମ୍ ଚକ୍ରଧର ପଟ୍ଟନାୟକ, ସିଡିପିଓ ସୁଷମା ପ୍ରସାଦ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ପିଲାମାନଙ୍କୁ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ବୁଝାଇ ଥିଲେ। ପିଲାମାନଙ୍କୁ ନେଇ ଦିବସ ସମ୍ପର୍କିତ ସଙ୍ଗୀତ, ଭାଷଣ, ଅଭିନୟ, ଚିତ୍ରାଙ୍କନ,ଝୋଟି ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# କ୍ରୀଡ଼ା ମଣିଷକୁ ଦୃଢ଼, ନିଷ୍ଠାବାନ୍, ସଫଳ କରେ

ଟିକିରି, ୨୪।୧
(ପ୍ରଫୁଲ୍ଲ କୁମାର ବେହେରା)

**ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ଅଧୀନ ଟିକିରି ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୪ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ବକୁଳାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ମହାନ୍ତ ଖେଳ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଏବିଇଓ ପବିତ୍ର ମୋହନ ନାୟକ ଯୋଗ ଦେଇଥିଲେ। ପାଠ ସହ ସହିତ କ୍ରୀଡ଼ ଜରୁରୀ। ଖେଳ ମାଧ୍ୟମରେ ଶିକ୍ଷାର ବିକାଶ ହୋଇପାରିବ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କିମାର ପାତ୍ର ଯୋଗ ଦେଇ କ୍ରୀଡ଼ା ମଣିଷକୁ ଦୃଢ, ନିଷ୍ଠାବାନ ଓ ସଫଳ କରିବା ସହ ଶରୀରକୁ ସୁସ୍ଥ ଓ ମନକୁ ସବଳ କରେ ବୋଲି କହିଥିଲେ। ଏଥିସହିତ କ୍ରୀଡ଼ା ଛାତ୍ରୀଛାତ୍ରଙ୍କର ଶାରୀରିକ ଓ ମାନସିକ ବିକାଶ କରେ ବୋଲି ମନ୍ତବ୍ୟ ଦେଇଥିଲେ। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଦଳରେ ୧୬ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ରଞ୍ଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଉପସ୍ଥିତ ଅନ୍ୟମାନେ।

# ଦୀର୍ଘଦିନ ଅପେକ୍ଷାର ଅନ୍ତ, ବିଦ୍ୟୁତ୍ ସଂଯୋଗ କାମ ଆରମ୍ଭ

କଲ୍ୟାଣସିଂହପୁର, ୨୪।୧
(ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତର ରାଇଲିମା ଓ ଉପର ପଲିଗାଁକୁ ୧୪ ବର୍ଷ ପରେ ବିଜୁଳି ସଂଯୋଗ ହେବାକୁ ଯାଉଛି। ଭାଜପା ମଣ୍ଡଳ ସଭାପତି ଆଜିତ କୁମାର ଜାଡି ଓ ଜିଲା ସଭାପତି ଗୋପୀ ଆନନ୍ଦଙ୍କ ହସ୍ତକ୍ଷେପ ପରେ ପୁଣି ଥରେ ୪୦ ଇଲେକ୍ଟ୍ରି ପୋଲ ପୋତା ହୋଇ ଉପର ପୋଲି ଗାଁ କୁ ବିଦ୍ୟୁତ୍ ସଂଯୋଗ କାମ ଆରମ୍ଭ ହୋଇଛି।

ରାଇଲିମା ଓ ଉପର ପୋଲିଗାଁରେ ବସବାସ କରୁଥିବା ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧଙ୍କ ୬୦ ରୁ ଊର୍ଦ୍ଧ୍ୱ ପରିବାର। ପୂର୍ବରୁ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସଂଯୋଗ କିଳିଥିଲା। କିନ୍ତୁ କୌଣସି କାରଣ ବଶତଃ ସଂଯୋଗ ବିଭିନ୍ନ କରାଯାଇଥିଲା। ଏହାପରେ ରାଇଲିମ ଗାଁରେ ପୂର୍ବରୁ ବିଦ୍ୟୁତ୍ ସଂଯୋଗ ପାଇଁ କାମ ଆରମ୍ଭ ହାଇଥିଲା ଓ କିଛି ଇଲେକ୍ଟ୍ରି ପୋଲ ବି ପୋତା ଯାଇଥିଲା। କିନ୍ତୁ କୌଣସି କାରଣ ରୁ ତାହା ଆଧାରେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିଲା। ଏବେ ପୁଣି ସୁନାଖଣ୍ଡି ପଞ୍ଚାୟତ ଉପର ପୋଲିଗାଁ ଓ ରାଇଲିମା ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ କାମ ଆରମ୍ଭ ହେଉଥିବା ଦେଖିବାକୁ ମିଳିଛି । ଏ ନେଇ ଉପର ପୋଲିଗାଁ ଓ ରାଇଲିମାର ମାନ୍ଦି କାଡ୍ରାକା, ଆଦି କୁଲେସିକା, ହୁଇକା ନାଶ, ସନିଆ ବାଗ, ପାଲାଡ଼ି ହୁଇକା, ମଝିଣି ହୁଇକା, ମାଳ ହୁଇକା, ବିଞ୍ଜି ହୁଇକା, ସାନି କାଡ୍ରାକା, ସଦାନନ୍ଦ ବାଗ, ପବିତ୍ର ବାଗ, କଟାଡ଼ି କୁଲେସିକା ପ୍ରମୁଖ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଓ ମଣ୍ଡଳ ସଭାପତି ଅନୀଲ କୁମାର ଜାଡିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



ଇଲେକ୍ଟ୍ରି ଖୁଣ୍ଟି ପୋତା କାମ କରାଯାଉଛି।

# ୩ ଦଫା ଦାବି ନେଇ ୨୮ରେ ମାଲକାନଗିରି ଜିଲା ବନ୍ଦ ଡାକରା

**ମାଲକାନଗିରି,୨୪।୧(ଦୁର୍ଯ୍ୟୋଧନ ପାତ୍ର)**



ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ।

**ନବନିର୍ମାଣ କୃଷକ ସଂଗଠନର ଖବରଦାତା ସମ୍ମିଳନୀ**

ମାଲକାନଗିରି ଜିଲା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୩ ଦାବି ନେଇ ଜାନୁଆରୀ ୨୮ରେ ଜିଲା ବନ୍ଦ ଡାକରା ଦିଆଯାଇଛି। ଦାବି ପୂରଣ କରିବାକୁ ସ୍ଥାନୀୟ ହୋଟେଲ ସ୍ୱାଗତରେ ସଂଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ସଂଗଠନ ସଭାପତି ଏରା ପଡିଆମି ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଅନିୟମିତତା ନେଇ ପ୍ରକାଶ କରିଥିଲେ। ଜିଲାରେ ମାସେ ପୂର୍ବେ ଧାନମଣ୍ଡି ଆରମ୍ଭ ହେବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ବହୁ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଟୋକନରେ ୪୦ କୁଇଣ୍ଟାଲ ଜାଗାରେ ୧୦ କୁଇଣ୍ଟାଲ ଆସୁଛି। କିନ୍ତୁ ଧାନ ଟୋକନ ମିଳିବାରେ ବିଳମ୍ବ, ସପ୍ତାହ ଧରି ମଣ୍ଡିରୁ ଧାନ ଉଠାଉନାହାନ୍ତି। ଏ ନେଇ ଜାନୁଆରୀ ୬ରେ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ଚାଷୀମାନେ ବିକ୍ଷୋଭ କରି ଗିରଫ ହୋଇଥିଲେ। ସରକାର ପ୍ରଦୂଷଣ ନାଁରେ ଲୋକଙ୍କଠାରୁ ଜରିମାନା ନେଉଛନ୍ତି। କିନ୍ତୁ ବଡ ବଡ କମ୍ପାନୀ ଦ୍ୱାରା ହେଉଥିବା ପ୍ରଦୂଷଣକୁ ରୋକିବାରେ ସରକାର ବିଫଳ ହୋଇଛି। ସୁପ୍ରିମକୋର୍ଟର ଆଦେଶ ମୁତାବକ ଖଣି କମ୍ପାନୀଗୁଡ଼ିକ ଉପରେ ୩୧୭୬୬ କୋଟି ଟଙ୍କା ବାକି ପଡ଼ିଛି। ୪୨ ଶିଳ୍ପ କରିଥିବା କମ୍ପାନୀଗୁଡ଼ିକଠାରୁ ୪୫୦୦ରୁ ଊର୍ଦ୍ଧ୍ୱ କୋଟି ଆଦାୟ କରିବାକୁ ସରକାର ସାହସ କରୁନାହାନ୍ତି। ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହେବା ସତ୍ତ୍ୱେ ଉପଭୋକ୍ତାମାନେ ଅଧିକ ଦାମରେ ଟାଟା ପାୱାରକୁ ବିଦ୍ୟୁତ ପାଉଣା ଦେଉଛନ୍ତି। ବିଦ୍ୟୁତ୍ ଯୋଗାଉଥିବା ଆନ୍ଧ୍ର, ତେଲେଙ୍ଗାନା ଓ ତାମିଲନାଡୁ ଆଦି ରାଜ୍ୟରେ ଉପଭୋକ୍ତାମାନେ କମ୍ ଦାମରେ ପାଉଛନ୍ତି। ଅନ୍ୟ ରାଜ୍ୟରେ ଚାଷୀମାନେ ମାଗଣାରେ ବିଦ୍ୟୁତ୍ ପାଉଥିବା ବେଳେ ଆମ ରାଜ୍ୟର ଚାଷୀ ପାଉଣା କାହିଁକି ଦେବେ ବୋଲି ପ୍ରଶ୍ନ କରାଯାଇଛି। ଜାନୁଆରୀ ୨୮ ତାରିଖ ସକାଳ ୬ଟାରୁ ଅପରାହ୍ନ ୨ଟା ଯାଏ ବନ୍ଦ ଡାକରା ଦିଆଯାଇଛି। ସମ୍ମିଳନୀରେ ସଂଗଠନର ସମ୍ପାଦକ ଦଶରଥ ଦୁରୁଆ, ସଦସ୍ୟ ଦିପକ ମଣ୍ଡଳ, ସୋମା ମାଡକାମି, ଦେବା ମୁଚାକି, ବି. କାମେଶ୍ୱର ରାଓ, ପ୍ରମୋଦ ମାଡକାମି, କଶା ମାଡକାମି ଓ ୧ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍ ଉଚ୍ଛେଦକୁ ବିରୋଧ


ବୈଠକରେ ଉପସ୍ଥିତ ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟ କର୍ମକର୍ତ୍ତାମାନେ।

**ସୁନାବେଡ଼ା/ସେମିଳିଗୁଡ଼ା,୨୪।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

କୋରାପୁଟ ଜିଲା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ସେମିଳିଗୁଡ଼ା ବ୍ଲକ କଂଗ୍ରେସ ନେତୃମଣ୍ଡଳୀଙ୍କୁ ନେଇ ଏକ ବୈଠକ ବିଧାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ଆଇନକୁ ପରିବର୍ତ୍ତନ କରି ଭିବି ଜି ଆର୍ ଏମ୍‌ଜୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଛି। ସରକାରଙ୍କ ଏଭଳି ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ କହିଛନ୍ତି। ଏହାର ପ୍ରତିବାଦରେ ୨୯ ତାରିଖରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀର ପ୍ରତି ପଞ୍ଚାୟତରେ ପ୍ରତିବାଦ ସଭା, ରାଲି ଓ ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି।

# ଗଞ୍ଜେଇ ଚାଲାଣ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ପଟାଙ୍ଗି,୨୪।୧(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟାଙ୍ଗି ପୋଲିସ ପକ୍ଷରୁ ଚାଲିଥିବା ଏମଭି ଚେକିଂ ବେଳେ ଗଞ୍ଜେଇ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଗିରଫ ସହ ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ କର୍ଣ୍ଣାଟକର ଶିଭାମୋଙ୍ଗା ହରିଓର ଜିଲା ଭଦ୍ରାଭତି ଅଞ୍ଚଳର ଆର୍.ଉଦୟ କିରନ ଓ ମହମ୍ମଦ ଆକ୍ରମ। ସୂଚନାନୁଯାୟୀ, ଶୁକ୍ରବାର ସ୍ଥାନୀୟ ପୋଲିସ ହନୁମାନ ମନ୍ଦିର ନିକଟରେ ଏଚ୍‌ଆରଏସ୍‌ଏସ୍‌ବି ବେନିଆ, କନେଷ୍ଟବଳ ଘେନୁ ଖିଲ, ମନଧର ଗୌଡ଼, ଆପାନା ଚପାଡି, ଡ୍ରାଇଭର ସାଇ ମନ ଜସପିନ ଖିଲ ଏମଭି ଚେକିଂ କରୁଥିଲେ। ଏକ ନମ୍ବର ବିହୀନ କାର ଦ୍ରୁତଗତିରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଦେଖି ଏହାକୁ ଅଟକାଇଥିଲେ। ଯାଞ୍ଚ କରିବାରୁ ୫ ଜରି ବସ୍ତାରେ ୧ଶହ କେଜି ୫ଶହ ଗ୍ରାମ ଗଞ୍ଜେଇ କାରରେ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କଠାରୁ କାର,ଗଞ୍ଜେଇ ଓ ୨ ମୋବାଇଲ ଜବତ କରାଯାଇ କରାଯାଇଥିଲା। ଅଭିଯୁକ୍ତମାନେ ନନ୍ଦପୁର ଅଞ୍ଚଳରୁ ଗଞ୍ଜେଇ ନେଇ ପଟାଙ୍ଗି ଦେଇ କର୍ଣ୍ଣାଟକ ଯାଉଥିବା କହିଥିଲେ। ଏ ନେଇ ପୋଲିସ ନଂ.୨୨/୨୬ରେ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ କୁଞ୍ଜଲତା ବେହେରା ତଦନ୍ତ ଜାରି ରଖିଛନ୍ତି।

# ନୂତନ ଟାଟା ସିଏରାର ବଜାର ପ୍ରବେଶ




**ଭୁବନେଶ୍ୱର, ୨୪।୧(ଅନୁରାଧା ମହାରଣା)**

ଟାଟା କମ୍ପାନୀର ସ୍ଥାନୀୟ ସୋରୁମ ଲଙ୍କେଶରୀ ମୋଟର୍ସ ପ୍ରାଇଭେଟ ଲିମିଟେଡରେ ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ ତୀର୍ଥରାଜ ସାହୁ ଏବଂ ମୁଖ୍ୟ ଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଏସବିଆଇର ଆଞ୍ଚଳିକ ପ୍ରବନ୍ଧକ ସୁବାଷ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଗାଡ଼ିର ଅନାବରଣ କରିଥିଲେ। ଟାଟା ସିଏରା ଗାଡିଟି ୧୯୯୧ରେ ଭାରତ ବଜାରରେ ୪ ୱିଲ ଏସୟୁଭି ସେଗମେଣ୍ଟରେ ପ୍ରଥମ ପ୍ରବେଶ ଥିଲା। ବିକଶିତ ଜ୍ଞାନ କୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ଏହି ଗାଡିଟି ୬ଟି ରଙ୍ଗରେ ଉପଲବ୍ଧ। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। ଏହି ଗାଡ଼ିରେ ପାନରୋମିକ ସନ ରୁଫ, ୬୨୨ ଲିଟର ବୁଟ ସ୍ପେସ, ୧୯ ଇଞ୍ଚ ବିଶିଷ୍ଟ ଆଲଏ ୱିଲ, ବେଷ୍ଟ ହେଡ ରୁମ, ସୋଲ୍ଡର ରୁମ, ଲିଗ ରୁମ ଭଳି ୩୦ ଟି ନୂଆ ଫିଚର୍ ରହିଛି।ଏହି ଗାଡ଼ିଟି ୧.୫ ଲିଟର ଗ୍ୟାସୋଲିନ ଏବଂ ଡିଜେଲ ଇଞ୍ଜିନ ସହ ଉଭୟ ମାନୁଆଲ ଏବଂ ଅଟୋମେଟିକ ଟ୍ରାନସମିଶନରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଉକ୍ତ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚକୁ ମଧ୍ୟ ଅତିଥିମାନେ ଅନାବରଣ କରିଥିଲେ। ୨୦୨୪ରେ ସର୍ବାଧିକ ବିକ୍ରୀ ହୋଇଥିବା ଏହି ଗାଡ଼ିରେ ସମସ୍ତ ନୂଆ ଫିଚର୍ ସବୁ ରହିଛି।

# ମାଲିବେଲଗାଁ–ମାରଡ଼ା ରାସ୍ତା ମରଣଯନ୍ତା

**ନିର୍ମାଣ ପରଠାରୁ ହୋଇନି ମରାମତି**

**ନନ୍ଦପୁର,୨୪।୧(ତୁଷାର କାନ୍ତ ମହାନ୍ତି)**


ମାଲିବେଲଗାଁ–ମାରଡ଼ା ରାସ୍ତା।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ମାଲିବେଲଗାଁ ପଞ୍ଚାୟତ ସଦର ମହକୁମା ସଂଯୋଗୀ ମାଲିବେଲଗାଁ–ମାରଡ଼ା ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୭ରେ ସ୍ୱତନ୍ତ୍ର କେନ୍ଦ୍ରୀୟ କେବିକେ ପାଣ୍ଠି ବିନିଯୋଗକରି ସୁନାବେଡ଼ା ଆର୍‌ଡି ଡିଭିଜନ ଏହି ରାସ୍ତା ନିର୍ମାଣ କରିଥିଲା। କିନ୍ତୁ ନିର୍ମାଣ ପରଠୁ ଏହି ରାସ୍ତା ମରାମତି ହୋଇ ନ ଥିବାରୁ ରାସ୍ତାରୁ ପିଚୁ ଉଠି ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ମାଲିବେଲଗାଁ, ଭିତରମାରଡ଼ା ଓ ମାରଡ଼ା ଗ୍ରାମ ଦେଇ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ପଞ୍ଚାୟତର ଖୁଜେଲ, ଗୁଲପଣ୍ଡି ଓ ଖତଗଉଡପୁଟ ଗ୍ରାମବାସୀ ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତ କରନ୍ତି। ନନ୍ଦପୁର ଓ ହିକିମପୁଟ ପଞ୍ଚାୟତର କେତେଜଣ ଗ୍ରାମବାସୀ ଏହି ରାସ୍ତାରେ ଯାତାୟାତ କରନ୍ତି। କିନ୍ତୁ ଦୀର୍ଘଦିନରୁ ରାସ୍ତା ଦୁରବସ୍ଥାରେ ଥିଲେ ସୁଦ୍ଧା ମରାମତି କରାଯାଉ ନାହିଁ। ଲୋକେ ଦୁର୍ଘଟଣାର ଶିକାର ହୋଇ ଧନ ଜୀବନ ନଷ୍ଟ ହେଉଥିବା ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ ସରପଞ୍ଚ ପ୍ରହଲ୍ଲାଦ ମୁଦୁଲି ନିଜେ ବାରମ୍ବାର ବ୍ଲକ୍ ସମିତି ବୈଠକ, ଜନଶୁଣାଣି ଓ ଅନ୍‌ଲାଇନ ପୋର୍ଟାଲରେ ରାସ୍ତାର ଦୁରବସ୍ଥା ନେଇ ବିଭାଗୀୟ ଅଧିକାରୀ, ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏଯାଏ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ସୁନାବେଡ଼ା ଆର୍‌ଡି ଡିଭିଜନ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଡିଭିଜନ ପକ୍ଷରୁ ଏସ୍‌ସିଏ(କେବିକେ) ପାଣ୍ଠିରେ ନିର୍ମିତ ରାସ୍ତାଗୁଡ଼ିକର ମରାମତି ଓ ଦେଖାରଖା ପାଇଁ ପାଣ୍ଠିର ପ୍ରାବଧାନ ନ ଥାଏ। ରାସ୍ତାଗୁଡ଼ିକ ଚିହ୍ନଟକରି ବିଭାଗକୁ ସମ୍ପୂର୍ଣ୍ଣ ହସ୍ତାନ୍ତର କରି ମରାମତି ପାଇଁ ପାଣ୍ଠି ପ୍ରଦାନ କରିବାକୁ ଡିଭିଜନ ପକ୍ଷରୁ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଛି। ପ୍ରକ୍ରିୟା ସରିଲେ ମରାମତି କରାଯିବ ବୋଲି ସୂଚନା ଦିଆଯାଇଛି।

# ବୀର ସୁରେନ୍ଦ୍ର ସାଏ ପାଠାଗାରର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅନ୍ୟ ଅତିଥିମାନେ।

**କୋରାପୁଟ/ଡୁମୁରିପୁଟ,୨୪।୧ (ଅମିତାଭ ବେହେରା/ଅରୁଣ କୁମାର ଜେନା)**

କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରୀପୁଟସ୍ଥିତ ବୀର ସୁରେନ୍ଦ୍ର ସାଏ ପାଠାଗାରର ୧୭ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ପାଠାଗାର ସଭାପତି ଏମ୍.ସୁରେଶ କୁମାରଙ୍କ ଅଧ୍ୟକ୍ଷତାରେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇଥିଲେ। ପାଠାଗାରର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସ୍ଥାନୀୟ ସରପଞ୍ଚ ଚୈତନ ଜାନୀ, ପାଠାଗାରର ଉପଦେଷ୍ଟା ଦୀନବନ୍ଧୁ ବାରିକ, ତିରୁମଲେଶ୍ୱର ଚୌଧରୀ, ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପାଠାଗାରର କୋଷଧ୍ୟକ୍ଷ ତ୍ରିପତି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଜଗଦୀଶ ଖୋସଲା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି କର୍ପୂର ହନ୍ତାଳ, ସହ ସମ୍ପାଦକ ବିଷ୍ଣୁଚରଣ ଦାଶ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ଖେମୁଣ୍ଡୁ, ସୁକାନ୍ତ ନାୟକ, ସନ୍ତୋଷ ଶତପଥି, ସୂର୍ଯ୍ୟନାରାୟଣ ସାହୁ, ଧର୍ମେନ୍ଦ୍ର ବେହେରା, ସୁରଜିତ ବାଘ, ବସନ୍ତ ରାଓ, ଅକ୍ଷୟ ମହାନ୍ତି ଓ ସୁବୋଧ କୁମାର ଚେଟି ପ୍ରମୁଖ ସହଯୋଗ କରିଥିଲେ। ବିଶିଷ୍ଟ ନାଟ୍ୟକାର ଇଂ.ପ୍ରଦୀପ୍ତ ମହାନ୍ତିଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ ସତ କାହାଣୀର ମିଛ ମଣିଷ ସ୍ଥାନୀୟ କଳାକାର ପରିବେଷଣ କରିଥିଲେ।

# ଜିଲାସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଅଧ୍ୟକ୍ଷ ଓ ଅନ୍ୟ ଅତିଥିମାନେ।

**କୋରୁକୋଣ୍ଡା,୨୪।୧(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ନୀଳାକାମ୍ବେରୁ ପଞ୍ଚାୟତର ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଜିଲାସ୍ତରୀୟ ତିନିଦିନିଆ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାର ୮ ମହାବିଦ୍ୟାଳୟର ପ୍ରାୟ ଶହେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମାଝୀଙ୍କ ପୌରହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ମୁନା ତୁର୍କୁ, ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ସରୋଜ ମହାପାତ୍ର, ବାଲିମେଳା କଲେଜ ଏନଏସଏସ ଅଧିକାରୀ ତପନ କାର୍ଜି, ବାଳିକା ବିଭାଗର ରଞ୍ଜିତା ଟୋପୋ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏନଏସଏସର ମୁଖ୍ୟ ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ସାଇବର ଠକେଇ, ପ୍ଲାଷ୍ଟିକ ମୁକ୍ତ, ନିଶା ମୁକ୍ତ, ବାଲ୍ୟ ବିବାହ ଓ ଶିକ୍ଷା ଆଦି ନେଇ ଆଲୋଚନା କରିବା, ସରକାରଙ୍କ ବିକଶିତ ଭାରତ ବିକଶିତ ଓଡ଼ିଶା ପୂରଣ ହେବା ନେଇ ଲକ୍ଷ୍ୟ ରଖିବାକୁ କୁହାଯାଇଛି। ଗତବର୍ଷ ଜଣେ ଛାତ୍ର କଲେଜରୁ ଦିଲ୍ଲୀରେ ଓଡ଼ିଶାର ନେତୃତ୍ୱ ନେଇଥିଲେ।

# ସେବାଶ୍ରମ ଛାଡ଼ି ଚାଲି ଯାଉଥିବା ୨ ଛାତ୍ରୀ ଉଦ୍ଧାର

**ତଦନ୍ତ କରିବାକୁ ସାତସମିଳୀ ଗ୍ରାମବାସୀଙ୍କ ଦାବି**

**ନନ୍ଦପୁର,୨୪।୧(ତୁଷାର କାନ୍ତ ମହାନ୍ତି)**


ସେବାଶ୍ରମରେ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସହ ୨ ଛାତ୍ରୀ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିକିମପୁଟ ସେବାଶ୍ରମ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ୨ ଛାତ୍ରୀ ଦେବକୀ ଓ ତୁଳସୀ ଖିଲ ଶନିବାର ସନ୍ଧ୍ୟାରେ ଅନ୍ଧାର ରାସ୍ତାରେ ଚାଲି ଯାଉଥିବା ବେଳେ ସାତସମିଳୀ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ୨ଛାତ୍ରୀଙ୍କୁ ପଚାରିବାରୁ ୪୦ କି.ମି. ଦୂର ନିଜ ଗ୍ରାମ ଡୁମୁରିଗୁଡ଼ାକୁ ଚାଲି ଚାଲିଯାଉଥିବା ସୂଚନା ଦେଇଛନ୍ତି। ଥୁବା ସରପଞ୍ଚ ଅର୍ଜୁନ କିର୍ସାନୀ ଓ ଅନ୍ୟ ଯୁବଗୋଷ୍ଠୀ ୨ ଛାତ୍ରୀଙ୍କୁ ସୁରକ୍ଷିତ ରଖି ସେବାଶ୍ରମ କର୍ତ୍ତୃପକ୍ଷ ଓ ସେମାନଙ୍କ ଅଭିଭାବକଙ୍କୁ ସୂଚନା ଦେଇଥିଲେ। ବିଦ୍ୟାଳୟର କଣ ପରିସ୍ଥିତି ସୃଷ୍ଟି ହେବାରୁ ୨ ନାବାଳିକା ରାତିରେ ସେବାଶ୍ରମ ଛାଡ଼ି ଗାଁକୁ ଯିବାକୁ ବାହାରିଥିଲେ ବୋଲି ପ୍ରଶ୍ନ ଉଠିଛି। ଏହି ସମୟରେ ସେବାଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବଗତ ଥିଲେ ନାହିଁ, ଏଥିପାଇଁ ଦାୟୀ କିଏ ହେବ ଏ ନେଇ ତଦନ୍ତ କରିବାକୁ ଅନୁରୋଧ କରାଯାଇଛି। ନନ୍ଦପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାଗେନ ତ୍ରିପାଠୀଙ୍କୁ ପଚାରିବାରୁ ୨ ଛାତ୍ରୀଙ୍କୁ ଉଦ୍ଧାର କରି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିବା ସାତସମିଳୀ ଗ୍ରାମବାସୀ ଓ ସରପଞ୍ଚଙ୍କୁ କୃତଜ୍ଞତା ଜଣାଇଥିଲେ। ସେବାଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷ ସାତସମିଳି ଗ୍ରାମକୁ ଯାଇ ୨ ଛାତ୍ରୀଙ୍କୁ ସେବାଶ୍ରମକୁ ଫେରାଇ ଆଣିଥିବା ସୂଚନା ଦେଇଛନ୍ତି। ରବିବାର ସେ ବିଦ୍ୟାଳୟ ପରିଦର୍ଶନ କରି କେଉଁ ପରିସ୍ଥିତିରେ ୨ଛାତ୍ରୀ ସେବାଶ୍ରମ ଛାଡ଼ି ଘରକୁ ଯାଉଥିଲେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଲକ୍ଷ୍ମୀପୁର ଛାତ୍ର ୩ୟ

**ଲକ୍ଷ୍ମୀପୁର,୨୪।୧ (ଅନନ୍ତ ପ୍ରସାଦ ନାୟକ)**


ଜି.ଚୈତନ୍ୟା

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ଗୌଡଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ର ଜି.ଚୈତନ୍ୟା ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚୈତନ୍ୟାଙ୍କୁ ପୁରସ୍କୃତ କରିଥିଲେ। ସେ କାକିରିଗୁମା ଗ୍ରାମର ଶିକ୍ଷକ ଜି. ଯୋଗନ ମୋହନ ରାଓଙ୍କ ପୁଅ।

# ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ମହିଳା

**ବିଦ୍ୟୁତ୍ ଆଘାତରେ ଚାଲିଗଲା ସ୍ୱାମୀଙ୍କ ଜୀବନ,ମିଳିନି ସହାୟତା**

**ବୈପାରୀଗୁଡ଼ା,୨୪।୧ (କଳ୍ପତରୁ ମହାନ୍ତି)**


ପୁଅ ଝିଅଙ୍କ ସହ ଗୌରୀମଣି ଗୌଡ ।

ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଜଣେ ମହିଳାଙ୍କୁ ମାସିକ ଭତ୍ତା ତଥା ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। କିନ୍ତୁ ବୈପାରୀଗୁଡା ବ୍ଲକ ଅଧୀନ ପେଦାପଡା ପଞ୍ଚାୟତ ପାଣ୍ଡକାଖାରୀ ଗ୍ରାମର ଡମ୍ବରୁ ଗୌଡ(୨୫)ଙ୍କ ସ୍ତ୍ରୀ ଗୌରୀମଣି ଗୌଡ଼(୨୩) ଏଥିରୁ ବାଦ୍ ପଡ଼ିଛନ୍ତି। ୨୦୨୫ ଜୁନ୍ ୨୬ରେ ଡମ୍ବରୁ ବିଦ୍ୟୁତ୍ ତାର ସଜାଡ଼ିବା ସମୟରେ ବିଦ୍ୟୁତ୍ ଆଘାତ ଯୋଗୁ ଚେତାଶୂନ୍ୟ ହୋଇପଡିଥିଲା। ଡମ୍ବରୁଙ୍କୁ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ୨୪/୨୫ରେ ମାମଲା ରୁଜୁ କରିଥିଲା। ଡମ୍ବରୁଙ୍କ ମୃତ୍ୟୁକୁ ୭ ମାସ ବିତିଥିବା ବେଳେ ଗୌରୀମଣି ଆବଶ୍ୟକ କାଗଜପତ୍ର ଯୋଗାଡ କରିପାରୁ ନ ଥିବାରୁ ସମସ୍ତ ସହାୟତାରୁ ବଞ୍ଚିତ ରହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରରେ ୫ ବର୍ଷର ପୁଅ ଓ ୨ ବର୍ଷର ଝିଅ, ଶାଶୁ, ଶ୍ୱଶୁର ଓ ଭିନ୍ନକ୍ଷମ ଦେଢଶୁରଙ୍କ ଦାୟିତ୍ୱ ନେବାକୁ ପଡୁଥିବା କହିଛନ୍ତି। ଚାଷ ଜମି ନ ଥିବା ବେଳେ ଗୋରୀମଣି ମଜୁରୀ କରି ପରିବାର ଚଳାଉଥିବା କହିଛନ୍ତି। ଆର୍ଥିକ ଅଭାବରୁ ପିଲାମାନେ ପାଠ ମଧ୍ୟ ପଢ଼ିପାରୁ ନ ଥିବା କହିଛନ୍ତି। ଏଭଳି ଅସହାୟ ଅବସ୍ଥାରେ ପ୍ରଶାସନ ସହଯୋଗର ହାତ ବଢାଇବାକୁ ଅନୁରୋଧ କରିଛନ୍ତି।

# 'ହିନ୍ଦୁତ୍ୱ ରକ୍ଷାକରିବା ସମସ୍ତଙ୍କ କର୍ତ୍ତବ୍ୟ'

**ହିନ୍ଦୁ ସମ୍ମିଳନୀ**

**ସୁନାବେଡ଼ା/ସେମିଳିଗୁଡ଼ା,୨୪।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ ଜିଲା ସେମିଳିଗୁଡ଼ା ସତ୍ୟନଗର ଗାୟତ୍ରୀ ପଡ଼ିଆରେ ଏକ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ସ୍ଥାନୀୟ ମହିଳାମାନେ ଏକ କଳସ ଶୋଭାଯାତ୍ରା କରି ଗଙ୍ଗା ମା' ମନ୍ଦିରରୁ ବାହାରି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ପରେ ଗୀତାଯଜ୍ଞ ଓ ହୋମଯଜ୍ଞ ହୋଇଥିଲା। ସମ୍ମିଳନୀରେ ନବରଙ୍ଗପୁର ବଟା ଗାଁର ବଳ୍କଳଧାରୀ ଅଲେଖ ବାବା ବ୍ରହ୍ମ ଅବଧୂତ ସୌଭାଗ୍ୟ,କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଅଧ୍ୟାପକ ସୀତାନାଥ ରାୟଗୁରୁ ଓ ସୁନାବେଡ଼ା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଉଷାରାଣୀ ଦାସ ଯୋଗଦେଇଥିଲେ। ହିନ୍ଦୁତ୍ୱ ବିନା ସୃଷ୍ଟିର ବାସ୍ତବତା ନାହିଁ। ଏଥିପାଇଁ ହିନ୍ଦୁତ୍ୱର ରକ୍ଷା ସମସ୍ତଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମିଳନୀକୁ ସେମିଳିଗୁଡ଼ା ହିନ୍ଦୁ ସମାଜ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ କୋଟିଆ ଗସ୍ତ ପୂର୍ବରୁ ନାମଫଳକ ଭାଙ୍ଗିଲେ ଆନ୍ଧ୍ର ସମର୍ଥକ

**ପଟ୍ଟାଙ୍ଗି,୨୪।୧(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ରବିବାର ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହାକୁ ଆନ୍ଧ୍ର ପ୍ରଦେଶ ଏଜେଣ୍ଟମାନେ ବିରୋଧ କରି ସୀମାନ୍ତ ଉପରସେମ୍ଭି ଗ୍ରାମରେ ଓଡ଼ିଶା ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ସାଜସଜ୍ଜା ସହ ଭିତ୍ତିପ୍ରସ୍ତର ପାଇଁ ଲଗାଯାଇଥିବା ନାମଫଳକକୁ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢ଼ିଯାଇଛି।

ସୂଚନାନୁଯାୟୀ, ଏହି ଗ୍ରାମରେ ଟିପି ସାର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିଃ ପକ୍ଷରୁ ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନର ଉପସ୍ଥିତିରେ ହେବା ନିୟମ ଥିବାବେଳେ ପ୍ରଶାସନ ବିଦ୍ୟୁତ୍ ବିଭାଗ ଦାୟିତ୍ୱ ଛାଡି ନିଜ ମୁଣ୍ଡରୁ ଖସାଇଦେଇଛି। ଏହାର ସୁଯୋଗ ନେଇ ସୀମାନ୍ତ ଗ୍ରାମରେ ଆନ୍ଧ୍ରର ସମର୍ଥକମାନେ ପ୍ରସ୍ତୁତି ଚାଲିଥିବା ସ୍ଥାନରେ ପହଞ୍ଚି କଡା ବିରୋଧ କରିବା ସହ ଭିତ୍ତିପ୍ରସ୍ତର ନାମଫଳକ ଭାଙ୍ଗିଥିଲେ। ସେମାନେ କାର୍ଯ୍ୟକ୍ରମ ପାଇଁ ଲାଗିଥିବା ଟେଣ୍ଟକୁ ମଧ୍ୟ ଖୋଲିଦେଇଥିଲେ। ଏ ନେଇ ବ୍ଲକ୍ ପ୍ରଶାସନ ପାଖରେ ସୂଚନା ଥିବା ସତ୍ତ୍ୱେ କୌଣସି ଅଧିକାରୀ ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି। ପ୍ରକାଶ ଯେ, ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସରକାର ଦୀର୍ଘ ସମୟ ଧରି କୋଟିଆ ଅଞ୍ଚଳକୁ ଦଖଲ କରିବା ପାଇଁ ନାନା ଉପାୟ କରୁଛନ୍ତି। କେତେବେଳେ ଆନ୍ଧ୍ରର ସରକାରୀ ଯୋଜନାରେ କୋଟିଆବାସୀଙ୍କୁ ସାମିଲ କରି ପ୍ରଲୋଭିତ ଦେଖାଉଛନ୍ତି ତ ପୁଣି କେବେ ଆଧାର କାର୍ଡ ସଂଶୋଧନ ଆଳରେ ସମ୍ପୃକ୍ତ ଅଞ୍ଚଳକୁ ନିଜର ବୋଲି ଦାବି କରୁଛନ୍ତି। ଏଭଳି ସ୍ଥଳେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବ୍ୟବହିତ ପୂର୍ବରୁ ଲୋକ ଲଗାଇ ଭଙ୍ଗାରୁଜା କରିବା ଆନ୍ଧ୍ରର ଏକ ଷଡ଼ଯନ୍ତ୍ରକୁ ଧରାପକାଇ ଦେଇଛି।

# ରାଇଘର ଇଲେଭେନ, ଉମରକୋଟ ଇଲେଭେନ ବିଜୟୀ



ଟୁର୍ନାମେଣ୍ଟରେ ଖେଳାଳିମାନେ ପରସ୍ପର ସହ ହାତ ମିଳାଉଛନ୍ତି।

**ଉମରକୋଟ, ୨୪।୧(ସନ୍ତୋଷ ଶତପଥୀ)**

## ରେଭେନ୍ୟୁ ପ୍ରିମିୟର ଲିଗ୍ ୨୦୨୬ ଦ୍ୱିତୀୟ ଦିନ ଖେଳ

ନବରଙ୍ଗପୁର ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଚାଲିଥିବା ରେଭେନ୍ୟୁ ପ୍ରିମିୟର ଲିଗ୍ ଦ୍ୱତୀୟ ଦିନରେ ୪ ଟିମ ଖେଳିଥିଲେ। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ରାଇଘର ଇଲେଭେନ ବନାମ ଝରିଗାଁ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝରିଗାଁ ପ୍ରଥମ ବ୍ୟାଟିଂ କରି ୧୫ ଓଭର ରେ ୧୦୯ ରନ କରିଥିଲା। ଜବାବରେ ରାଇଘର ୧୪ ଓଭର ରେ ୧୧୦ କରିବା ସହ ବିଜୟ ଲାଭ କରିଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚରେ ଉମରକୋଟ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୪୫ ରନ କରିଥିଲା। ଜବାବରେ ଏସ୍‌ଡିଏମ୍ ଇଲେଭେନ ୧୫ ଓଭରରେ ୧୪୩ ରନ କରିଥିଲା। ଫଳରେ ଉମରକୋଟ ଇଲେଭେନ ୨ ରନରେ ବିଜୟ ଲାଭ କରିଥିଲା। ଏସ୍‌ଡିଏମ୍ ଦଳରେ ସବକଲେକ୍ଟର ପ୍ରକାଶ ମିଶ୍ର ବ୍ୟକ୍ତିଗତ ସ୍କୋର ୪୬ ଓ ତହସିଲଦାର ମେଗବାନ ବାଗ ବ୍ୟକ୍ତିଗତ ସ୍କୋର ୩୩ କରିଥିଲେ। ଫାଇନାଲ ମ୍ୟାଚ୍ ନବରଙ୍ଗପୁର ଷ୍ଟାଡିୟମରେ ଖେଳାଯିବ। ବିଜେତା ଦଳକୁ ୧୦ହଜାର, ଉପବିଜେତାକୁ ୫ ହଜାର ସିରିଜର ସର୍ବୋତ୍ତମ ଖେଳାଳିଙ୍କୁ ହଜାରେ ଟଙ୍କା ପୁରସ୍କାର ଦିଆଯିବା ଯୋଜନା ରହିଛି। ଏହି ଆୟୋଜନ ନବରଙ୍ଗପୁର ରେଭେନ୍ୟୁ ଅଧିକାରୀମାନଙ୍କ ଦ୍ୱାରା କରାଯାଇଛି।

# ସିଟି ହାଇସ୍କୁଲ ବାର୍ଷିକ କ୍ରୀଡ଼ା ପୁରସ୍କାର ବଣ୍ଟନ ଉତ୍ସବ

**ଜୟପୁର,୨୪।୧(ପବନ ପାଣିଗ୍ରାହୀ)**

ଜୟପୁର ସିଟି ହାଇସ୍କୁଲର ବାର୍ଷିକ କ୍ରୀଡା ପୁରସ୍କାର ବଣ୍ଟନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରକାଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। କଠିନ ପରିଶ୍ରମ, ଶୃଙ୍ଖଳା ଓ ସମର୍ପଣ ହେଉଛି ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଫଳତା ପାଇଁ କେବେ ନିରାଶ ହୁଅନାହିଁ ବୋଲି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ତେଲୁଗୁ ସଂସ୍କୃତି ସମିତିର ଅଧ୍ୟକ୍ଷ ବୀରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କର୍ମଚାରୀମାନଙ୍କୁ ଏ.ଶ୍ରୀନିବାସ ରାଓ, କେ.ରାମକୃଷ୍ଣ, ଏସ୍. ଈଶ୍ୱର ରାଓ, ପି.ଶିବ ପ୍ରସାଦ ଉପସ୍ଥିତ ଥିଲେ। ସିଟି ଇଂଲିଶ ମାଧ୍ୟମ ବିଦ୍ୟାଳୟର ପ୍ରଚାର୍ଯ୍ୟ ସୁଧାକର ପଟ୍ଟନାୟକ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜାତା, ସହ ପ୍ରାଚର୍ଯ୍ୟ ସସ୍ମିତା ସାହୁ ଓ ତେଲୁଗୁ ମାଧ୍ୟମ ଏମଇ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଏମ୍.ମାଧବୀ ଛାତ୍ରୀଛାତ୍ରଙ୍କୁ ଖେଳାଳି ମନୋବୃତ୍ତି ରଖିବା ପାଇଁ କହିଥିଲେ। ସିନିୟର ଶିକ୍ଷକ ପ୍ରତାପ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନବମ ଶ୍ରେଣୀ ଛାତ୍ର ସୁରଜ ଖୋସଲା ଓ ଛାତ୍ରୀ ପରୱିନ ଚାମ୍ପିୟନ ପୁରସ୍କାର ପାଇଥିଲେ।

# କାଠପୋଲ ଦେଇ ଯାତାୟାତ କରୁଛନ୍ତି ସିରାଗୁଡ଼ାବାସୀ



ଝରଣା ଉପରେ ନିର୍ମିତ କାଠପୋଲ ।

**କୁନ୍ଦୁରା,୨୪।୧(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଓ ଜୟପୁର ବ୍ଲକ୍ କାଳିଆ ଗାଁ ପଞ୍ଚାୟତ ଅଧୀନ ସିରାଗୁଡ଼ା ଗ୍ରାମବାସୀଙ୍କ ବାଉଁଶ ପୋଲ ଏକମାତ୍ର ଭରସା। କୁନ୍ଦୁରା ଜୟପୁର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାଠାରୁ ୨ କି.ମି. ଦୂର ସିରାଗୁଡା ଗ୍ରାମକୁ ନାହିଁ ଭଲ ରାସ୍ତା ଓ ବ୍ରିଜ୍। ପାରି ହେବା ପାଇଁ ବ୍ରିଜ। ସିରାଗୁଡ଼ାରେ ୧୦୦ ପରିବାର ରହୁଥିବା ବେଳେ ମୁଖ୍ୟ ରାସ୍ତାକୁ ଆସିବା ପାଇଁ ୧୦ କି.ମି. ବୁଲିବାକୁ ପଡ଼େ। ପ୍ରାୟତଃ ସମସ୍ତ ପରିବାର ଚାଷ ଉପରେ ନିର୍ଭର କରୁଛନ୍ତି। ପ୍ରାୟ ଗ୍ରାମବାସୀ ପନିପରିବା ଚାଷ କରି ଗୁଜୁରାଣ ଚଳୁଛନ୍ତି। ପ୍ରାୟ ୩୦ ଫୁଟ ଓସାର ଝରଣା ଏହି ଗ୍ରାମକୁ ବାଧକ ସାଜୁଥିବା ବେଳେ କୌଣସି ନେତା ଓ ମନ୍ତ୍ରୀ ଏହି ଗ୍ରାମ ଉପରେ ନଜର ପକାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଏହି ଗ୍ରାମକୁ ୨ ଟାଣୁଆ ନେତା ଭୁଲି ଯାଇଥିବା ଗ୍ରାମର ଡମ୍ବୁରୁ ଅମନାତ୍ୟ, ବିଶ୍ୱନାଥ ଅମନାତ୍ୟ, ଭଗବାନ ମାଳି, ରଘୁନାଥ ଅମାନତ୍ୟ, ବଳରାମ ଅମାନତ୍ୟ,ଡମ୍ବୁରୁ ମାଳି, ସୋମନାଥ ଅମନାତ୍ୟ,ଦାମୋଦର ଅମନାତ୍ୟ,ଗୋପୀ ହରିଜନ, ଅଘରାମ ହରିଜନ, ମଦନ ହରିଜନ, ସୁରେନ୍ଦ୍ର କୁମାର ପାଢ଼ୀ ଓ ସିନ୍ଧୁ ଅମନାତ୍ୟ ପ୍ରମୁଖ କହିଛନ୍ତି। ଏହି ଗ୍ରାମରେ ଅଧିକ ପନିପରିବା ଚାଷ ହେଉଥିବା ବେଳେ ଚାଷୀଙ୍କୁ ବଜାର କରିବାକୁ ଜୟପୁର ଯିବାକୁ ପଡେ। କିନ୍ତୁ କୁନ୍ଦୁରା ସାପ୍ତାହିକ ହାଟ ଆସିବା ପାଇଁ କାଠ ପୋଲ ଉପରେ ଭରସା କରିବାକୁ ପଡ଼େ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ଚେଷ୍ଟାରେ ନିର୍ମାଣ କାଠ ପୋଲ ଯେତିକି ଭରସା ସେତିକି ଭୟ। ପାଦ ଚଲା ରାସ୍ତା ପାଇଁ ଠିକ୍ ଥିବା ବେଳେ ଏହା ଉପର ଦେଇ ଯାନବାହାନ ଚଳାଚଳ ହେବା ଅସମ୍ଭବ। ଚାଷୀ ଏହି ଝରଣା ଉପର ନିର୍ଭର କରି ଚାଷ କରେ କିନ୍ତୁ କାଠ ପୋଲ ରହିଥିବା ଯୋଗୁଁ ଘରକୁ ନେବା ସମ୍ଭବ ହୋଇ ପାରେନି। ଏହି ଗ୍ରାମ ଜୟପୁର ବ୍ଲକ୍ ସୀମାନ୍ତରେ ଥିବା ଯୋଗୁ ଲୋକ ପ୍ରତିନିଧି ଓ ପ୍ରଶାସନ ଅଣଦେଖା କରୁଥିବା ଗ୍ରାମବାସୀ କହିଛନ୍ତି।

# ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**ମାଲକାନଗିର, ୨୪।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦର ମହକୁମା ଶ୍ରୀରାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀନ୍‌ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସଭାପତି ରବିନ୍ଦ୍ର କୁମାର ମହାରଣା ଯୋଗଦେଇଥିଲେ। ଦିବସର ମହତ୍ୱ ଓ ଉଦ୍ଦେଶ୍ୟ ନେଇ ଛାତ୍ରୀଛାତ୍ରତଙ୍କୁ ଅବଗତ କରିଥିଲେ।୨୦୨୬ ଜାତୀୟ କନ୍ୟା ଦିବସ ପାଳନ ଅବସରରେ ବାଳିକାମାନଙ୍କୁ ସଶକ୍ତିକରଣ କରାଇ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ଅଧିକାରକୁ ସୁରକ୍ଷିତ କରାଯିବା ନେଇ ଆଲୋକପାତ କରିଥିଲେ। ଶିଶୁ ବାଟିକାର ଛାତ୍ରୀଛାତ୍ର ଓଡ଼ିଆ ଘରୁ ଲୁପ୍ତ ହୋଇଯାଉଥିବା ହୁଳହୁଳି ଓ ଶଙ୍ଖନାଦ ଅଭ୍ୟାସ କରାଇଥିଲେ। ଶିଶୁ ବାଟିକାର ଗୁରୁମା କମଳା ଖିଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜି, ଗୁରୁମା ସହଯୋଗ କରିଥିଲେ।





Safeguarding Seas for a Viksit Samriddha Bharat



JOIN AS SHORT SERVICE COMMISSION OFFICERS FOR VARIOUS ENTRIES
COURSE COMMENCING - JAN 2027 (ST 27)

Online applications are invited from unmarried men & women candidates for Short Service Commission Course in Executive, Education and Technical Branches at Indian Naval Academy (INA), Ezhimala, Kerala.

| Branch/Cadre | Vacancies* | Gender |
|---|---|---|
| Executive Branch {GS (X) / Hydro Cadre} | 76 (including 06 Hydro) | Men and Women (maximum of 10 Vacancies in GS (X) and 01 Vacancy in Hydro for women) |
| Pilot | 25 | Men and Women (maximum of 03 vacancies for women) |
| Naval Air Operations Officer (Observers) | 20 | Men and Women (maximum of 03 vacancies for women) |
| Air Traffic Controller (ATC) | 18 | Men and Women |
| Logistics | 10 | Men and Women (maximum of 01 vacancy for women) |
| Education | 15 | Men and Women |
| Engineering Branch {General Service (GS)} | 42 | Men and Women (maximum of 07 vacancies for women) |
| Submarine Tech Engineering | 08 | Only for Men |
| Electrical Branch {General Service (GS)} | 38 | Men and Women (maximum of 07 vacancies for women) |
| Submarine Tech Electrical | 08 | Only for Men |

*These vacancies are tentative and may be changed depending on availability of training slots.

DATE OF OPENING - 24 JAN 2026/ LAST DATE FOR ONLINE APPLICATION - 24 FEB 2026

For eligibility criteria and details visit www.joinindiannavy.gov.in
Employment News Dated 24th January 2025



Scan this QR Code to Apply Online



CBC 10701/13/0019/2526

# ସେବାରେ ଆନନ୍ଦ

କେତେବେଳେ ଅସହାୟଙ୍କୁ ସହଯୋଗର ହାତ ବଢ଼ାଇବା ଲାଗି ତ ଆଉ କେବେ ବିଭିନ୍ନ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ସେମାନେ ସର୍ବଦା ତତ୍ପର। ଏଭଳି ସମାଜଧର୍ମୀ କାମ ପାଇଁ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା କେତେଜଣ ଯୁବତୀଯୁବକଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା ...

## ରାଜ୍ୟ ମଦମୁକ୍ତ ନ ହେବା ଯାଏ ପିନ୍ଧିବିନି ଚପଲ:

**ଢେ**ଙ୍କାନାଳ ଜିଲା ଓଡାପଡା ବ୍ଲକ ବଳରାମପୁର ଗ୍ରାମର ସୁଷମା ଓ ପିତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଧଳଙ୍କର ପୁଅ ଜୟନ୍ତ କୁମାର। ଜଣେ ପ୍ରମୁଖ ଯୁବ ସମାଜସେବୀ ଭାବରେ ଜିଲାରେ ତାଙ୍କର ଏକ ନିଆରା ପରିଚୟ ରହିଛି। ଗ୍ରାମ ସମେତ ଢେଙ୍କାନାଳ ଜିଲା ଏବଂ ନିଜ ରାଜ୍ୟ ମଦମୁକ୍ତ ନ ହେବା ପର୍ଯ୍ୟନ୍ତ ସେ ଚପଲ ପିନ୍ଧିବେନି ବୋଲି ବଜ୍ର ଶପଥ ନେଇଛନ୍ତି। ସେ କୁହନ୍ତି, ୨୦୧୫ ମସିହାରେ ବଳରାମପୁର ଗ୍ରାମରେ ଏକ ମଦ କମ୍ପାନୀ କାର୍ଯ୍ୟ ଆରମ୍ଭ ହେଉଥିଲା। ଏହାକୁ ବନ୍ଦ କରିବା ପାଇଁ ବାରମ୍ବାର ସରକାରୀ ଅଫିସ୍ ଧାଉଁଥିଲି। ସେଠାରେ ମୋତେ ଜଣେ କର୍ମଚାରୀ ହସି ହସି କହିଥିଲେ ତୁମେ ଏଠାକୁ ଆସି ଆସି





ଚପଲ ଛିଣ୍ଡିଗଲେ ବି ମଦ କମ୍ପାନି ବନ୍ଦ ହେବ ନାହିଁ। ସେହିଦିନଠୁ ନିଜ ଅଞ୍ଚଳକୁ ମଦମୁକ୍ତ ନ କରିବା ଯାଏ ଚପଲ ନ ପିନ୍ଧିବାର ନିଷ୍ପତ୍ତି ନେଲି। ଏଥିପାଇଁ ଅନେକଙ୍କ ସହ ସତ୍ରୁତା ସହ ଜୀବନ ପ୍ରତି ବିପଦ ମଧ୍ୟ ବଢିଲା। ତଥାପି ହାର ନ ମାନି ଗ୍ରାମବାସୀଙ୍କ ସମେତ ବିଶେଷକରି ମହିଳାମାନଙ୍କୁ ଏକାଠି କରି ମଦ କମ୍ପାନୀ ବିରୋଧରେ ସ୍ୱର ଉଠାଇଥିଲି ଏବଂ ସଫଳ ମଧ୍ୟ ହେଲି। ଯଦିଓ ଉକ୍ତ ସ୍ଥାନରେ ମଦ ବ୍ୟବସାୟ ରହିଗଲା ହେଲେ ଏବେବି ରାଜ୍ୟରେ ଅନେକ ଲୋକକଙ୍କର ମଦ ପିଇବା ଯୋଗୁ ଜୀବନ ଯାଉଛି। ତେଣୁ ଏଦିଗରେ ଜନସାଧାରଣଙ୍କୁ ସଚେତନ କରିବା ସହ ଅଧିକରୁ ଅଧିକ ସ୍ଥାନକୁ ମଦମୁକ୍ତ କରିବାକୁ ଉଦ୍ୟମ ଚଳାଇଛି।' ତାଙ୍କର ଏହି ମହତ୍ ପ୍ରୟାସ ଦେଖି ଅନେକେ ସହଯୋଗର ହାତ ମଧ୍ୟ ବଢାଇଛନ୍ତି। ଥରେ ଜାଗାବାଡି ବିବାଦକୁ ନେଇ ଗ୍ରାମରେ କିଛି ମୁଷ୍ଟିମେୟ ଲୋକଙ୍କ ଚକ୍ରାନ୍ତରେ ତାଙ୍କୁ ବାସନ୍ଦ କରାଯାଇଥିଲା ସେ ମାଓବାଦୀ ହେବା ପାଇଁ ଚିନ୍ତା କରିଥିଲେ। ହେଲେ ତତ୍କାଳୀନ ଓଡାପଡା ତହସିଲଦାର ବିନୋଦ ଜେନା ତାଙ୍କୁ ନ ରାଗି ସମାଜସେବାରେ ସଭିଙ୍କ ହୃଦୟ ଜିତିବାକୁ ପ୍ରେରଣା ଦେଇଥିଲେ। ସେବେଠୁ ସେ ଲୋକଙ୍କ ଦୁଃଖରେ ଦୁଃଖୀ ହୋଇ ସମସ୍ତଙ୍କୁ ସହଯୋଗର ହାତ ବଢାଇଥିଲେ ଓ ଗ୍ରାମବାସୀଙ୍କ ମନ ଜିଣିଥିଲେ ଏବଂ ତାଙ୍କ ଉପରୁ ବାସନ୍ଦ ଉଠିଥିଲା। ସେବେଠୁ ଅନ୍ୟର ବିପଦ ଆପଦରେ ରାତିଦିନ ଏକାକରି ଦିଅନ୍ତି ଜୟନ୍ତ। ସେଥିପାଇଁ ସେ ବହୁ ଅନୁଷ୍ଠାନ ତରଫରୁ ପ୍ରଶଂସିତ ଓ ପୁରସ୍କୃତ ମଧ୍ୟ ହୋଇଛନ୍ତି। ସେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଏହାର ସଂରକ୍ଷଣ ଦିଗରେ ବିଶେଷ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଖରାଦିନେ ଜଙ୍ଗଲରେ ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର ବ୍ୟବସ୍ଥା କରିବା ଭଳି ବିଭିନ୍ନ ପଦକ୍ଷେପ ନେଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ରାତିରେ ଉପବାସରେ ନ ଶୁଅନ୍ତୁ ଅସହାୟ ଲୋକେ



ରୋଜଗାର ଅର୍ଥ କେବଳ ନିଜ ପାଇଁ ଖର୍ଚ୍ଚ ନ କରି ଯଦି ସେଥିରୁ କିଛି ଅସହାୟଙ୍କ କାମରେ ଆସିପାରେ, ତେବେ ଶ୍ରମ ସାର୍ଥକ ହୋଇଯାଏ ବୋଲି ସେ ହୃଦୟଙ୍ଗମ କରିଛନ୍ତି। ଯେଉଁଥିପାଇଁ ପ୍ରତିଦିନ ସେ ରାତିରେ ବୁଲି ବୁଲି ଲୋକଙ୍କୁ ଏକ ଟଙ୍କାରେ ଚା, ବିସ୍କୁଟ୍ ଏବଂ ମଶାଧୂପ ଯୋଗାଇ ଦେବାର ଏକ ନିଆରା ପଦକ୍ଷେପ ନେଇଛନ୍ତି। ସେ ହେଉଛନ୍ତି କେନ୍ଦ୍ରାପଡ଼ା, ଆଳିର ଗୋବିନ୍ଦପୁର ଗ୍ରାମର ତନୁଜା ଏବଂ ପବିତ୍ର ସାମଲଙ୍କ ପୁଅ ପ୍ରିୟ ରଞ୍ଜନ। ବର୍ତ୍ତମାନ ଝାଡ଼ପଡ଼ା ଜଗନ୍ନାଥ ନଗର ଅଞ୍ଚଳରେ ଯୁବ ସମାଜସେବୀ ପ୍ରେମ ଭାଇ ଭାବେ ସେ ବେଶ୍ ପରିଚିତ। ସେ କୁହନ୍ତି, ଇଂଜିନିୟରିଂ ପଢ଼ିବା ପରେ ମନମୁତାବକ ଚାକିରି ନ ପାଇବାରୁ ଭୁବନେଶ୍ୱରରେ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲି ଏବଂ ଏକ ଗାର୍ମେଣ୍ଟ ଦୋକାନ ଆରମ୍ଭ କଲି। ରାତିରେ ଘରକୁ ଫେରିବା ବେଳେ ଅନେକ ଲୋକଙ୍କୁ ଭୋକରେ ରହୁଥିବାର ଦେଖୁଥିଲି। ଧନୀ ଲୋକମାନେ ଦାମୀ ସିଗାରେଟ୍ ଟାଣି ଟଙ୍କାକୁ ଧୂଆଁରେ ଉଡ଼ାଇ ଦେଉଥିବା ବେଳେ ଅନେକ ଲୋକ ୧୦ଟଙ୍କା ଖର୍ଚ୍ଚକରି ଚା' କପେ ପିଇବାକୁ ପାଉ ନ ଥିବା ଦେଖି ମନ ବ୍ୟାକୁଳ ହୋଇ ଉଠୁଥିଲା। ତେଣୁ ସେମାନଙ୍କୁ ମାତ୍ର ଏକ ଟଙ୍କାରେ ଚା, ବିସ୍କୁଟ୍ ଯୋଗାଇ ଦେବାର ଆଇଡିଆ ଆସିଥିଲା। ଏଣୁ ପ୍ରତିଦିନ ରାତିରେ ୪୦-୫୦ ଜଣଙ୍କୁ ଏହା ଯୋଗାଇଦେଲି। ବ୍ୟବସାୟ ପାଇଁ ଅଧିକ ଲୋନ ଥିବାରୁ ପ୍ରଥମେ ପ୍ରଥମେ ଏକଥା ଘରେ ଜଣାଇ ନ ଥିଲି। ଏଥିପାଇଁ ଖର୍ଚ୍ଚ ବଢୁଥିଲେ ବି ଲୋକଙ୍କ ମୁହଁରେ ଖୁସି ମୋତେ ଆନନ୍ଦ ଦେଉଥିଲା। ଏକଥା ଜାଣିବା ପରେ ଯଦିଓ ଘରେ ବିରୋଧ କରିଥିଲେ, ହେଲେ ପରେ ଏହାଦ୍ୱାରା ଲୋକେ ଉପକୃତ ହେଉଥିବା ଜାଣି ମାଆ ନିଜେ ମୋତେ ରାତିରେ ଚା' କରି ଦେଲେ। ବର୍ତ୍ତମାନ ପ୍ରତିଦିନ ରାତିରେ ପ୍ରାୟ ୩୦୦-୪୦୦ ଜଣଙ୍କୁ ଏକ ଟଙ୍କାରେ ଚା, ବିସ୍କୁଟ୍ ଏବଂ ମଶାଧୂପ ଯୋଗାଇ ଦେଉଛି। ତେବେ ଡାକ୍ତରଖାନାରେ ରୋଗୀଙ୍କ ପାଖରେ ରହୁଥିବା ଆଟେଣ୍ଡାଣ୍ଟ, ବସ୍, ଟ୍ରକ ଡ୍ରାଇଭର, ଡେଲିଭରୀ ବଏ, ରିକ୍ସାବାଲାଙ୍କ ଭଳି ଯେଉଁମାନଙ୍କୁ ବାସ୍ତବରେ ଏହାର ଆବଶ୍ୟକତା ରହିଛି, ସେମାନଙ୍କୁ ହିଁ ଏହା ଯୋଗାଇ ଦେଉଛି। ମାତ୍ର କେଇ ଟଙ୍କା ଯୋଗୁ କେହି ଯେମିତି ଉପବାସରେ ନ ରୁହନ୍ତୁ, ତାହା ମୋର ଏକମାତ୍ର ଉଦ୍ଦେଶ୍ୟ। କେବଳ ଏତିକି ନୁହେଁ, ପ୍ରତିଦିନ ଏକ ଲିଟର ପେଟ୍ରୋଲ ଏବଂ ଏକ ଲିଟର ଡିଜେଲ୍ ମଧ୍ୟ ପାଖରେ ରଖିଥାଏ। ତେଲ ସରିଯିବା ପରେ ରାତିରେ ଗାଡ଼ି ଗଡ଼େଇ ଗଡ଼େଇ ଯାଉଥିବା ଲୋକଙ୍କୁ ଏକ ଟଙ୍କାରେ ଏକ ଲିଟର ପେଟ୍ରୋଲ, ଡିଜେଲ୍ ଯୋଗାଇ ଦେଇଥାଏ। ଏଥିରେ ଖୁସି ହୋଇ କେହି ଅଧିକ ଟଙ୍କା ଯାଚିଲେ ତାହାକୁ ନ ନେଇ ସେହି ଟଙ୍କାରେ କୌଣସି ଅସହାୟଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦିଏ। ପ୍ରତିଦିନ ଏକ ଟଙ୍କା ଲେଖାଏଁ ହିସାବରେ ଯେତିକି ଟଙ୍କା ମିଳିଥାଏ, ତାକୁ ଲୋଭ ନ କରି ଜଗନ୍ନାଥଙ୍କ ହୁଣ୍ଡିରେ ପକାଇଦିଏ। କାରଣ ମହାପ୍ରଭୁଙ୍କ ଆଶୀର୍ବାଦରୁ ନିଜେ ରୋଜଗାର କରି ପରିବାର ଚଳାଇ ପାରିବା ସହ ଅନ୍ୟମାନଙ୍କୁ କିଛି ସାହାଯ୍ୟ କରିବାରେ ଯେଉଁ ଆତ୍ମସନ୍ତୋଷ ମିଳୁଛି ତାହା ଅବର୍ଣ୍ଣନୀୟ।



## ସଚେତନ କରାଇବା ଲକ୍ଷ୍ୟ



**ସ**ମସ୍ତ ସାମାଜିକ ପ୍ରତିବନ୍ଧକ ଓ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି, ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଢେଙ୍କାନାଳ ଜିଲା କାବେରା ପଞ୍ଚାୟତ ଦଧିସିଂଗା ଗ୍ରାମର ରଞ୍ଜିତା ଏବଂ ବିଷ୍ଣୁ ଚରଣ ସାହୁଙ୍କ ଝିଅ ଅଙ୍କିତା। ନିଜସ୍ୱ ତଥା ସଂଗୃହୀତ ପାଣ୍ଠି ସହାୟତାରେ ମହିଳାଙ୍କୁ ଋତୁସ୍ରାବ ସମୟରେ ସାନିଟାରୀ ନାପ୍‌କିନ୍ ବଣ୍ଟନ କରିବା ସହ ଏ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା ସୁରକ୍ଷା ଦୃଷ୍ଟିରୁ କେତେ ଆବଶ୍ୟକ ସେ ଦିଗରେ ସଚେତନତା ସୃଷ୍ଟି କରି, ରାଜ୍ୟରେ 'ପ୍ୟାଡ ଓମେନ୍' ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେ କୁହନ୍ତି, ''ମହିଳାଙ୍କ ପାଇଁ ଋତୁସ୍ରାବ ଏକ ଚିନ୍ତାର ବିଷୟ। ଖାସ୍‌କରି କିଶୋରୀମାନେ ଏ ସମୟରେ ସ୍ୱଚ୍ଛତାକୁ ନେଇ ବେଶ୍ ଅସହଜ ମନେକରନ୍ତି। ଆଜି ବି ଗ୍ରାମାଞ୍ଚଳରେ ଯୁବତୀ ଓ ମହିଳାମାନେ ଋତୁସ୍ରାବ ସମୟରେ ସାନିଟାରୀ ନାପକିନ୍ ବଦଳରେ କପଡ଼ା ବ୍ୟବହାର କରିଥା'ନ୍ତି। ଯଦ୍ୱାରା ସେମାନେ ନାନା ରୋଗରେ ଆକ୍ରାନ୍ତ ହୁଅନ୍ତି। ଆଉ ଏଭଳି ସମସ୍ୟା ସହ ଯୁଝୁଥିବା ଯୁବତୀ ଓ ମହିଳାଙ୍କୁ ଏ ଦିଗରେ ସଚେତନ କରାଇବା ମୋର ଏକମାତ୍ର ଲକ୍ଷ୍ୟ। ତେଣୁ ପ୍ରଥମେ ଢେଙ୍କାନାଳର କୋଲା ଗାଁକୁ ଯାଇ ସରପଞ୍ଚଙ୍କ ସହ କଥା ହୋଇ ସେଠାକାର ମହିଳାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବାକୁ ଚାହିଁଲି। ଏକ ସଭାର ଆୟୋଜନ ମଧ୍ୟ ହେଲା। କିନ୍ତୁ ମୁଁ ଋତୁସ୍ରାବ ଓ ସ୍ୱଚ୍ଛତାକୁ ନେଇ କହିବା ଆରମ୍ଭ କରିବା ମାତ୍ରେ ଝିଅବୋହୂଙ୍କୁ ସାଙ୍ଗରେ ନେଇ ପହଞ୍ଚିଥିବା କିଛି ମହିଳା ସଭାସ୍ଥଳ ଛାଡ଼ିଚାଲିଗଲେ। ତେଣୁ ଆଦିବାସୀ ପରିବାର ପାଇଁ କାମ କରିବା ସତରେ ଅଙ୍କିତାଙ୍କ ପାଇଁ ସହଜ ନ ଥିଲା। ହେଲେ ଆଶା ନ ହରାଇ ସବୁବେଳେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକଲି ଏବଂ ସଫଳ ମଧ୍ୟ ହେଲି। ବର୍ତ୍ତମାନ ଢେଙ୍କାନାଳ ସମେତ କୋରାପୁଟ, ଯାଜପୁର, ସମ୍ବଲପୁର, ଅନୁଗୋଳ, ଖୋର୍ଦ୍ଧା, କଟକ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, ନୟାଗଡ଼, ପୁରୀ ଆଦି ଜିଲାର ବିଭିନ୍ନ ସ୍ଥାନରେ ଯୁବତୀ ଓ ମହିଳାମାନଙ୍କୁ ନାପକିନ୍ ଯୋଗାଇ ଦେଉଛି। ଏହା ମୋ ମାସିକ ଘର ଖର୍ଚ୍ଚର ଏକ ଅଂଶ। କିଛି ପଦକ୍ଷେପ ନେବାର ଅର୍ଥ ମାସେ କି ବର୍ଷକ ପାଇଁ ନୁହେଁ। ଏହା ଜୀବନଯାକର ପ୍ରତିଶ୍ରୁତି। ମୋ ପରିବାର ଏବଂ କେତେଜଣ ବନ୍ଧୁ ମଧ୍ୟ ଏଥିପାଇଁ ମୋତେ ସାହାଯ୍ୟ କରୁଥିବାରୁ ମୋତେ ଖୁବ୍ ଖୁସି ଲାଗୁଛି।'' ବର୍ତ୍ତମାନ ସୁଦ୍ଧା ଅଙ୍କିତା ଶହେରୁ ଉର୍ଦ୍ଧ୍ୱ ଗାଁରେ ୭୫ ହଜାରରୁ ଅଧିକ ନାପକିନ୍ ବଣ୍ଟନ କରିସାରିଛନ୍ତି। ତାଙ୍କର ଏଭଳି ସେବା ମନୋବୃତ୍ତି ପାଇଁ ସେ ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି। ଭବିଷ୍ୟତରେ ନାରୀ ସଶକ୍ତୀକରଣ କ୍ଷେତ୍ରରେ ସେ ଅଧିକରୁ ଅଧିକ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।



– **ପୌର୍ଣ୍ଣମାସୀ**
ସହାୟତା– **ରତନ ନାୟାର**

# ଗଣତନ୍ତ୍ର ଦିବସ, କିଛି କଥା

**ଜାଣନ୍ତୁ ଦୁନିଆ**

**ଆସନ୍ତାକାଲି ଆମ ଦେଶ ଏହାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି। ତେବେ ଏହି ଦିବସ କେବେଠାରୁ, କିପରି ଆରମ୍ଭ ହେଲା ଏବଂ କାହିଁକି ପାଳନ କରାଯାଉଛି ଜାଣିବା ଏ ସମ୍ପର୍କରେ କିଛି କଥା...**



➤ ୧୯୩୦ ମସିହା ଜାନୁଆରୀ ୨୬ରେ ଭାରତୀୟ କଂଗ୍ରେସ ଇଂରେଜମାନଙ୍କଠାରୁ ଭାରତକୁ ଅଲଗା କରି ପୂର୍ଣ୍ଣ ସ୍ୱରାଜ କରିବାର ନିଷ୍ପତ୍ତି ନେଇଥିଲେ। ସେବେଠୁ ୧୭ ବର୍ଷ ପର୍ଯ୍ୟନ୍ତ ଏହିଦିନକୁ ସ୍ୱତନ୍ତ୍ରତା ଦିବସ ଭାବେ ପାଳନ କରାଯାଉଥିଲା। କିନ୍ତୁ ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତା ହାସଲ କରିବା ପରେ ଜାନୁଆରୀ ୨୬ ବଦଳରେ ଏହିଦିନକୁ ସ୍ୱାଧୀନତା ଦିବସ ଭାବେ ପାଳନ କରାଗଲା। ହେଲେ ସେପର୍ଯ୍ୟନ୍ତ ଭାରତ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇ ନ ଥିଲା। ଡ. ବି.ଆର୍. ଆମ୍ବେଦକରଙ୍କ ନେତୃତ୍ୱରେ ୨ ବର୍ଷ ୧୧ମାସ ୧୮ ଦିନ ଧରି ଭାରତୀୟ ସମ୍ବିଧାନ ଲେଖା ସରିବା ପରେ ୧୯୫୦ ମସିହା ଜାନୁଆରୀ ୨୬ରେ ଭାରତର ପ୍ରଥମଥର ସମ୍ବିଧାନ ପ୍ରଣୟନ କରାଗଲା ଏବଂ ପୂର୍ଣ୍ଣ ଗଣତନ୍ତ୍ର ରାଷ୍ଟ୍ର ଭାବେ ଘୋଷଣା କରାଗଲା। ସେବେଠୁ ପ୍ରତିବର୍ଷ ଏହିଦିନ ଗଣତନ୍ତ୍ର ଦିବସ ବା ସାଧାରଣତନ୍ତ୍ର ଦିବସକୁ ରାଷ୍ଟ୍ରୀୟ ପର୍ବ ଭାବେ ପାଳନ କରାଯାଉଛି।

➤ ପ୍ରଥମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଡ. ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ସର୍ବପ୍ରଥମେ ଦିଲ୍ଲୀ ରାଜପଥରେ ପତାକା ଉତ୍ତୋଳନ କରିଥିଲେ। ପରେ ଜାତୀୟ ସଂଗୀତ ଗାନ, ପରେଡ ସହ ୨୧ ତୋପ ସଲାମି ଦିଆଯାଇଥିଲା।

➤ ପ୍ରଥମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

➤ ୧୯୫୦ରୁ ୧୯୫୪ ପର୍ଯ୍ୟନ୍ତ ଇରାୱିନ୍ ଷ୍ଟାଡିୟମ (ଯାହାକି ବର୍ତ୍ତମାନ ନ୍ୟାଶନାଲ୍ ଷ୍ଟାଡିୟମ ନାମରେ ପରିଚିତ), ଲାଲ୍‌କିଲା ଏବଂ ରାମଲୀଳା ମଇଦାନରେ ଗଣତନ୍ତ୍ର ଦିବସ ପାଳନ କରାଯାଉଥିଲା।

➤ ୧୯୫୫ରୁ ଦିଲ୍ଲୀ ରାଜପଥଠାରେ ଏହି ଜାତୀୟ ଉତ୍ସବ ପ୍ରତିବର୍ଷ ପାଳନ କରାଯାଉଛି। ପ୍ରଥମଥର ରାଜପଥରେ ଆୟୋଜିତ ଏହି ଉତ୍ସବରେ ପାକିସ୍ତାନର ପ୍ରଥମ ଗଭର୍ନର ଜେନେରାଲ୍ ମାଲିକ ଗୁଲାମ ମହମ୍ମଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



➤ ଗଣତନ୍ତ୍ର ଦିବସ ସମାରୋହରେ ପ୍ରଥମେ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥାଏ। ଏହାପରେ ଜାତୀୟ ସଂଗୀତ ଗାନ, ପରେଡ୍ ଏବଂ ୨୧ ତୋପ ସଲାମି ଦିଆଯାଇଥାଏ। ୧୯୫୦ ମସିହାରୁ ପ୍ରତିବର୍ଷ ଏହିଦିନ କୌଣସି ବିଦେଶୀ ରାଷ୍ଟ୍ରାଧକ୍ଷଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥାଏ।

➤ ଗଣତନ୍ତ୍ର ଦିବସ ପରେଡ୍ ସମୟରେ 'ଏବାଇଡ୍ ୱିଥ୍ ମି' ନାମକ ଏକ ଇଶାଇ ଭଜନ ବଜାଯାଇଥାଏ, ଯାହାକୁ ଶୁଣିବାକୁ ମହାତ୍ମା ଗାନ୍ଧୀ ଖୁବ୍ ପସନ୍ଦ କରୁଥିଲେ।

➤ ଏହିଦିନ ପରମବୀର ଚକ୍ର, ମହାବୀର ଚକ୍ର ଭଳି ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧– କମଳା ହାଇଡ୍ରୋଇଲେକ୍‌ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୨– ନ୍ୟାଶନାଲ୍ ଅଲିମ୍ପିକ୍ ଏଜୁକେଶନ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ ............ ପକ୍ଷରୁ ଆରମ୍ଭ କରାଯାଇଛି ?
୩– ଦି ଭ୍ୟାଲି ଅଫ୍ ଫ୍ଲାୱାର୍ସ ନ୍ୟାଶନାଲ୍ ପାର୍କ ............ ରାଜ୍ୟରେ ଅବସ୍ଥିତ ?
୪– 'ସତ୍ୟମେବ ଜୟତେ' ..........ଉପନିଷଦରୁ ଉଦ୍ଧୃତ ?
୫– I4Cର ଫୁଲ୍‌ଫର୍ମ ................ ?

## ଗତ ଥରର ଉତ୍ତର

୧ ତାମିଲନାଡୁ
୨ ଭୁଟାନ୍
୩ ମିନିଷ୍ଟ୍ରି ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି
୪ ନ୍ୟାଶନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ
୫ କର୍ଣ୍ଣାଟକ

## ଉତ୍ତରଦାତା



ପ୍ରଳୟ ବିଶ୍ୱାଳ, ଜଗତ୍‌ସିଂହପୁର



ଦିନେଶ କୁମାର ନାୟକ, ଖୋର୍ଦ୍ଧା



ଶେଖ୍ ୟାକୁବ୍ ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

**ପୃଥିବୀର ସର୍ବାଧିକ ମୁଦ୍ରା (ଭାରତୀୟ ଟଙ୍କାରେ)–୨୦୨୬**

| | | |
|---|---|---|
| ୧. | କୁଏତ୍‌ର ଦିନାର୍ | ୨୯୩.୪୬ ଟଙ୍କା |
| ୨. | ବାହାରେନି ଦିନାର | ୨୩୯.୨୮ ଟଙ୍କା |
| ୩. | ଓମାନି ରିଆଲ୍ | ୨୩୪.୫୪ ଟଙ୍କା |
| ୪. | ଜୋର୍ଡାନିଆନ୍ ଦିନାର୍ | ୧୨୭.୧୯ ଟଙ୍କା |
| ୫. | ଜିବ୍ରାଲ୍‌ଟାର୍ ପାଉଣ୍ଡ | ୧୨୧.୩୧ ଟଙ୍କା |
| ୬. | ବ୍ରିଟିଶ୍ ପାଉଣ୍ଡ | ୧୨୧.୩୧ ଟଙ୍କା |
| ୭. | ସ୍ୱିସ୍ ଫ୍ରାଙ୍କ୍ | ୧୧୩. ୭୪ ଟଙ୍କା |
| ୮. | କେମ୍ବ୍ରାନ୍ ଆଇସ୍‌ଲାଣ୍ଡ ଡଲାର | ୧୦୮.୨୨ ଟଙ୍କା |
| ୯. | ୟୁରୋ | ୧୦୫.୭୩ ଟଙ୍କା |
| ୧୦. | ୟୁନାଇଟେଡ୍ ଷ୍ଟେଟ୍ସ ଡଲାର | ୯୨ ଟଙ୍କା |

## ୟୁଥ୍ ଆଲର୍ଟ

# ୱାକ୍ସିଂ କରାଉଥିଲେ...

**ବର୍ତ୍ତମାନ ଅନେକ ଯୁବତୀଯୁବକ ଆଟ୍ରାକ୍ଟିଭ୍ ଲୁକ୍ ପାଇବା ପାଇଁ ନା କେବଳ ଭଳିକି ଭଳି ଆଉଟ୍‌ଫିଟ୍ ବାଛୁଛନ୍ତି ନା ବ୍ୟୁଟିପାର୍ଲର ଯାଇ ଫେସିଆଲ୍ କରାଉଛନ୍ତି ବରଂ ତ୍ୱଚାକୁ ଚିକ୍କଣ ଓ ସୁନ୍ଦର କରିବା ଲାଗି ୱାକ୍ସିଂ କରାଇବାକୁ ବି ପଛାଉନାହାନ୍ତି। ହେଲେ ଆପଣ ଜାଣନ୍ତି କି, କେବେକେବେ ଏଥିପାଇଁ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ବି ଦେଖାଯାଇଥାଏ। ତେଣୁ ୱାକ୍ସିଂ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ...**



➔ ଆମ ଶରୀରର ଉପର ଚର୍ମ ବା ଏପିଡର୍ମାଲ୍ ଲେୟାର ବହୁତ ପତଳା ଏବଂ ସମ୍ବେଦନଶୀଳ। ତେଣୁ ସୌନ୍ଦର୍ଯ୍ୟ ବୃଦ୍ଧି ଆଳରେ ୱାକ୍ସିଂ କରିବା ବା ତ୍ୱଚାକୁ ସୁରକ୍ଷା ଦେବା ଲାଗି ଥିବା ଲୋମକୁ ଉପାଡ଼ିଦେବା ଦ୍ୱାରା ଏହାର କୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଯଥାସମ୍ଭବ ଏଥିରୁ ଦୂରେଇ ରୁହନ୍ତୁ।

➔ ବିଶେଷକରି କେମିକାଲ୍‌ଯୁକ୍ତ ୱାକ୍ସିଂ କ୍ରିମ୍‌ରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ। ଏହାଦ୍ୱାରା ଆଲର୍ଜି ହୋଇ ଲାଲ୍‌ପଡ଼ିବା, ଫଳିଯିବା, କୁଣ୍ଡେଇହେବା, ଜଳାପୋଡ଼ା ହେବା ଭଳି ସମସ୍ୟା ଉପୁଜିଥାଏ। ତେଣୁ କେମିକାଲ ଫ୍ରି ହର୍ବାଲ ପ୍ରଡକ୍ଟ ବ୍ୟବହାର କରନ୍ତୁ। ଯଦି ୱାକ୍ସିଂ କରିବା ପରେ ଉକ୍ତ ସ୍ଥାନ ଲାଲ୍ ପଡ଼ିଯାଏ, ତେବେ ଏହାକୁ ରୋକିବା ଲାଗି ଆଲୋଭେରା ଜେଲ୍ ଲଗେଇପାରିବେ। ଏହାଦ୍ୱାରା ଆପଣ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଇପାରିବେ।

➔ ୱାକ୍ସିଂ କରିବା ପରେ ଆଦୌ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ ନାହିଁ। ପରେ ବି ବାହାରକୁ ଯିବା ବେଳେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ ଏବଂ ଯଥାସମ୍ଭବ ମୁହଁ, ହାତ ଆଦି ଏକ୍ସପୋଜ୍ ପାର୍ଟକୁ ଘୋଡ଼ାଇ ରଖିବାକୁ ଚେଷ୍ଟା କରନ୍ତୁ।

➔ ୱାକ୍ସିଂ କରିବା ପରେ କେବେକେବେ ତ୍ୱଚା କୁଣ୍ଡେଇ ହୁଏ। କେବେକେବେ ଜଳାପୋଡ଼ା ବି ହୋଇଥାଏ। ଏପରି ହେଲେ ତୁରନ୍ତ ଥଣ୍ଡା ପାଣିରେ ଧୋଇଦେବା ଭଲ। ନଚେତ୍ ୧୫–୨୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖିଲେ କିମ୍ବା ଉକ୍ତ ସ୍ଥାନରେ ମଶ୍ଚରାଇଜର୍ ଲଗାଇଲେ କଷ୍ଟ କମ୍ ହୋଇଥାଏ। ହେଲେ ଯଦି ଏହା ୨୪ ଘଣ୍ଟାରୁ ଅଧିକ ସମୟ ଧରି ହୁଏ, ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ମେଡିସିନ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଅଏଣ୍ଟମେଣ୍ଟ ଆଦି ଲଗେଇପାରିବେ।

# ଲୋନ୍ କରାଇଦେବାକୁ କହି ୩ କୋଟି ଠକେଇ

ଉଦଳା,(ସନ୍ତୋଷ କୁମାର ବାଛିନୀ)/ ଭୁବନେଶ୍ୱର,୨୪।୧(ତ୍ରିନାଥ ମହାନ୍ତି)

**ଭୁବନେଶ୍ୱରରୁ ମହିଳାଙ୍କୁ ଗିରଫ କଲା କପ୍ତିପଦା ପୋଲିସ**

- ଠକେଇ ଟଙ୍କାରେ ଦାମୀ ଗାଡ଼ି, ଅୟସ ଜୀବନ ବିତାଉଥିଲେ
- ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳକୁ ଲମ୍ୱିଛି ଠକେଇ ନେଟ୍‌ୱର୍କ

ନିଜକୁ ଶ୍ରମ ବିଭାଗର ଅଧିକାରିଣୀ ପରିଚୟ ଦେଇ ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ଋଣ କରାଇଦେବାକୁ କହି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲା ଓ ଉପାନ୍ତ ଅଞ୍ଚଳରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ମୟୂରଭଞ୍ଜ ଜିଲା କପ୍ତିପଦା ଥାନାରେ ଅଭିଯୋଗ ପରେ ମହିଳା ଜଣକ ଫେରାର ହୋଇଯାଇଥିଲେ। ବହୁ ଲୁଚକାଳି ପରେ ଶେଷରେ ପୋଲିସ ଅଭିଯୁକ୍ତା ମହିଳାଙ୍କୁ ଭୁବନେଶ୍ୱର ହଂସପାଳରୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ବଲାଣି ଥାନାଞ୍ଚଳର ବିନୋଦିନୀ ନାୟକ(୪୦)। ତାଙ୍କୁ କପ୍ତିପଦା ପୋଲିସ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି।

କପ୍ତିପଦା ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି କହିଛନ୍ତି, ୬ ମାସ ପୂର୍ବରୁ ବିନୋଦିନୀ ନିଜର କେତେଜଣ ସହଯୋଗୀଙ୍କ ସହାୟତାରେ କପ୍ତିପଦା ଥାନା ଅଧୀନ କଅଁରପୁର ଅଞ୍ଚଳରେ ଏକ ବୈଠକ କରାଇଥିଲେ। ସେଠାରେ ସେ ନିଜକୁ ଭୁବନେଶ୍ୱରର ଶ୍ରମ ବିଭାଗର ଅଧିକାରୀ ପରିଚୟ ଦେବା ସହ ଉପସ୍ଥିତ ସମସ୍ତଙ୍କୁ ଋଣ କରାଇଦେବେ ବୋଲି କହିଥିଲେ। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ନିକଟରୁ ସେ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ହେଲେ ଟଙ୍କା ନେବାର ୬ମାସ ବିତିଯାଇଥିଲେ ମଧ୍ୟ ଋଣ କରାଇ ଦେଇ ନ ଥିଲେ କି ଲୋକଙ୍କ ଟଙ୍କା ଫେରାଇ


ବିନୋଦିନୀ ନାୟକ

ନ ଥିଲେ। ଠକେଇର ଶିକାର ହୋଇଥିବା ପରାସିବାଡ଼ି ଗ୍ରାମର ସନ୍ତୋଷ କୁମାର ପତି ବାରମ୍ୱାର ତାଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଶେଷରେ ସେ ଏନେଇ ମାସକ ତଳେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୦୮/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଜଣାପଡିଥିଲା ଯେ, ୨୦୨୫ ମାର୍ଚ୍ଚରେ ତାଙ୍କ ନାମରେ ଭୁବନେଶ୍ୱର ଖାରବେଳନଗର ଥାନା, ଅଗଷ୍ଟରେ ବାଲିପାଟଣା, ଡିସେମ୍ବରରେ ମୟୂରଭଞ୍ଜ ଉଦଳା ଥାନା, ଚଳିତମାସରେ ବାରିପଦାର ଭଞ୍ଜପୁର ଏବଂ କପ୍ତିପଦା ଥାନାରେ ଅଭିଯୋଗ ହୋଇଥିଲା। ଉଦଳାରୁ ୩୦ ଲକ୍ଷ ଟଙ୍କା, ବାରିପଦାରୁ ୧୦ ଲକ୍ଷ, ମୟୂରଭଞ୍ଜରୁ ୬୦ ଲକ୍ଷ ଏବଂ ଭୁବନେଶ୍ୱରରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିଲେ। ୩୦ ଲକ୍ଷ ଟଙ୍କା ଲୋନ୍ କରାଇ ଦେବା ପାଇଁ ବିନୋଦିନୀ ସାଢେ ୩ଲକ୍ଷ ଟଙ୍କା ନେଉଥିବା ବେଳେ ୧୦ ଲକ୍ଷ ପାଇଁ ଦେଢ ଲକ୍ଷ ଓ ୫୦ ଲକ୍ଷ ଲୋନ୍ କରାଇ ଦେବାକୁ କହି ୬ଲକ୍ଷ ଟଙ୍କା ନେଉଥିଲେ। ଏଭଳି ସେ ମୟୂରଭଞ୍ଜର ବ୍ରହ୍ମପୁର ଥାନା, ଉଦଳା ଥାନା, ଭଞ୍ଜପୁର ଥାନା, ଭୁବନେଶ୍ୱରର ବାଲିପାଟଣା ଓ ଖାରବେଳନଗର ଥାନା ଅଞ୍ଚଳରେ ବହୁ ଲୋକଙ୍କୁ ଠକିଛନ୍ତି। ଏହିସବୁ ଥାନାରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଉକ୍ତ ଠକେଇ ଟଙ୍କାରେ ସେ ଦାମୀ ଗାଡ଼ି ଚଢ଼ିବା ସହ ଅୟସ ଜୀବନ ବିତାଉଥିଲେ। ଏହି ଠକେଇ ପାଇଁ ସେ ୩୦ରୁ ଉର୍ଦ୍ଧ୍ୱ ସିମ୍ ବ୍ୟବହାର କରିଥିବାବେଳେ ଗିରଫଦାରିରୁ ବର୍ତ୍ତିବା ପାଇଁ ଘର ଓ ସିମ୍ ବଦଳାଉଥିଲେ। ସେ ହ୍ୱାଟ୍ସଆପ୍‌ରେ ଲୋକଙ୍କ ସହ କଥା ହେଉଥିବାରୁ ତାଙ୍କୁ ଧରିବାକୁ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ପୋଲିସ ଗୋଇନ୍ଦା ଖବର ରଖିବା ସହ କେନ୍ଦୁଝର ବଲାଣି ଥାନା ଅଞ୍ଚଳରେ ଥିବା ତାଙ୍କ ଘର ଆଗରେ ସାଦା ପୋଷାକରେ ଜଗି ରହିଥିଲେ। ଶେଷରେ ସେ ଭୁବନେଶ୍ୱର ହଂସପାଳରେ ଘର ଭଡ଼ା ନେଇ ରହୁଥିବା ଜଣାପଡିବା ପରେ କପ୍ତିପଦା ପୋଲିସ ଏଠାକୁ ଆସି ଡେରା ପକାଇଥିଲା। ସେ ଘରୁ ବାହାରି ବଜାରକୁ ଯିବା ସମୟରେ ପୋଲିସ ତାଙ୍କୁ ଧରିଥିଲା। ପୋଲିସକୁ ଦେଖି ସେ ନିଜକୁ ଶ୍ରମ ଅଧିକାରୀ କହିବା ସହ ଚାକିରି ନେବାକୁ ଧମକ ଦେଇଥିଲେ। ପରେ ସେ ନିଜର ଅସଲ ପରିଚୟ ଦେବା ସହ ଠକେଇ ନେଇ ମୁହଁ ଖୋଲିଥିଲେ।

# ସଞ୍ଜୟଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକାଙ୍କୁ ବଳାତ୍କାର ମାମଲା**

ଜଗତ୍‌ସିଂହପୁର, ୨୪।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୪ରେ ଜଣେ ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଧମକ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଗାର୍ଗି ପଟ୍ଟନାୟକ ଅଭିଯୁକ୍ତ ବାଲିକୁଦା ଥାନା ଅପଣ୍ଡରା ଗ୍ରାମର ସଞ୍ଜୟ ଭୋଇଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମାଝୀ କହିଛନ୍ତି, ପୀଡ଼ିତା ୧୫ ବର୍ଷ ବୟସର ହୋଇଥିବା ବେଳେ ୨୦୨୪ ଜୁଲାଇ ୬ ସନ୍ଧ୍ୟାରେ ଅମାନୁଷିକ କାର୍ଯ୍ୟ ହୋଇଥିଲା। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକା ଘର ପାଖ ବିଲକୁ ଶୌଚ ହେବାକୁ ଯାଇଥିବାବେଳେ ତାଙ୍କୁ ସଞ୍ଜୟ ମାଡି ବସିଥିଲେ। ନାବାଳିକା ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାସତ୍ତ୍ୱେ ସଞ୍ଜୟ ପୀଡ଼ିତାଙ୍କ ପାଟି ବନ୍ଦ କରି ତାଙ୍କୁ ବଳାତ୍କାର କରିଥିଲେ। ଗଲାବେଳେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବାଲିକୁଦା ଥାନାରେ ଅଭିଯୋଗ ହେଲାପରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ମାଝୀ କହିଛନ୍ତି।

# ଗୋମାଫିଆଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

କେନ୍ଦୁଝର,୨୪।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଗୋ-ରକ୍ଷକ ଅଭିଯାନ ଜାରି**

**୨ ଗୋମାଫିଆଙ୍କ ଘରେ ଚଢ଼ାଉ, ୨ ଲକ୍ଷ ଟଙ୍କା ଜବତ**

କେନ୍ଦୁଝର ପୋଲିସ ଗୋ-ରକ୍ଷକ ଅଭିଯାନରେ ଗୋମାଫିଆଙ୍କ ଉପରେ ଚଢ଼ାଉ ଜାରି ରହିଛି। ଶନିବାର ସଦର ପୋଲିସ ଦୁଃଖିଆ ଛକ ଓ ରାଙ୍କୀରେ ୨ ଗୋ-ମାଫିଆଙ୍କ ଘରେ ଚଢ଼ାଉ କରି ସେମାନଙ୍କ ଘରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଛି। ମାତ୍ର ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଛନ୍ତି। ଏଥିସହ ପୂର୍ବରୁ କେନ୍ଦୁଝର ସମେତ ୫ ଜିଲାର ୪୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ନଗଦ ଟଙ୍କା, ସୁନାଗହଣା, ବ୍ୟାଙ୍କ ଜମାଖାତା, ଘରବାଡି କାଗଜପତ୍ର ଆଦି ପୋଲିସ ଜବତ କରିଥିଲା। ଶନିବାର ଉକ୍ତ ମାଫିଆଙ୍କ ମଧ୍ୟରୁ ତେଲକୋଇ ଥାନା ଅଞ୍ଚଳର ଗୋମାଫିଆ ପ୍ରଦ୍ୟୁମ୍ନ ମିଶ୍ର ଓ ପରିବାର ଲୋକଙ୍କ ବିଭିନ୍ନ ବ୍ୟାଙ୍କରେ ଥିବା ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଥିବା ପୋଲିସ କହିଛି।

ପୋଲିସ ସୂଚନା ମୁତାବକ, ତେଲକୋଇ ଥାନା ଅଞ୍ଚଳର ଗୋମାଫିଆ ପ୍ରଦ୍ୟୁମ୍ନ ମିଶ୍ର, ତାଙ୍କ ସାନଭାଇ ପ୍ରତାପ ମିଶ୍ର, ପୁଅ ରାକେଶ ମିଶ୍ରଙ୍କ ୫ଟି ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ଏଥିରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ତେଲକୋଇ ଶାଖାରେ ୩ଟି ଓ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, ତେଲକୋଇ ଶାଖାର ୩ଟି ଆକାଉଣ୍ଟ ରହିଛି। ପ୍ରଦ୍ୟୁମ୍ନ ମିଶ୍ର, ତାଙ୍କ ଭାଇ ଓ ପୁଅଙ୍କ ଆକାଉଣ୍ଟରେ ଥିବା ପାଖାପାଖି ୩.୮୦ କୋଟି ଟଙ୍କାକୁ ଆଇନ ବ୍ୟବସ୍ଥା ମଧ୍ୟରେ ଫ୍ରିଜ୍ କରିଦିଆଯାଇଥିବା ଥାନା ଅଧିକାରୀ ଅଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ସେହିପରି ଅନ୍ୟାନ୍ୟ ମାଫିଆଙ୍କ ସମୁଦାୟ ଶତାଧିକ ବ୍ୟାଙ୍କକୁ ପୋଲିସ ଫ୍ରିଜ୍ କରିଥିବା ଜଣାପଡ଼ିଛି। ଏଥିସହ କେନ୍ଦୁଝର ସଦର ପୋଲିସ ଦୁଃଖିଆ ଛକ ରାଙ୍କୀରେ ସେକ୍ ନସିରୁଦ୍ଦିନ ଓ ତପନ ବାରିକଙ୍କ ଘର ଉପରେ ଚଢ଼ାଉ କରିଛି। ସେମାନଙ୍କୁ ଘରୁ ନଗଦ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ସୂଚନା ଦେଇଛନ୍ତି।

**ବଡ଼ବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ଘଟଣା**

# ଝାଡ଼ଖଣ୍ଡରୁ ୨ ସହଯୋଗୀ ଗିରଫ

ବଡ଼ବିଲ,୨୪।୧ (ଜୟନ୍ତୀ ରଣା)

**୨୮୮ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର, ୨ ସ୍କର୍ପିଓ, ୪ ମୋବାଇଲ ଜବତ**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଷ୍ଟ୍ରଙ୍ଗ୍ ରୁମ୍‌ରୁ ଲୁଟ୍ ଘଟଣାରେ ଝାଡ଼ଖଣ୍ଡର ଧାନବାଦରୁ ୨ ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍କର୍ପିଓ ଚାଳକ ଧାନବାଦ ଥାନା ଚାସନାଲା ଗ୍ରାମରେ ରହୁଥିବା ବିହାରର ଜାମୁଇ ଅଞ୍ଚଳର ରାଜା କୁମାର ସିଂହ, ଲୁଟ୍ ସ୍ୱର୍ଣ୍ଣ ଅଳଙ୍କାର କ୍ରୟ କରିଥିବା ଜୁଏଲେରି ମାଲିକ ଧାନବାଦସ୍ଥିତ ନିରସା ଅଞ୍ଚଳର କୁନାଲ ରାଜ ବର୍ମା। ସେମାନଙ୍କ ନିକଟରୁ ସ୍ୱର୍ଣ୍ଣ ଅଳଙ୍କାର, ସ୍କର୍ପିଓ ଏବଂ ମୋବାଇଲ ଜବତ ହୋଇଛି। ଏ ନେଇ ଧାନବାଦ ପୋଲିସ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବଡ଼ବିଲ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରେ ଗତ ସୋମବାର ୬ ଦୁର୍ବୃତ୍ତ ମୁଖା ଓ ହେଲ୍‌ମେଟ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ବନ୍ଧୁକ ମୁନରେ କର୍ମଚାରୀଙ୍କୁ ଭୟଭୀତ କରି ଷ୍ଟ୍ରଙ୍ଗ୍ ରୁମ୍‌ରେ ଥିବା ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା, ୧୫୫ଟି ପ୍ୟାକେଟରେ ଥିବା ମୋଟ ୬ କିଲୋଗ୍ରାମ ୪ ଶହ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର (ଯାହାର ଆନୁମାନିକ ମୂଲ୍ୟ ୯ କୋଟି ୪୦ ଲକ୍ଷ ୮୦ ହଜାର ଟଙ୍କା ହେବ) ଲୁଟିନେଇଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ କେନ୍ଦୁଝର ଏସ୍‌ପି କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ରାଜ୍ୟ ସମେତ ମୟୂରଭଞ୍ଜ ଓ ଝାରସୁଗୁଡ଼ାକୁ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ ଜାରି ରଖିଥିଲା। ଏକ ଟିମ୍ ଝାଡ଼ଖଣ୍ଡର ଧାନବାଦ ପୋଲିସ ସହାୟତାରେ ଶନିବାର ନିରସା ଓ ସିନ୍ଦ୍ରି ଥାନା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କ ୨ ସହଯୋଗୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ୨୮୮ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର, ୨ ଟି ସ୍କର୍ପିଓ ଏବଂ ୪ଟି ମୋବାଇଲ ଜବତ କରିବାକୁ ସକ୍ଷମ ହୋଇଛି।

ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ଦୁର୍ବୃତ୍ତ ଡିସେମ୍ବର ୨୯ରେ ଏକ ସ୍କର୍ପିଓ ଯୋଗେ ବଡ଼ବିଲକୁ ଆସି ମାଷ୍ଟର ପ୍ଲାନ୍ କରିଥିଲେ। ପରେ ଲୁଟ ଘଟଣା ଭିଆଇ ୬ ଜଣ ଦୁର୍ବୃତ୍ତ ୩ ବାଇକ୍ ଯୋଗେ ଫେରାର ହେଉଥିବାବେଳେ ଝାଡ଼ଖଣ୍ଡର ନୁଆମୁଣ୍ଡରେ ବାଇକ୍ ପଙ୍କଚର ହୋଇଯାଇଥିଲା। ପୂର୍ବ ଯୋଜନା ଅନୁଯାୟୀ ବାଇକ୍ ଛାଡ଼ି ନୂଆମୁଣ୍ଡିରୁ ସ୍କର୍ପିଓରେ ସେମାନେ ଫେରାର ହୋଇଯାଇଥିଲେ। ପୋଲିସ ସ୍କର୍ପିଓ ଚାଳକ ରାଜା ସିଂହଙ୍କୁ ଧରି ପଚରାଉଚରା ସମୟରେ କିଛି ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଧାନବାଦର ଏକ ଜୁଏଲେରି ଦୋକାନରେ ବିକ୍ରି କରିଥିବା କହିଥିଲେ। ପୋଲିସ ଉକ୍ତ ଜୁଏଲେରି ଦୋକାନରେ ଚଢ଼ାଉକରି ପ୍ରାୟ ୨୮୮ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର ଜବତ କରିବା ସହ ଜୁଏଲେରି ମାଲିକ କୁନାଲ ରାଜ ବର୍ମାଙ୍କୁ ଗିରଫ କରିଛି। ଧାନବାଦ ପୋଲିସ ସହାୟତାରେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ବଡ଼ବିଲକୁ ଅଣାଯାଉଛି। ବଡ଼ବିଲ ପହଞ୍ଚିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପିଙ୍ଗୁଆ ସୂଚନା ଦେଇଥିଲେ।



# ବାଇକ୍ ଦୁର୍ଘଟଣା: ୨ ଯୁବକଙ୍କ ମୃତ୍ୟୁ

କୋକସରା,୨୪।୧(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ସୁନାମାଲ ଗାଁ ଭାଲୁପଡ଼ା ନିକଟରେ ଶୁକ୍ରବାର ରାତିରେ ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସେମାନେ ହେଲେ ବରାଡଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରୀ ଗ୍ରାମର ଅବକାରୀ କର୍ମଚାରୀ ଅମରେନ୍ଦ୍ର ମାଝି (୨୯) ଓ ସୁବାସ ନାଏକ (୨୫)। ଉଭୟ ବାଇକ୍ ଯୋଗେ ଶୁକ୍ରବାର ରାତିରେ ସୁନାମାଲ ଗ୍ରାମରୁ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଗାଁକୁ ଫେରୁଥିଲେ। ଭାଲୁପଡା ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚୂରମାର ହୋଇଥିବା ବେଳେ ସେମାନେ ଚାଷ ଜମିରେ ଛିଟିକି ପଡିଥିଲେ। ବିଳମ୍ବିତ ରାତି ହୋଇଥିବାରୁ ଏ ବିଷୟରେ କେହି ସୂଚନା ପାଇ ନ ଥିଲେ। ଶନିବାର ସକାଳୁ ସ୍ଥାନୀୟ ଲୋକେ ଦେଖି କୋକସରା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରାଥମିକ ତଦନ୍ତ ପରେ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ।

# ଭାରତର ସ୍ଥାନୀୟ ବିକାଶକୁ ବିଶ୍ୱ ପ୍ରଶଂସା କରିଆସୁଛି: ସୁମନ ବେରି


ଜାତୀୟ ଆଲୋଚନାଚକ୍ରରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରିଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଏକ ଗତିଶୀଳ ମଡେଲ ଭାବେ ଉଭା ହୋଇଛି। ଭାରତର ବିଭିନ୍ନ ରାଜ୍ୟ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷାକରି ସ୍ଥାନୀୟ ସମସ୍ୟାର ମୁକାବିଲା କରୁଛନ୍ତି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ ଭାରତର ସ୍ଥାନୀୟ ବିକାଶକୁ ବିଶ୍ୱ ପ୍ରଶଂସା କରିଆସୁଛି ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି କହିଛନ୍ତି। ଶନିବାର କିସ୍‌ଠାରେ 'ସ୍ଥାୟୀ ବିକାଶ ଲକ୍ଷ୍ୟ ଓ କିସ୍: ପରିବର୍ତ୍ତନକାରୀ ଶିକ୍ଷା, ସ୍ୱେଚ୍ଛାସେବା ଓ ସମାଜକୈନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ ଭାରତର ସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କିସ୍ ଛାତ୍ରୀଛାତ୍ରଙ୍କ ସହ ଏକ ଭାବବିନିମୟ

## କିସ୍‌ରେ ଜାତୀୟ ଆଲୋଚନାଚକ୍ର

କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ଯୋଗଦେଇ ବିକଶିତ ଭାରତ ପରିପ୍ରେକ୍ଷୀରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେରଖି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟତମ ଅତିଥି ଭାବେ ନୀତି ଆୟୋଗ ସଦସ୍ୟ ଅରବିନ୍ଦ ଭିର୍ମାନୀ ଯୋଗଦେଇ କହିଲେ, ବିକଶିତ ଭାରତ ଗଠନରେ ତିନୋଟି ପ୍ରମୁଖ ଉପାଦାନ ଜରୁରୀ। ସେଗୁଡ଼ିକ ହେଲା ମୌଳିକ ଶିକ୍ଷା, ଦକ୍ଷତା ବିକାଶ ଏବଂ ନିଯୁକ୍ତି। ଏଗୁଡ଼ିକ ପ୍ରତ୍ୟେକେ ପରସ୍ପର ସହ ଜଡ଼ିତ। ମୌଳିକ ଶିକ୍ଷା କେବଳ ଅନ୍ତର୍ଭୁକ୍ତି ପାଇଁ ନୁହେଁ, ବରଂ ଦକ୍ଷତା ହାସଲ ଓ ନିଯୁକ୍ତି ସୁଯୋଗ ଲାଗି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ପ୍ରଭାକର ସାହୁ କହିଲେ, ଆମ ପାଖରେ ଥିବା ଅନୁକୂଳ ଜନସଂଖ୍ୟା ବିକଶିତ ଭାରତ ପାଇଁ ମୂଳଦୁଆ ପ୍ରସ୍ତୁତ କରେ ଏବଂ କିସ୍ ପ୍ରଭାବଶାଳୀ ଭାବରେ ଏହି ଲକ୍ଷ୍ୟରେ ଯୋଗଦାନ ଦେଉଛି। ସ୍ଥାୟୀ ବିକାଶ ଲକ୍ଷ୍ୟରେ ଗୁଣାତ୍ମକ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଓ ଦକ୍ଷତା ବିକାଶ ଆଦି ଅନ୍ତର୍ଭୁକ୍ତ। କିଟ୍ ଓ କିସ୍ ସକ୍ରିୟ ଭାବେ ଏହି ଉଦ୍ଦେଶ୍ୟଗୁଡ଼ିକ ଅନୁସରଣ କରିଆସୁଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁଏନ୍‌ଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ୟୁଏନ୍‌ଏଫ୍‌ପିଏ ଓଡ଼ିଶା ମୁଖ୍ୟ ଡ. ମହମ୍ମଦ ନଦିମ ନୁର୍, ଫ୍ରାନ୍ସର ଇଣ୍ଟରନ୍ୟାଶନାଲ ଏକ୍‌ଜିକ୍ୟୁଟିଭ ସ୍କୁଲ୍‌ର ସହପ୍ରତିଷ୍ଠାତା ତଥା ସଭାପତି ଡ. ସୌଲା କିରିଆକୋସ, ପୂର୍ବତନ ଜାତିସଂଘ ପ୍ରାକ୍ଟିଶନର ଆରୁଷି ରାୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ପ୍ରମୁଖ ଜାତିସଂଘ ବିକାଶ ଲକ୍ଷ୍ୟ ଓ ସ୍ଥାନୀୟ ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର

ଉଦଳା,୨୪।୧(ସନ୍ତୋଷ କୁମାର ବାଛିନୀ)


ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଯୁବତୀ।

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ କଇଁସାରି ବାବୁସାହିର ଜଣେ ଯୁବତୀ ଶନିବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ରାଇମାତ ସୋରେନ। ସୂଚନା ଅନୁଯାୟୀ, ରାଇମାତ କାଠ ଆଣିବାକୁ ଘର ପାଖ ଗ୍ରାମ୍ୟ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ୨ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ସେ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଭାଲୁ ଆକ୍ରମଣରେ ସେ ଗୁରୁତର ହୋଇଥିବା ବେଳେ ତାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ବୋରିଗୁମ୍ମାରେ ବୁଲୁଛି ଭାଲୁ: ଭିଡିଓ ଭାଇରାଲ


ଭିଡିଓରେ କଏଦ ହୋଇଥିବା ଭାଲୁ ବୁଲୁଥିବା ଦୃଶ୍ୟ।

କୋରାପୁଟ,୨୪।୧(ଅମିତାଭ ବେହେରା)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ପୋଡ଼ାପଦର ଗାଁରେ ୩ଟି ଭାଲୁ ବୁଲୁଥିବା ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ରହିଛନ୍ତି। ପୋଡ଼ାପଦର ମୁଖ୍ୟ ରାସ୍ତା ଉପରେ ନିର୍ଭୟରେ ୩ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଦିନରେ ନିକଟ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି। ଜଙ୍ଗଲରୁ ଆବଶ୍ୟକ ଖାଦ୍ୟ ନ ପାଇବାରୁ ଭାଲୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ବିସିଂପୁର ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଥିଲା। ଭାଲୁ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ପୁଣି ପୋଡ଼ାପଦର ମୁଖ୍ୟ ରାସ୍ତା ଓ ମନ୍ଦିର ନିକଟରେ ଭାଲୁ ବୁଲୁଥିବାରୁ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରକୁ ଯିବାକୁ ଭୟ କରୁଛନ୍ତି। ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ କୋରାପୁଟ ରେଞ୍ଜର ଏସ୍.କେ.ପାହାଡ ସିଂ ଏହି ଋତୁରେ ଜଙ୍ଗଲରେ ପଶୁ ଖାଇବା ମିଳୁ ନ ଥିବାରୁ ସେମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଉଛି। ଭାଲୁ ଚଳାଚଳ ରାସ୍ତାରେ ସତର୍କ ସୂଚନା ଦିଆଯାଉଛି ବୋଲି କହିଛନ୍ତି।

# ସ୍ଥାୟୀ ଓ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ




ପର୍ଯ୍ୟଟନ କ୍ଷେତ୍ରଗୁଡିକ କେବଳ ସାଂସ୍କୃତିକ ଭାବ ଆଦାନ ପ୍ରଦାନ କିମ୍ବା ମନୋରଞ୍ଜନର କ୍ଷେତ୍ର ନୁହେଁ। ଦେଶର ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ପର୍ଯ୍ୟଟନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟଟନ କ୍ଷେତ୍ରଗୁଡିକ ଦେଶର ସାଂସ୍କୃତିକ ଐତିହ୍ୟର ମୂକସାକ୍ଷୀ। ତେଣୁ ଦେଶର ଅର୍ଥ ବ୍ୟବସ୍ଥାରେ ପର୍ଯ୍ୟଟନର ମହତ୍ତ୍ୱ ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ଲୋକଙ୍କ ମନରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୨୫କୁ ରାଷ୍ଟ୍ରୀୟ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ସ୍ଥାୟୀ ଓ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ'। ଦେଶର ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଐତିହାସିକ ପୃଷ୍ଠଭୂମିକୁ ପୁନର୍ଜୀବିତ ଉଦ୍ଦେଶ୍ୟରେ ଏହି ଦିବସଟି ଭାରତ ସରକାଙ୍କ ଦ୍ୱାରା ଆୟୋଜନ ହେଉଛି। ଟୁରିଜମ୍ ଟ୍ରାଫିକ୍ କମିଟିର ସ୍ମୃତିରେ ୧୯୪୮ ଜାନୁଆରୀ ୨୫ରେ ରାଷ୍ଟ୍ରୀୟ ପର୍ଯ୍ୟଟନ ଦିବସର ସ୍ଥାପନା ହୋଇଥିଲା। ତେବେ ୧୯୬୭ରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଗଠନ ପରେ ଏହି ଦିବସକୁ ଔପଚାରିକ ଭାବେ ମାନ୍ୟତା ମିଳିଥିଲା।

## ଟି୨୦ ବିଶ୍ୱକପ୍‌ରୁ ବାଂଲାଦେଶ ବିଦା ହେଲା




# ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଲେ କଂଗ୍ରେସ ନେତା

ନବରଙ୍ଗପୁର,୨୪।୧(ସଦାଶିବ ପ୍ରହରାଜ)



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଶନିବାର ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ କିନ୍ତୁ ତାଙ୍କୁ ନିଜ ବ୍ଲକ ଚନ୍ଦାହାଣ୍ଡିରେ କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଏମ୍‌ପି ମାଝୀଙ୍କ ଦ୍ୱାରା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ସିନାପାଲି-ଦଣ୍ଡାମୁଣ୍ଡା ଭଣ୍ଡାର ନଦୀ ସେତୁର ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା। ଉଦ୍‌ଘାଟନ ପୂର୍ବରୁ ଏହାର ଫଳକକୁ କଂଗ୍ରେସ ନେତା ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଚନ୍ଦାହାଣ୍ଡ ମଣ୍ଡିରୁ ଧାନ ନ ଉଠିବାକୁ ନେଇ ଏମ୍‌ପିଙ୍କ ଉଦଘାଟନ କାର୍ଯ୍ୟକ୍ରମକୁ ବିରୋଧ କରି ବରିଷ୍ଠ କଂଗ୍ରେସ ନେତା କ୍ଷେମରାଜ ବାଘଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ କୃଷ୍ଣ ବାଘ, ପିଙ୍କୁ ସେର, ଶଙ୍କର ସେଠୀ ପ୍ରମୁଖ ଦଳୀୟ କର୍ମୀ ଉକ୍ତ ଫଳକ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚନ୍ଦାହାଣ୍ଡିରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି। ଏମ୍‌ପି ଚନ୍ଦାହାଣ୍ଡିର ମୌଳିକ ସମସ୍ୟା ପ୍ରତି ଯେତେଦିନ ପର୍ଯ୍ୟନ୍ତ ବିମୁଖ ରହିବେ ସେତେଦିନ ଯାଏ ବିରୋଧ ଜୋରଦାର କରାଯିବ ବୋଲି ବାଘ ପ୍ରକାଶ କରିଛନ୍ତି। ଏନେଇ ଏମ୍‌ପିଙ୍କ ବଳଭଦ୍ର ମାଝୀଙ୍କୁ ପଚାରିବାରୁ ଚନ୍ଦାହାଣ୍ଡିର ବିକାଶ ସହି ନପାରି କେତେଜଣ ବ୍ୟକ୍ତି ଏଭଳି କାଣ୍ଡ କରିଥିବା ସେ କହିଛନ୍ତି।

# ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଗଲା

ଟାଙ୍ଗୀ/ନିରାକାରପୁର, ୨୪।୧
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଶନିବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଏହି ବନାଞ୍ଚଳ ଅଧୀନ ଓଳସିଂହ ପଞ୍ଚାୟତ ଅନ୍ତର୍ଗତ ଗୟାବନ୍ଧ ଉପରସାହିର ସଂସାରୀ ଭୁଜବଳ(୪୦)।

ସୂଚନା ମୁତାବକ, ଶନିବାର ଭୋରୁ ସଂସାରୀ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। କୁହୁଡ଼ି ଯୋଗୁ ସେ ହାତୀଟିକୁ ଦେଖିପାରି ନ ଥିଲେ। ହଠାତ୍ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଦଳି ଦେଇଥିଲା। ଅନ୍ୟପଟେ ସଂସାରୀ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜି ଖୋଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ସଂସାରୀଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।

# ସିବିଏସ୍‌ଇ ସ୍କୁଲରେ ମାନସିକ ସ୍ୱାସ୍ଥ୍ୟ, କ୍ୟାରିୟର କାଉନ୍‌ସେଲର ନିଯୁକ୍ତି ବାଧ୍ୟତାମୂଳକ

ଭୁବନେଶ୍ୱର,୨୪।୧(ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଅଧୀନ ବିଦ୍ୟାଳୟଗୁଡ଼ିକରେ ଏଣିକି ସ୍ୱାସ୍ଥ୍ୟ ଓ କ୍ୟାରିୟର କାଉନ୍‌ସେଲର ନିଯୁକ୍ତ ହେବେ। ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ସହିତ ସେମାନଙ୍କର ଠିକ କ୍ୟାରିୟର ପାଇଁ ମାର୍ଗଦର୍ଶନ ଦେବେ। ଏନେଇ ସିବିଏସ୍‌ଇ ପକ୍ଷରୁ ସୋସିଓ ଇମୋଶନାଲ ଆଣ୍ଡ୍ କ୍ୟାରିୟର କାଉନ୍‌ସେଲର ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଇଛି।

ରାଜସ୍ଥାନ କୋଟାସ୍ଥିତ ଜାତୀୟ ଶିକ୍ଷା ବୋର୍ଡର ଓକିଲ ସୁଜିତ ସ୍ୱାମୀ ଏବଂ କେତେଜଣ ମନସ୍ତତ୍ତ୍ୱ ବିଶେଷଜ୍ଞ ଏସଂକ୍ରାନ୍ତରେ ଜୁଲାଇ ୨୦୨୫ରେ ରାଜସ୍ଥାନ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଏର କରିଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଢୁଥିବା ମାନସିକ ଏବଂ ଶିକ୍ଷାଜନିତ ଚାପ ସହିତ ସେମାନଙ୍କ କ୍ୟାରିୟର ନିମନ୍ତେ ମାର୍ଗଦର୍ଶନର ଅଭାବ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେପ୍ଟେମ୍ବର ୨୦୨୫ରେ ହୋଇଥିବା ଶୁଣାଣିରେ କୋର୍ଟଙ୍କ ରାୟ ପରେ ସିବିଏସ୍‌ଇ ଆଫିଲିଏଶନ ବାଇ-ଲ ୨୦୧୮ର ଧାରା ୨.୪.୧୨କୁ ସଂଶୋଧନ କରିଥିଲା। ସିବିଏସ୍‌ଇ ୧୯ ଜାନୁଆରୀ ୨୦୨୬ରେ ଏକ ସର୍କୁଲାର ଜାରିକରି ନୂଆ ନିୟମ ଘୋଷଣା କରିଛି। ପ୍ରତ୍ୟେକ ୫୦୦ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ କାଉନସେଲିଂ ଏବଂ ୱେଲନେସ୍ ଶିକ୍ଷକ ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଇଛି। କେବଳ ନବମରୁ ଦ୍ୱାଦଶ ଶ୍ରେଣୀରେ ୩୦୦ରୁ ଅଧିକ ବିଦ୍ୟାର୍ଥୀ ଥିବା ସ୍କୁଲଗୁଡ଼ିକରେ ସବୁ ସମୟରେ ମନସ୍ତତ୍ତ୍ୱ ପରାମର୍ଶଦାତାଙ୍କ ଆବଶ୍ୟକତା ରହିଛି। ଅନ୍ୟ ସମସ୍ତ ଶ୍ରେଣୀ ନିମନ୍ତେ ଅଧା ସମୟ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ଶିକ୍ଷା ବୋର୍ଡ ପକ୍ଷରୁ ପରାମର୍ଶଦାତାଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ସ୍ଥିର କରିଛି। ମାନସିକ ସ୍ୱାସ୍ଥ୍ୟ କାଉନ୍‌ସେଲର ମନୋବିଜ୍ଞାନରେ ସ୍ନାତକ/ସ୍ନାତକୋତ୍ତର କରିଥିବେ। ତା' ସହିତ ସୋସିଆଲ ୱାର୍କରେ ସ୍ନାତକୋତ୍ତର ଡିଗ୍ରୀ ରହିଥିବା ଜରୁରୀ। ସିବିଏସଇ ପକ୍ଷରୁ ୫୦ ଘଣ୍ଟିଆ କ୍ଷମତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଛୋଟ ସ୍କୁଲଗୁଡିକ ପାଇଁ 'କାଉନସେଲିଂ ହବ ଏବଂ ସ୍ପୋକ ସ୍କୁଲ ମଡେଲ' କରାଯାଇଛି। ବଡ଼ 'ହବ' ସ୍କୁଲଗୁଡ଼ିକ ପାଖପାଖି 'ସ୍ପୋକ' ସ୍କୁଲମାନଙ୍କୁ ସହଯୋଗ ଓ ମାର୍ଗଦର୍ଶନ ଦେବେ।

ତେବେ ସିବିଏସଇର ଏହି ନିର୍ଦ୍ଦେଶନାମାକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି। କେବଳ ସିବିଏସଇ ସ୍କୁଲରେ ନୁହେଁ, ସମସ୍ତ ସରକାରୀ ସ୍କୁଲରେ ଏହି ନିୟମକୁ ଲାଗୁ କରାଯାଉ। ଉଭୟ ପିଲା ଓ ଅଭିଭାବକଙ୍କୁ କାଉନସେଲିଂର ଆବଶ୍ୟକତା ରହିଛି। ଅଧିକାଂଶ ସମୟରେ ପିଲାମାନେ ପାରିବାରିକ କଳହ ଯୋଗୁ ଅସନ୍ତୋଷ ରହୁଛନ୍ତି। ପିଲାମାନେ ମଧ୍ୟ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଅଭିଭାବକ ଏବଂ ପିଲାଙ୍କୁ ନେଇ ଆଲୋଚନା କରାଯାଉ। ସବୁ ବିଦ୍ୟାଳୟରେ ସ୍ୱତନ୍ତ୍ର କାଉନସେଲର ରହିବା ନିହାତି ଜରୁରୀ ବୋଲି ବିଜେଇଏମ ପରିଚାଳନା କମିଟିର ପରିଚାଳକ ପ୍ରତାପ ଜେନା କହିଛନ୍ତି।

ଅଭିଭାବକ ଲିଙ୍ଗରାଜ ମିଶ୍ର କହିଛନ୍ତି, ବିଦ୍ୟାଳୟରେ କାଉନ୍‌ସେଲର ରହିବା ଅତ୍ୟନ୍ତ ଜରୁରୀ। ପିଲାମାନେ ପାଠପଢ଼ିବାଠାରୁ ଆରମ୍ଭ କରି ବିଭିନ୍ନ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଙ୍ଗମାନେ ଅଧିକ ମାର୍କ ରଖିଦେଲେ କିମ୍ବା ପରିବାର କଳହ ଯୋଗୁ ସେମାନଙ୍କ ମାନସିକତା ପ୍ରଭାବିତ ହେଉଛି। ପାଠପଢ଼ାରେ ଯେପରି ସେମାନେ ସ୍ଥିର ରହିପାରିବେ ସେଥିପାଇଁ କ୍ୟାରିୟର ପରାମର୍ଶର ଆବଶ୍ୟକତା ରହିଛି।

## ପ୍ରଥମ ପୃଷ୍ଠାରୁ...

### ରୁଷିଆ ତେଲ...

୨୫% ଟାରିଫ୍ ଲଗାଇଥିଲେ। ଏହି କାରଣରୁ ଭାରତ ତୈଳ କିଣିବା କମାଇଛି ବୋଲି ବେସେଣ୍ଟ ଦାବି କରିଥିଲେ। ନିକଟରେ ପ୍ରକାଶିତ କେତେକ ରିପୋର୍ଟ ଅନୁସାରେ ଭାରତର କିଛି ଘରୋଇ କମ୍ପାନୀ ରୁଷୀୟ ତୈଳ କ୍ରୟ ହ୍ରାସ କରିଛନ୍ତି। ତେବେ ରୁଷିଆଠାରୁ ଅବାଧରେ ତୈଳ କିଣିବା ଜାରି ରଖିଛି ବୋଲି ନୂଆଦିଲ୍ଲୀ କହିଆସୁଛି। ମସ୍କୋ ଉପରେ ଚାପ ବୃଦ୍ଧି ଉଦ୍ଦେଶ୍ୟରେ ଟ୍ରମ୍ପ ପ୍ରଶାସନ ଭାରତ ସମେତ ଅନ୍ୟ ଦେଶଗୁଡ଼ିକୁ ରୁଷିଆ ସହ ତୈଳ ସମ୍ପର୍କ କମାଇବାକୁ ପରାମର୍ଶ ଦେଉଛି। କିନ୍ତୁ ଭାରତ କୌଣସି ପ୍ରକାର ଚାପରେ ଥିବା ବିଷୟକୁ ଖଣ୍ଡନ କରିଛି। ଏପରି କି ଆମେରିକାର ଟାରିଫ୍ କାର୍ଯ୍ୟାନୁଷ୍ଠାନକୁ ଅନୁଚିତ ଓ ଅଯୌକ୍ତିକ ବୋଲି ଅଭିହିତ କରିଛି। ଭାରତର ଶକ୍ତି ନୀତି ଦେଶର ଜାତୀୟ ସ୍ୱାର୍ଥ ଅନୁସାରେ ନିର୍ଦ୍ଧାରିତ ହୋଇଥିବା ନୂଆଦିଲ୍ଲୀ କହିଛି।

ଉଲ୍ଲେଖଯୋଗ୍ୟ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୨୦୨୨ ଫେବୃଆରୀରେ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋ ଉପରେ କଟକଣା ଲଗାଇଥିଲେ। ତେବେ ବିଶ୍ୱର ତୃତୀୟ ତୈଳ ଆମଦାନୀକାରୀ ଦେଶ ଭାରତ ରୁଷିଆଠାରୁ ତୈଳ କ୍ରୟ ବଢ଼ାଇଦେଇଥିଲା। ସେହି ଅଶୋଧିତ ତୈଳକୁ ଶୋଧିତକରି ଭାରତ ଅନ୍ୟ ଦେଶଗୁଡ଼ିକୁ ବିକ୍ରି କରୁଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ରୂପେ ଅଭିହିତ କରି ତୈଳ କ୍ରୟ ବନ୍ଦ କିମ୍ବା ହ୍ରାସ କରିବାକୁ ଭାରତକୁ ପରାମର୍ଶ ଦେଇଥିଲେ। କିନ୍ତୁ ଭାରତ ତାଙ୍କ କଥା ନ ଶୁଣିବାରୁ ଟ୍ରମ୍ପ ଅତିରିକ୍ତ ୨୫% ଟାରିଫ୍ କଷିଥିଲେ। ଉକ୍ତ ଟାରିଫ୍ ଯୋଗୁ ଭାରତୀୟ ଅର୍ଥନୀତି ବହୁଳ ପ୍ରଭାବିତ ହୋଇଛି।

### ଭିତ୍ତିଭୂମିରେ ଓଡ଼ିଶାର...

ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପଗୁଡ଼ିକୁ ନୀତି ଆୟୋଗ ଉପାଧ୍ୟକ୍ଷ ପ୍ରଶଂସା କରିଛନ୍ତି। ବେରୀ ଭୁବନେଶ୍ୱରକୁ ଦେଶର ଆଦର୍ଶ ନଗର ଭାବେ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଗ୍ଲୋବାଲ ବେଷ୍ଟ ପ୍ରାକ୍ଟିସ ଗ୍ରହଣ କରି, 'ଟେକ୍ସାସ ମଡେଲ' ଭଳି ସମନ୍ୱିତ ନଗର ଯୋଜନା ପ୍ରୟୋଗ କରି ଭୁବନେଶ୍ୱରକୁ ଦେଶର ବେଞ୍ଚମାର୍କ ସିଟି କରିବାକୁ ସୁପାରିସ କରିଥିଲେ। ସେ ଓଡ଼ିଶାର ଗ୍ରୀନ ଏନର୍ଜି ଟ୍ରାନ୍ସଫର୍ମେସନ, ଡାଟା-ଡ୍ରିଭେନ ଗଭର୍ନାନ୍ସ, ସ୍କିଲିଂ ଇକୋସିଷ୍ଟମ ସୁଧାର, ଆଦିବାସୀ ସଶକ୍ତୀକରଣ ଓ ଫ୍ରଣ୍ଟିୟର ଟେକ ଲ୍ୟାବ ଅଧୀନରେ ଲିଭିଂ ଲ୍ୟାବ ଭଳି ଉଦ୍ୟମଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ। ଡ. ଅରବିନ୍ଦ ଭିରମାନୀ ମଧ୍ୟ ରାଜ୍ୟର ଅଗ୍ରଗାମୀ ନୀତି ଓ ସମାବେଶୀ ଓ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥବିଭାଗ ମୁଖ୍ୟ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ଏବଂ ଉନ୍ନୟନ କମିଶନର ଡି.କେ. ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ୨୭ରେ ଦେଶବ୍ୟାପୀ...

ଏହି ଆନ୍ଦୋଳନରେ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀଙ୍କ ୯ଟି ପ୍ରମୁଖ ସଂଗଠନର ଏକ ମିଳିତ ମଞ୍ଚ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ, ନ୍ୟାଶନାଲ କନ୍‌ଫେଡେରେଶନ ଅଫ୍ ବ୍ୟାଙ୍କ ଏମ୍ପ୍ଲଇଜ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ, ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ୍ ଇଣ୍ଡିଆ, ଇଣ୍ଡିଆନ ନ୍ୟାଶନାଲ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ, ଇଣ୍ଡିଆନ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ କଂଗ୍ରେସ, ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କର୍ସ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ଅଫିସର୍ସ ରହିଛି

# ଭାଜପାରେ ମିଶିଲେ ୭ ସମିତିସଭ୍ୟ, ୨ ସରପଞ୍ଚ


ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ଭୁବନେଶ୍ୱର,୨୪।୧(ସୁନିତ୍ ମିଶ୍ର)

କଂଗ୍ରେସ ଓ ବିଜେଡି ସମର୍ଥିତ ସରପଞ୍ଚ ଏବଂ ସମିତିସଭ୍ୟ ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀର ବହୁନେତା ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। କଂଗ୍ରେସ କନକୁବାଡ଼ି ପଞ୍ଚାୟତ ସମିତିସଭ୍ୟ ଅକ୍ଷୟ କୁମାର ହିକକା, ଦଳିଆକୁଜି ସମିତିସଭ୍ୟ କରୁଣାକର ସୁନା, ସାହା ସମିତିସଭ୍ୟ ଜୟନ୍ତୀ କଳକା, ସରପଞ୍ଚ ଚନ୍ଦ୍ର କୁମ୍ଭରୁକାଙ୍କ ସମେତ ବିଜେଡିର ହାଟମୁନିଗୁଡ଼ା ସମିତିସଭ୍ୟ ଦୁର୍ଯ୍ୟୋଧନ ପିଡିକାକ, ସରପଞ୍ଚ ନାରାୟଣ ହୁଇକା, ଡୁମୁରିନେଲି ସମିତିସଭ୍ୟ ବୋଇଡ଼ା ଉର୍ଲାକା, ହଜାରିଡଙ୍ଗା ସମିତିସଭ୍ୟ ସୁକାନ୍ତ ବେନିଆ, କୁର୍ଲି ସମିତିସଭ୍ୟ ଟେଲାଡି ହୁଇକା ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲାରେ ଦଳର ସଂଗଠନ ଆହୁରି ଶକ୍ତିଶାଳୀ ହୋଇପାରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ ସଭାପତି ସାମଲ କହିଛନ୍ତି, ଖଣି ଖାଦାନରେ ଭରପୂର ରାୟଗଡ଼ା ଜିଲାରେ ଅନେକ ସମ୍ଭାବନା ରହିଛି। ଏଠାରେ ଶିଳ୍ପଠାରୁ ଆରମ୍ଭକରି ପର୍ଯ୍ୟଟନ ପର୍ଯ୍ୟନ୍ତ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ। ପଞ୍ଚାୟତରୁ ସହର ପର୍ଯ୍ୟନ୍ତ ବିକାଶ କରି ରାୟଗଡ଼ା ଚିତ୍ର ବଦଳାଇବା ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆମ ସମସ୍ତଙ୍କୁ ଏକତ୍ରିତ ହୋଇ ବିକାଶ କାର୍ଯ୍ୟ ଆଗେଇ ନେବାକୁ ପଡ଼ିବ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୫ ଜାନୁଆରୀ, ୨୦୨୬ Bhubaneswar, Sunday, 25 January, 2026

## ଅଷ୍ଟ୍ରେଲିଆନ ଓପନ ଟେନିସ

# ଚତୁର୍ଥ ରାଉଣ୍ଡରେ ସିନର

ମେଲ୍‌ବୋର୍ନ, ୨୪।୧(ଏପି)

ଦୁଇଥର ଚାମ୍ପିୟନ ଜାନିକ ସିନର ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସେ ବିଶ୍ୱର ୮୫ ର୍‍ୟାଙ୍କିଙ୍ଗପ୍ରାପ୍ତ ଏଲିଅଟ ସ୍ପିଜିରିଙ୍କୁ ୪-୬, ୬-୩, ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଇଟାଲୀର ଲୁସିଆନୋ ଦାର୍ଦ୍ଦେରୀଙ୍କୁ ଭେଟିବେ, ଯିଏକି ବିଶ୍ୱର ୧୫ ନମ୍ବର ଖେଳାଳି କାରେଦ କାରେନ୍ ଖାଚାନୋଭ୍‌ଙ୍କୁ ୭-୬(୫), ୩-୬, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଇଟାଲୀର ୩ ଖେଳାଳି ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇଛନ୍ତି। ଜହନ୍ କେନ୍ ଆରେନାଠାରେ ବିଶ୍ୱର ୫ ନମ୍ବର ଲୋରେଞ୍ଜୋ ମୁସେଟି ୫-୭, ୬-୪, ୬-୨, ୫-୭, ୬-୨ ସେଟ୍‌ରେ ଟୋମାସ ମ୍ୟାଚାକ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଟୁର୍ନାମେଣ୍ଟର ୭ମ ଦିବସ ସକାଳେ ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଗତଥରର ଚାମ୍ପିୟନ ୯ମ ସିଡ୍ ଆମେରିକାର ମାଡିସନ କିଜ୍ ଓ ଜେସିକା ପେଗୁଲା ସେମାନଙ୍କ ମ୍ୟାଚ୍‌ରେ ବିଜୟଲାଭ କରିଛନ୍ତି। ରଡ୍ ଲାଭର ଆରେନାଠାରେ କିଜ୍ ଓପ୍ନିଂ ମ୍ୟାଚ୍‌ରେ କାରୋଲିନା ପ୍ଲିସ୍କୋଭାଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଥିବା ବେଳେ ମାର୍ଗାରେଟ୍ କୋର୍ଟ ଆରେନାଠାରେ ପେଗୁଲା ୬-୩, ୬-୨ ସେଟ୍‌ରେ ସେଲେଖମେଟେଭାଙ୍କୁ ହରାଇ ଦେଇଛନ୍ତି। ଖେଳ ବିଶେଷଜ୍ଞଙ୍କ ମତରେ ଚତୁର୍ଥ ରାଉଣ୍ଡରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିପାରନ୍ତି। ଶନିବାର ଏକ ଅଲ୍ ଆମେରିକାନ୍ ମୁକାବିଲା ମଧ୍ୟ ଦେଖିବାକୁ ମିଳିଥିଲା। ଚତୁର୍ଥ ସିଡ୍ ଆମାଣ୍ଡା ଆନିସିମୋଭା ୬-୧, ୬-୪ରେ ପେଟନ ଷ୍ଟିର୍ଣ୍ଣସଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇଛନ୍ତି।



ଶନିବାର ତୃତୀୟ ରାଉଣ୍ଡ ମ୍ୟାଚ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଜାନିକ ସିନର।

### ଜୋକୋଭିଚ୍‌ଙ୍କ କୀର୍ତ୍ତିମାନ

ଅଷ୍ଟ୍ରେଲିଆ ଓପନ୍ ଟେନିସ୍‌ରେ ସର୍ବାଧିକ ଷ୍ଟାର ଖେଳାଳି ନୋଭାକ୍ ଜୋକୋଭିଚ୍ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଶନିବାର ବୋଟିକ୍ ଭାନ୍ ଡି' ଜାଣ୍ଡସ୍କଲ୍‌ପଙ୍କୁ ୬-୩, ୬-୪, ୭-୬(୪)ରେ ପରାସ୍ତ କରିବା ପରେ ପ୍ରଥମ ଖେଳାଳି ଭାବେ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍‌ରେ ୨୪ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କ ବିଜୟ ପରାଜୟ ରେକର୍ଡ ବର୍ତ୍ତମାନ ୧୦୨-୧୦ରେ ପହଞ୍ଚିଛି। ଏହାଦ୍ୱାରା ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସବୁଠାରୁ ଅଧିକ ମ୍ୟାଚ୍ ଜିତିବାରେ ସେ ରୋଜର ଫେଡେରର୍‌ଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।

### ତୃତୀୟ ରାଉଣ୍ଡ ପୂର୍ବରୁ ଓହରିଲେ ଓସାକା

ନାଓମି ଓସାକା ଅଷ୍ଟ୍ରେଲିଆନ୍ ଓପନ୍ ତୃତୀୟ ରାଉଣ୍ଡ ପୂର୍ବରୁ ଓହରି ଯାଇଛନ୍ତି। ସେ ଶନିବାର ଅଷ୍ଟ୍ରେଲୀୟ କ୍ୱାଲିଫାୟର ମାଡିସନ ଇଂଲିଶଙ୍କୁ ଭେଟିଥାନ୍ତେ। ପେଟରେ ସମସ୍ୟା ଦେଖାଦେବାରୁ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ୪ଥର ଗ୍ରାଣ୍ଡସ୍ଲାମ ବିଜେତା ଏହି ୨୮ ବର୍ଷୀୟା କହିଛନ୍ତି, ଦୀର୍ଘକାଳୀନ ଚିକିତ୍ସା ପାଇଁ ନିଷ୍ପତ୍ତି ନେବା ପୂର୍ବରୁ ତାଙ୍କର ଅଧିକ ଡାକ୍ତରୀ ପରୀକ୍ଷାର ଆବଶ୍ୟକତା ରହିଛି।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

## ତୃତୀୟ ଟି୨୦ ଆଜି

ଗୁଆହାଟୀ, ୨୪।୧(ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ୍ ରବିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ୨ ମ୍ୟାଚ୍‌ରେ ବିଜୟୀ ହୋଇସାରିଥିବା ଭାରତ ଆସନ୍ତା ମ୍ୟାଚ୍ ଜିତି ୫ ମ୍ୟାଚବିଶିଷ୍ଟ ସିରିଜ୍‌କୁ ଆଗୁଆ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଗତ ମ୍ୟାଚ୍‌ରେ ଇଶାନ କିଶନ ଚମତ୍କାର ବ୍ୟାଟିଂକରି ୩୨ ବଲ୍‌ରୁ ୭୬ ରନ୍ ସଂଗ୍ରହ କରି ମ୍ୟାଚ୍ ବିଜେତା ହୋଇଥିଲେ। ଅନ୍ୟପକ୍ଷରେ ଗତ ୨ ମ୍ୟାଚ୍‌ରେ ଯଥାକ୍ରମେ ୧୦ ଓ ୬ ରନ କରିଥିବା ସଞ୍ଜୁ ସାମ୍‌ସନଙ୍କ ସଂଘର୍ଷ ଅବ୍ୟାହତ ରହିଛି। ତେଣୁ ଅଭିଷେକ ଶର୍ମାଙ୍କ ସହ କିଏ ଇନିଂସ ଓପନ୍ କରିବେ ତାହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। କାରଣ ଟି୨୦ ବିଶ୍ୱକପକୁ ଆଉ ମାତ୍ର ୨ ସପ୍ତାହ ବାକି ରହିଛି। ଏହା ମଧ୍ୟରେ ଭାରତ ଆଉ ୩ଟି ମ୍ୟାଚ୍ ଖେଳିବାକୁ ଅଛି। ଭାରତୀୟ ଟିମ୍ କମ୍ବିନେଶନ ପାଖାପାଖି ବ୍ୟବସ୍ଥିତ ହୋଇଥିବାବେଳେ ଏବେ ଓପ୍‌ନର ସ୍ଲଟ୍ ଉପରେ ନଜର ରହିଛି।

ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ସାମ୍‌ସନଙ୍କୁ ଓପ୍‌ନରଭାବେ ମନୋନୀତ କରାଯାଇଛି। ଗତବର୍ଷ ୫ ମ୍ୟାଚ୍‌ରୁ ସେ ୩ ଶତକ ହାସଲ କରିଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ତେବେ ସେ ଏପର୍ଯ୍ୟନ୍ତ ସୁଯୋଗର ସଦୁପଯୋଗ କରିପାରିନାହାନ୍ତି। ତେଣୁ ଆଗାମୀ ମ୍ୟାଚ୍‌ରେ ଯଦିଓ ଇନିଂସ୍ ଓପନ୍ କରନ୍ତି ତେବେ କର ଅବା ମର ସ୍ଥିତିର ସମ୍ମୁଖୀନ ହେବେ। ଦ୍ରୁତ ବୋଲରଙ୍କ ବିପକ୍ଷରେ ଖେଳିବାରେ ସେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ସେ ୫ଥର ଦ୍ରୁତ ବୋଲରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। କେବଳ ଜୋଫ୍ରା ଆର୍ଚରଙ୍କ ତାଙ୍କୁ ୩ ଥର ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟ ପଛରେ ମଧ୍ୟ ତାଙ୍କ ପ୍ରଦର୍ଶନରେ ସ୍ଥିରତା ରହୁନାହିଁ। ଗତ ମ୍ୟାଚ୍‌ରେ ଅର୍ଶଦୀପ ସିଂଙ୍କ ଏକ ୱାଇଡ୍ ୟର୍କର ବଲ୍‌କୁ ସେ ଠିକ୍‌ଭାବେ କଲେକ୍ଟ କରିପାରି ନ ଥିଲେ। ଅନ୍ୟପକ୍ଷରେ ସମାଲୋଚନାର ଶରବ୍ୟ ହୋଇଆସିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗତ ମ୍ୟାଚ୍‌ରେ ୩୭ ବଲ୍‌ରୁ ୮୨ ରନ୍ ସ୍କୋରକରି ସମାଲୋଚକଙ୍କ ମୁହଁ ବନ୍ଦ କରିଛନ୍ତି। ଏହା ପୂର୍ବ ୨୩ଟି ଟି୨୦ ଇନିଂସ୍‌ରେ ସେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଗତ ମ୍ୟାଚରେ ୧୦ ବଲ୍‌ରୁ ୧୦ ରନ୍ କରିଥିବା ସୂର୍ଯ୍ୟକୁମାର ଗିୟର ପରିବର୍ତ୍ତନ କରି ପରବର୍ତ୍ତୀ ୨୭ ବଲ୍‌ରୁ ୭୨ ରନ୍ ସଂଗ୍ରହ କରିବାରୁ ଭାରତ ୨୦୯ ରନ୍‌ର ଟାର୍ଗେଟ୍‌କୁ ୧୫.୨ ଓଭରରେ ଚେଜ୍ କରିପାରିଥିଲା। ତେବେ ଭାରତ ଏକଦା ୬ ରନ୍‌ରେ ୨ ଉଇକେଟ ହରାଇଥିବାବେଳେ ଇଶାନ କିଶନ ଇନିଂସ୍ ସମ୍ଭାଳି ୨୧ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିଶ୍ରାମ ପାଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରି ବୋଲିଂ ବିଭାଗର ନେତୃତ୍ୱ ନେଇପାରନ୍ତି।

ନ୍ୟୁଜିଲାଣ୍ଡ ପାଇଁ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହଜ ହେବନାହିଁ। ମିଚେଲ ସାଣ୍ଟନରଙ୍କ ଦଳ ରଣକୌଶଳ ପରିବର୍ତ୍ତନ କରି ଫର୍ମରେ ଥିବା ଡାରିଲ ମିଚେଲ୍‌ଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇପାରେ। ଖରାପ ଫିଲ୍ଡିଂ ମଧ୍ୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଆଗାମୀ ମ୍ୟାଚ୍‌ରେ ଏଥିରେ ସୁଧାର ଆଣିବାକୁ ନିଶ୍ଚିତ ଚାହିଁବ ବ୍ଲାକ୍ କ୍ୟାପ୍ ଦଳ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ସେମିରେ ରାମେଶ୍ୱର, ବାରିପଦା ଡିଆର୍‌କେ

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ଭଣ୍ଡାରିପୋଖରୀ, ୨୪।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଅଦ୍ୱୈତ ନାୟକ ମେମୋରିଆଲ ୧୯ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟଲାଭ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଓ ବାରିପଦା ଡିଆର୍‌କେ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ଭଦ୍ରକ ୟୁନିକ୍ ୧୧ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ୍ ହରାଇ ୧୯୦ ରନ୍ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ସ୍ୱାଙ୍ଗ କୁମାର ୬୫ ରନ୍, ସ୍ୱୟଂ ପଣ୍ଡା ୫୬ ଓ ଏମ୍‌ଜି ଗୋପାଇ ୫୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଗୌରବ ସିଂ ଓ ଆଲୋକ ବାରିକ ପ୍ରତ୍ୟେକ ୨ ଉଇକେଟ୍ ହାସଲ କରିଥିଲେ। ଜବାବରେ ଭଦ୍ରକ ୟୁନିକ୍ ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ବିଶ୍ୱ ମୁଦୁଲି ୪୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ବାବୁସାନ ମାଝୀ ୪ ଉଇକେଟ୍ ଓ ବିଶ୍ୱଜିତ ୩ ଉଇକେଟ୍ ହାସଲ କରିଥିଲେ। ସାରଂସ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଦ୍ୱିତୀୟାର୍ଦ୍ଧରେ ଗଜପତି ଆଜାଦ କ୍ରିକେଟ କ୍ଲବ୍ ଏକାଦଶ ଓ ବାରିପଦା ଡିଆର୍‌କେ କ୍ରିକେଟ କ୍ଲବ୍ ଏକାଦଶ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗଜପତି ୧୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୯ ରନ୍ କରିଥିଲା। ଦଳର ବ୍ୟାଟ୍ସମ୍ୟାନ୍ ହିମାଂଶୁ ସାହୁ ୨୮ ରନ୍ ଓ ଆଲୋକ ପ୍ରଧାନ ୧୬ ରନ୍ କରିଥିଲେ। ବିପକ୍ଷ ବୋଲର ପ୍ରୀତିପାଲ ସିଂ ଓ ଲୋକନାଥ ପ୍ରତ୍ୟେକ ୩ ଉଇକେଟ ଓ ମନୁ ରାମ ୨ ଉଇକେଟ ହାସଲ କରିଥିଲେ। ଜବାବରେ ବାରିପଦା ୧୬.୪ ଓଭରରେ ୬ ଉଇକେଟ୍ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ବିଶ୍ୱଜିତ ଜେନା ୩୩ ରନ୍ କରିଥିଲେ। ବିପକ୍ଷ ଦଳ ବୋଲର ବିକାଶ ପରିଡ଼ା ଓ ତାପସ ଲେଙ୍କା ୨ ଉଇକେଟ୍ ଲେଖାଏ ହାସଲ କରିଥିଲେ। ପ୍ରୀତିପାଲ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ରଞ୍ଜନ ମହାନ୍ତି ଓ ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ରାକେଶ ରଞ୍ଜନ ବୋଇତାଇ, ଜୟନ୍ତ ନାୟକ ଓ ପାର୍ଥ ମାଝୀ ସ୍କୋରର ଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ପ୍ରୀତିପାଲ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ସେମିରେ ସୁନ୍ଦରଗଡ଼ ନବଜୀବନ କ୍ଲବ

## ସର୍ବଭାରତୀୟ ଲାଲମନି କ୍ରିକେଟ

ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଲାଲମନି ସ୍ମାରକୀ କ୍ରିକେଟର ଷଷ୍ଠ ଦିବସରେ ଶନିବାର ସୁନ୍ଦରଗଡ଼ ନବଜୀବନ କ୍ଲବ ଓ ଝାଡଖଣ୍ଡ ରାଇଜିଙ୍ଗ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୨୬ ରନ କରିଥିଲେ। ଦଳ ପକ୍ଷରୁ ସୌରଭ ଚନ୍ଦା ୪୧ ବଲରେ ୬୭ ରନ, ବିଭାସ ସା ୩୦ ବଲରେ ୬୧ରନ, ଆଦିତ୍ୟ ଆନନ୍ଦ ୨୭ ବଲରେ ୫୨ରନ, ୱାଲଟର ଟପୋ ୧୭ ବଲରେ ୨୪ରନ କରିଥିଲେ। ଝାଡଖଣ୍ଡ ପକ୍ଷରୁ ଆକାଶ ସାହୁ ସର୍ବାଧିକ ୨ ଉଇକେଟ ହାସଲ କରିଥିଲେ। ଅନୁପ ଯାଦବ, ସାହିଲ ଶର୍ମା, କ୍ରିଷ୍ଣା ମାହାତୋ ଓ ରଞ୍ଜିତ ଅଗ୍ରୱାଲ ପ୍ରତ୍ୟେକ ୧ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଝାଡଖଣ୍ଡ ଦଳ ୧୮. ୫ ଓଭରରେ ୧୭୨ ରନ କରି ଅଲ ଆଉଟ ହୋଇଥିଲେ। ଦଳ ପକ୍ଷରୁ ରଣଜିତ ୪୩ ବଲରେ ୮୮ ରନ, ଅରୁଣ ଯାଦବ ୧୯ ବଲରେ ୨୭ ରନ ଓ ଅଜୟ ଭାସ୍କେ ୨୩ ବଲରେ ୨୪ ରନ କରିଥିଲେ। ସୁନ୍ଦରଗଡ ଦଳ ପକ୍ଷରୁ ମହମ୍ମଦ ଡେନିସ ସର୍ବାଧିକ ୫ ଉଇକେଟ, ଅଙ୍କିତ ସିଂ ଓ ଗୌତମ ସୁନା ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ମ୍ୟାଚକୁ ଆଇଡିବିଆଇ ବ୍ୟାଙ୍କ ମ୍ୟାନେଜର ଆଶୁତୋଷ ନାୟକ, ବାବୁଲାଲ ମେହେର ଓ ନିର୍ମଳ ନେଗୀ ଉଦ୍‌ଘାଟନ କରିଥିଲେ।

ଟି ୧୦ ମ୍ୟାଚରେ ସୁନ୍ଦରଗଡ଼ ଦଳ ୮ ଓଭରରେ ୯ ଉଇକେଟ ହରାଇ ୭୧ ରନ କରିଥିଲା। ଅମୋଦ ଯାଦବ ୧୦ ବଲରେ ୧୬ ରନ, ଆଦିତ୍ୟ ଆନନ୍ଦ ୬ବଲରେ ୧୨ ରନ କରିଥିଲେ। ଝାଡଖଣ୍ଡ ଦଳ ପକ୍ଷରୁ ଅରୁଣ ଯାଦବ ସର୍ବାଧିକ ୪ ଓ ରଣଜିତ ଅଗ୍ରୱାଲ ୩ ଉଇକେଟ ହାସଲ କରିଥିଲେ। ଜବାବରେ ଝାଡଖଣ୍ଡ ଦଳ ୮ ଓଭରରେ ୪ ଉଇକେଟ ହରାଇ ୭୨ ରନ କରି ମ୍ୟାଚ ବିଜୟୀ ହୋଇଥିଲେ। ରଣଜିତ ୧୭ ବଲରେ ଅପରାଜିତ ୩୩ ରନ, ବିଜୟ ରୋହିତ ୧୧ ବଲରେ ୧୫ ରନ, କ୍ରିଷ୍ଣା ମାହୋତା ୮ ବଲ ରେ ୧୧ ରନ କରିଥିଲେ। ସୁନ୍ଦରଗଡ଼ ପକ୍ଷରୁ ଦେବାଶିଷ ବାଗ ୨ ଉଇକେଟ ହାସଲ କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବା ପରେ ସୁପର ଓଭର ଖେଳାଯାଇଥିଲା। ଏଥିରେ ଝାଡଖଣ୍ଡ ଦଳ ମାତ୍ର ୩ ରନ କରିଥିଲେ। ଏହି ଲକ୍ଷ୍ୟକୁ ସହଜରେ ପୁରା କରି ସୁନ୍ଦରଗଡ ଦଳ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ସନ୍ତୋଷ ମେହେର ଓ ପୂର୍ବତନ କ୍ରିକେଟ ଖେଳାଳି କମଲେଶ ଶର୍ମା ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଝାଡଖଣ୍ଡର ଖେଳାଳି ରଣଜିତ ଅଗ୍ରୱାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ପୃଥ୍ୱିରାଜ ମିଶ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ବିଏସ ରାଓ, ଅଚ୍ୟୁତ ମିଶ୍ର, ପାର୍ଥ ସାରଥୀ ଦାଶ, ପ୍ରକାଶ ପାତ୍ର ଓ ବିନୋଦ ମହାକୁଡ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।



ଝାଡ଼ଖଣ୍ଡର ରଣଜିତ ଅଗ୍ରୱାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଭାରତୀୟ ମହିଳା ଟେଷ୍ଟ ଦଳ ଘୋଷିତ

ନୂଆଦିଲ୍ଲୀ, ୨୪।୧ (ପି.ଟି.)

ପର୍ଥଠାରେ ମାର୍ଚ୍ଚ ୬ରୁ ୯ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତର ବିଶ୍ୱକପ୍ ବିଜୟୀ ଷ୍ଟାର ଖେଳାଳି ପ୍ରତୀକା ରାୱଲଙ୍କ ସମେତ ବାମହାତି ସ୍ପିନର ବୈଷ୍ଣବୀ ଶର୍ମା ଓ ସିମର କ୍ରାନ୍ତି ଗୌଡ଼ଙ୍କୁ ପ୍ରଥମ ଥର ଟେଷ୍ଟ ଦଳରେ ସ୍ଥାନ ମିଳିଛି।

**ଭାରତ ମହିଳା ଟେଷ୍ଟ ଦଳ**

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଅମନଜୋତ କୌର, ରିଚା ଘୋଷ (ଉଇକେଟକିପର), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦିପ୍ତୀ ଶର୍ମା, ରେଣୁକା ଠାକୁର, ସ୍ନେହ ରାଣା, କ୍ରାନ୍ତି ଗୌଡ଼, ବୈଷ୍ଣବୀ ଶର୍ମା ଓ ସାୟଲି ସାତ୍‌ଘରେ।

# ଓଡ଼ିଶା ସମ୍ମୁଖରେ ୪୫୫ ବିଜୟ ଲକ୍ଷ୍ୟ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୨୪।୧(ତପନ ସ୍ୱାଇଁ)

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ସମ୍ମୁଖରେ ତାମିଲନାଡୁ ୪୫୫ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି। ଶନିବାର ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୪୭ ରନ୍ କରିଛି। ସ୍ୱସ୍ତିକ୍ ସାମଲ ୧୦ ଓ ଶାନ୍ତନୁ ମିଶ୍ର ଖାତା ଖୋଲି ନ ପାରି ଆଉଟ୍ ହୋଇଛନ୍ତି। ଅର୍ଥାତ୍ ହାତରେ ୮ ଉଇକେଟ ଥିବାବେଳେ ଓଡ଼ିଶା ରବିବାର ଅନ୍ତିମ ଦିବସରେ ଆହୁରି ୪୦୮ ରନ୍ ଆବଶ୍ୟକ କରୁଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ତାମିଲନାଡୁ ୨୮୬ ଏବଂ ଓଡ଼ିଶା ୧୪୮ ରନ୍ କରିଥିବାବେଳେ ତାମିଲନାଡୁ ଦ୍ୱିତୀୟ ଇନିଂସ୍‌ରେ ୩୧୬ ରନ୍ ସଂଗ୍ରହ କରିଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬/୧ରୁ ତାମିଲନାଡୁ ଖେଳିବା ଆରମ୍ଭ କରିଥିଲା। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଏହି ଦଳ ଓପ୍‌ନର ଏସ୍.ଆର. ଅତୀଶଙ୍କ ୮୮ ଏବଂ ଲୋୟର ଅର୍ଡରରେ ଆର. ସୋନୁ ଯାଦବଙ୍କ ୭୪ ରନ୍ ବଳରେ ଭଲ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଜି. ଅଜିତେଶ ୪୯ ଏବଂ ଅଧିନାୟକ ଆର. ସାଇ କିଶୋର ୪୦ ରନ୍‌ର ଉପଯୋଗୀ ଅବଦାନ ଦେଇଥିଲେ। ସୋନୁ ଓ ସାଇ ୮ମ ଉଇକେଟରେ ୧୦୨ ରନ୍‌ର ଭାଗୀଦାରି ଗଢ଼ିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବାଦଲ ବିଶ୍ୱାଳ ୩ଟି, ସମ୍ବିତ୍ ବରାଳ ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର ଓ ଶାନ୍ତନୁ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅତିକମ୍‌ରେ ମ୍ୟାଚ୍ ଡ୍ର ରଖିବାକୁ ହେଲେ ଓଡ଼ିଶା ବ୍ୟାଟରଙ୍କୁ ସତର୍କତାର ସହ ଅନ୍ତିମ ଦିବସସାରା ବ୍ୟାଟିଂ କରିବାକୁ ପଡ଼ିବ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୪୮। ତାମିଲନାଡୁ ଦ୍ୱିତୀୟ ଇନିଂସ: ୩୧୬ (ଏସ.ଆର. ଅତୀଶ-୮୮, ଆର. ସୋନୁ ଯାଦବ-୭୪, ଜି. ଅଜିତେଶ-୪୯, ଆର.ସାଇ କିଶୋର-୪୦, ବାଦଲ ବିଶ୍ୱାଳ-୩/୫୬, ସମ୍ବିତ୍ ବରାଳ-୨/୬୧, ବିପ୍ଳବ ସାମନ୍ତରାୟ-୨/୨୨, ଦେବବ୍ରତ ପ୍ରଧାନ-୧/୨୪, ଗୋବିନ୍ଦ ପୋଦ୍ଦାର-୧/୬୩, ଶାନ୍ତନୁ ମିଶ୍ର-୧/୩୪)। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୭/୨।

## ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍

# ଅଭିଜିତ୍ ଗୁପ୍ତା ଚାମ୍ପିୟନ




ଚାମ୍ପିୟନ ଅଭିଜିତ ଗୁପ୍ତାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୪।୧(ତପନ ସ୍ୱାଇଁ)

ସର୍ବଭାରତୀୟ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ୧୦ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଚାମ୍ପିୟନ ହୋଇଛନ୍ତି। ଭିଏତ୍‌ନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ ଡକ୍ ହୁଆ ଓ ଏନ୍‌ଗୁଏନ ଭାନ୍ ହୁଏ ଯଥାକ୍ରମେ ରନରଅପ୍ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରୁଷିଆ ଗ୍ରାଣ୍ଡମାଷ୍ଟର ବୋରିସ୍ ସେଭଚେଙ୍କୋ ଓ ଅନ୍ତର୍ଜାତୀୟ ମାଷ୍ଟର ଡେଭିଡ ଗୋଚେଲାସଭିଲି ଟପ୍-୫ ଫିନିଶ୍ କରିଛନ୍ତି। ଏ ସମସ୍ତ ଖେଳାଳି ୮ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୭ ପଏଣ୍ଟ ପାଇ ସର୍ବାଧିକ ୧୬ଶ ସ୍ଥାନରେ ରହିଛନ୍ତି।

### 'ସି' ବର୍ଗରେ ଓଡ଼ିଶାର ସୂରଜ ରନରଅପ୍

୧୭୦୦ ରେଟିଂକୁ କମ୍ 'ସି' ବର୍ଗରେ ଝାଡ଼ଖଣ୍ଡର ବୈଭବ ସାହା ଚାମ୍ପିୟନ ଏବଂ ଓଡ଼ିଶାର ସୂରଜ କୁମାର ମହାରଣା ରନରଅପ୍ ହୋଇଛନ୍ତି। ୯ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ବୈଭବ ୭ ଓ ସୂରଜ ୭.୫ ପଏଣ୍ଟ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ଦେବୀ ପ୍ରସାଦ ବିଶ୍ୱାଳ ୭.୫ ପଏଣ୍ଟ ପାଇଥିଲେ ମଧ୍ୟ ୯ମ ସ୍ଥାନରେ ରହିଛନ୍ତି।

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ପ୍ରତିଷ୍ଠିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ, ମଦର୍ସ ପବ୍ଲିକ୍ ସ୍କୁଲ ଚେୟାରମ୍ୟାନ୍ ପଲ୍ଲୀ ପଟ୍ଟନାୟକ, ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶା ସମ୍ପାଦକ ଅଭିଷେକ ମିତ୍ର, ରୋଟାରି କ୍ଲବ ଭୁବନେଶ୍ୱର ନୀଳାଦ୍ରିର ସଭାପତି ସୁଜିତ୍ କୁମାର ରାଉତ, ରାକେଶ ଦଳାଇ, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଅନ୍ତର୍ଜାତୀୟ ଆର୍ବିଟର କେପକୁମାର ଏମ୍.ଏସ୍., ମୁଖ୍ୟ ଆର୍ବିଟର ପଲ୍ ଆରୋକିଆରାଜ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସମ୍ପାଦକ କରୁଣାକର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ